ସାପ୍ତାହିକ
Postal Regd. No.: SBP/RN-01/2022-2024
The Sweekar ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.26 | Issue - 10 | 06 - 12 March 2022 | Sambalpur | Page-12 | Invitation Price Rs.10

# ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେଡିର ବିପୁଳ ବିଜୟ

ଭୁବନେଶ୍ୱର: ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅପ୍ରତିଦ୍ୱନ୍ଦୀ ଜନନେତା। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ରଣରେ ଏହା ପୁଣିଥରେ ପ୍ରମାଣିତ ହୋଇଛି । ନବୀନଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଓ ଦୁର୍ନୀତି ବିରୋଧୀ ପଦକ୍ଷେପ ଜନମାନସରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଗତ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ରାଜ୍ୟ ଶାସନ ସମ୍ଭାଳୁଥିବା ନବୀନଙ୍କ ଭାବମୂର୍ତ୍ତି ଏବେ ବି ଅମଳିନ ରହିଛି । ସହରଠୁ ଗାଁ ସବୁଠି ସେ ଅତ୍ୟନ୍ତ ଜନପ୍ରିୟ ନେତା ଭାବେ ନିଜକୁ ପ୍ରତିପାଦନ କରିପାରିଛନ୍ତି । ନବୀନଙ୍କ ଯାଦୁକରି ବ୍ୟକ୍ତିତ୍ୱ ଆଗରେ ବିରୋଧୀଙ୍କ କୌଣସି ରଣନୀତି କାମ ଦେଉନି । ଦୀର୍ଘ ବର୍ଷ ପରେ ମଧ ସେ ଜନମାନସରେ ଜଣେ ସର୍ବୋଚ୍ଚ ନେତା ହୋଇ ରହିଛନ୍ତି । ଦୁର୍ନୀତି ବିରୋଧୀ ଶାସନ, ସରଳ ଓ ନିରାଡ଼ମ୍ବର ଜୀବନ ତାଙ୍କୁ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇ ପାରିଛି । ତାଙ୍କ ମ୍ୟାଜିକ ଆଗରେ ପ୍ରମୁଖ ବିରୋଧୀ ଦଳ ନିଜର ସତ୍ତା ବଜାୟ ରଖିବାକୁ ସଂଘର୍ଷ କରୁଛନ୍ତି । ଯେତେ ଯାହା ରଣନୀତି ଆପଣାଇଲେ ମଧ ନବୀନଙ୍କ ଭାବମୂର୍ତ୍ତି ନିକଟରେ ବିରୋଧୀଙ୍କ ସମସ୍ତ ଉଦ୍ୟମ ଫେଲ୍ ମାରୁଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦେହାନ୍ତ ପରେ ନବୀନ ୧୯୯୭ ଡିସେମ୍ବର ୨୬ ତାରିଖରେ ବିଜୁ ଜନତା ଦଳ ସ୍ଥାପନ କରିଥିଲେ । ନିଜର ଲୋକପ୍ରିୟତା ପାଇଁ କଂଗ୍ରେସକୁ ହଟାଇ ସେ ୨୦୦୦ ମସିହାରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ । ସେବେଠାରୁ ଏ ପର୍ଯ୍ୟନ୍ତ ନବୀନଙ୍କ ବିଜୟଯାତ୍ରା ଜାରି ରହିଛି । ଏହି ଦୀର୍ଘ ସମୟ ଭିତରେ ଅନେକ ଝଡ଼ଝଞ୍ଜା ଆସିଥିଲେ ମଧ ନବୀନଙ୍କ ପ୍ରତିଭା ନିକଟରେ ସେସବୁ ଫିକା ପଡ଼ିଯାଇଛି । ନିଜର ଶାସନଶୈଳୀ ଯୋଗୁଁ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ସ୍ଥାନ ଦେବାରେ ସଫଳ ହୋଇଛନ୍ତି । ଏଥିପାଇଁ ଗାଁଗହଳିରେ ମତଦାତା ସ୍ଥାନୀୟ ପ୍ରତିନିଧିଙ୍କୁ ବାଛିବା ବେଳେ ନବୀନଙ୍କ ମୁହଁକୁ ଦେଖି ଭୋଟ ଦେଉଛନ୍ତି ।



ସଦ୍ୟ ସମାପ୍ତ ରାଜ୍ୟର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହୋଇଥିବା ୮୫୨ଟି ଜିଲ୍ଲା ପରିଷଦ ଜୋନ୍ ମଧରୁ ଶାସକ ବିଜୁ ଜନତା ଦଳ ସର୍ବାଧିକ ୭୬୬ଟି ଜୋନ୍ ହାତେଇଛି । ୭୬୫ଟି ଆସନ ପ୍ରତ୍ୟକ୍ଷ ଭାବେ ବିଜେଡି ପ୍ରାର୍ଥୀମାନେ ଜିତିଥିବା ବେଳେ ଜଣେ ପ୍ରାର୍ଥୀ ପୂର୍ବରୁ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇ ସାରିଥିଲେ । ଅନୁରୂପ ଭାବେ ମୁଖ୍ୟ ବିରୋଧୀ ବିଜେପି ମାତ୍ର ୪୨ ଓ କଂଗ୍ରେସ ୩୭, ସ୍ୱାଧିନ ୩, ଜେଏମ୍ଏମ୍-୩ ଏବଂ ସିପିଆଇ(ଏମ୍) ଗୋଟିଏ ଜିଲ୍ଲା ପରିଷଦ ଜୋନ୍ ହାତେଇବାରେ ସକ୍ଷମ ହୋଇଛି । ନିର୍ବାଚନୀ ସଫଳତାରେ ବିଜେଡି ପୂର୍ବର ସମସ୍ତ ରେକର୍ଡକୁ ଭାଙ୍ଗିଛି । ସାମଗ୍ରିକ ଭାବେ ବିଜେଡି କୋଟିଏରୁ ଅଧିକ ଗ୍ରାମାଞ୍ଚଳ ଭୋଟ ପାଇଛି ।

ନିର୍ବାଚନ କମିସନଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ତ୍ରି-ସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୨ କୋଟି ୧୦ ଲକ୍ଷ ୨୮ ହଜାର ୪୦୩ ଖଣ୍ଡ ଭୋଟ ପଡ଼ିଥିଲା । ତନ୍ମଧରୁ ଶାସକ ବିଜେଡି ଏକାକୀ ୧ କୋଟି ୧୦ ଲକ୍ଷ ୮୯ ହଜାର ୭୧୨ ଖଣ୍ଡ ଭୋଟ ପାଇଛି । ବିରୋଧୀ ବିଜେପି ୬୩ ଲକ୍ଷ ୨୩ ହଜାର ୭୪୬, କଂଗ୍ରେସ ୨୮ ଲକ୍ଷ ୫୪ ହଜାର ୩୯୮, ସ୍ୱାଧୀନ ପ୍ରାର୍ଥୀମାନେ ୨ ଲକ୍ଷ ୮୧ହଜାର ୨୧୩ ଏବଂ ଅନ୍ୟାନ୍ୟ ରାଜନୈତିକ ଦଳ ମିଳିତ ଭାବେ ମାତ୍ର ୪ ଲକ୍ଷ ୭୯ ହଜାର ୩୩୪ ଖଣ୍ଡ ଭୋଟ ପାଇଛନ୍ତି । ୪ଟି ଜିଲ୍ଲାରେ ବିଜେଡି ସମ୍ପୂର୍ଣ୍ଣ କ୍ଲିନ ସୁଇପ୍ କରିଛି । ଏହି ଜିଲ୍ଲା ଗୁଡ଼ିକ ହେଉଛି ଭଦ୍ରକ, ଦେବଗଡ଼, ଯାଜପୁର ଏବଂ ଝାରସୁଗୁଡ଼ା । ସମସ୍ତ ଜିଲ୍ଲାରେ ବିଜେଡି ଅକ୍ଲେଶରେ ଜିଲ୍ଲା ପରିଷଦ ଗଠନ କରିବାକୁ ଯାଉଛି । ରାଜ୍ୟର ମୁଖ୍ୟ ବିରୋଧୀ ଦଳ ବିଜେପି ୧୦ଟି ଜିଲ୍ଲାରେ ଖାତା ଖୋଲି ପାରିନାହିଁ । ଭଦ୍ରକ, ଦେବଗଡ଼, ଜଗତସିଂହପୁର, ଯାଜପୁର, ଝାରସୁଗୁଡ଼ା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ ଏବଂ ରାୟଗଡ଼ାରେ ଦଳକୁ ଗୋଟିଏ ବି ଆସନ ମିଳିନାହିଁ । ଏକଦା ରାଜ୍ୟକୁ ଶାସନ କରୁଥିବା କଂଗ୍ରେସ ମଧ ୧୮ଟି ଜିଲ୍ଲାରେ ଖାତା ଖୋଲିପାରିନାହିଁ । ଅନୁଗୁଳ, ଭଦ୍ରକ, ବରଗଡ଼, ବୌଦ୍ଧ, କଟକ, ଢେଙ୍କାନାଳ, ଦେବଗଡ଼, ଜଗତସିଂହପୁର, ଯାଜପୁର, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ, ନୟାଗଡ଼, ପୁରୀ, ସମ୍ବଲପୁର, ଏବଂ ସୁନ୍ଦରଗଡ଼ କଂଗ୍ରେସ ଗୋଟିଏ ବି ଆସନ ପାଇନାହିଁ ।

ବିଜେଡି ଅନୁଗୁଳ ଜିଲ୍ଲାରୁ ୨୭, ବାଲେଶ୍ୱରରୁ ୩୯, ବରଗଡ଼ ୨୬, ଭଦ୍ରକ ୨୮, ବଲାଙ୍ଗୀର ୨୬, ବୌଦ୍ଧ ୭, କଟକ ୪୫, ଦେଓଗଡ଼ ୭, ଢେଙ୍କାନାଳ ୨୬, ଗଜପତି ୧୧, ଗଞ୍ଜାମ ୬୭, ଜଗତସିଂହପୁର ୨୫, ଯାଜପୁର ୩୯, ଝାରସୁଗୁଡ଼ା ୯, କଳାହାଣ୍ଡି ୩୩, କନ୍ଧମାଳ ୧୩, କେନ୍ଦ୍ରାପଡ଼ା ୩୧, କେନ୍ଦୁଝର ୩୩, ଖୋର୍ଦ୍ଧା ୨୮, କୋରାପୁଟ ୧୬, ମାଲକାନଗିରି ୧୨, ମୟୂରଭଞ୍ଜ ୫୩, ନବରଙ୍ଗପୁର ୨୪, ନୟାଗଡ଼ ୨୨, ନୂଆପଡ଼ା ୧୨, ପୁରୀ ୩୦, ରାୟଗଡ଼ା ୧୬, ସମ୍ବଲପୁର ୧୬, ସୁବର୍ଣ୍ଣପୁର ୧୧ ଏବଂ ସୁନ୍ଦରଗଡ଼ ରୁ ୩୩ଟି ଆସନ ହାତେଇ ପାରିଛି । ବିଜେପି ପାଇଥିବା ୪୨ଟି ଆସନ ମଧରୁ ବରଗଡ଼ ଜିଲ୍ଲାରୁ ସର୍ବାଧିକ ୭, ବାଲେଶ୍ୱର ଓ ବଲାଙ୍ଗୀରରୁ ୪ଟି ଲେଖାଏଁ ଆସନ ପାଇଛି । ସେହିପରି ଅନୁଗୁଳ, କଟକ, ଢେଙ୍କାନାଳ, ଗଜପତି, କେନ୍ଦ୍ରାପଡ଼ା, ନୟାଗଡ଼, ନୂଆପଡ଼ା, ସୁବର୍ଣ୍ଣପୁର ଏବଂ ସୁନ୍ଦରଗଡ଼ରୁ ଗୋଟିଏ ଲେଖାଏଁ ଆସନ ହାସଲ କରିପାରିଛି । ଏହା ବ୍ୟତୀତ ବୌଦ୍ଧ, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, ଖୋର୍ଦ୍ଧା ଏବଂ ସମ୍ବଲପୁରରେ ୨ଟି ଲେଖାଏଁ ଆସନ ପାଇଛି । ସେହିପରି ପୁରୀ ଓ କେନ୍ଦୁଝରରେ ବିଜେପି ୩ଟି ଲେଖାଏଁ ଆସନ ହାତେଇ ପାରିଛି । କଂଗ୍ରେସ କୋରାପୁଟ ଜିଲ୍ଲାରୁ ୧୨, ରାୟଗଡ଼ାରୁ ୬, ବଲାଙ୍ଗୀରରୁ ୪, ବାଲେଶ୍ୱର ଓ ଗଜପତିରୁ ୨ଟି ଲେଖାଏଁ ଆସନ ହାତେଇପାରିଛି । ସେହିପରି ଜଗତସିଂହପୁର, କଳାହାଣ୍ଡି, ନବରଙ୍ଗପୁର ଏବଂ ସୁବର୍ଣ୍ଣପୁରରୁ ଗୋଟିଏ ଲେଖାଏଁ ଆସନ ହାତେଇ ପାରିଛି । କେତେକ ଜୋନ୍‌ରେ ବିଜେଡି ପ୍ରାର୍ଥୀମାନେ ନିଜ ନିଜ ନିକଟତମ ପ୍ରତିଦ୍ୱନ୍ଦୀଙ୍କ ଠାରୁ ୧୬ ହଜାରୁ ଅଧିକ ଭୋଟରେ ଜିତିଥିବା ଲକ୍ଷ୍ୟ କରାଯାଇଛି ।

## ଝାରସୁଗୁଡ଼ା ଜିଲ୍ଲାରେ ନବ ଦାସଙ୍କ ମ୍ୟାଜିକ୍ ପୁଣି କାମକଲା

ଝାରସୁଗୁଡ଼ା : ଝାରସୁଗୁଡ଼ା ଜିଲ୍ଲାରେ ପୂର୍ବରୁ ପଞ୍ଚାୟତ ନିର୍ବାଚନରେ ନିଜର ଆଧିପତ୍ୟ ବିସ୍ତାର କରି ଆସୁଥିବା କଂଗ୍ରେସ ଦଳକୁ ଏଥର ପରାଜୟର ସ୍ୱାଦ ଚାଖିବାକୁ



ପଡ଼ିଛି । ବିଜେଡି ଏଠାରେ ଏକ ବଡ଼ ଶକ୍ତି ଭାବରେ ଉଭା ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ବିଜେପି ରହିଛି । କଂଗ୍ରେସ ମାତ୍ର ଅଳ୍ପ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛି । ଜିଲ୍ଲାର ମୋଟ୍ ୯ଟା ଜିଲ୍ଲା ଆସନରୁ ସମସ୍ତ ଆସନ ବିଜେଡିକୁ ଯାଇଛି ।

ଦିନ ଥିଲା ଝାରସୁଗୁଡ଼ା ଜିଲ୍ଲାରେ କଂଗ୍ରେସକୁ ଟକ୍କର ଦେବା କାଠିକର ପାଠ ହୋଇ ପଡ଼ିଥିଲା । ବିଜେଡି ନେତୃତ୍ୱ ନେଇଥିବା ସ୍ୱର୍ଗତ କିଶୋର ମହାନ୍ତି କଂଗ୍ରେସଠାରୁ ନିଜେ ପରାଜୟ ବରଣ କରୁଥିବା ବେଳେ ପଞ୍ଚାୟତ ନିର୍ବାଚନରେ ମଧ ପରାଜିତ ହେଉଥିଲେ । କଂଗ୍ରେସ ଦଳ ଜିଲ୍ଲା ପରିଷଦ ଗଠନ କରୁଥିବା ବେଳେ ସବୁ ପଞ୍ଚାୟତ ସମିତିରେ ମଧ କଂଗ୍ରେସ କ୍ଷମତାସୀନ ହେଉଥିଲା । ଏଥର କିନ୍ତୁ କଂଗ୍ରେସ ତୃତୀୟ ସ୍ଥାନକୁ ଆସି ଯାଇଛି । ବିଧାୟକ ନବ ଦାସ ସାରା ଜିଲ୍ଲାରେ କଂଗ୍ରେସ ସଂଗଠନକୁ ମଜଭୁତ କରି ରଖିଥିବା କୁହାଯାଉଥିବା ବେଳେ ଏହି କଂଗ୍ରେସ ଗଡ଼କୁ ଭାଙ୍ଗିବା ପାଇଁ ବିଜେଡି ବାରମ୍ବାର ଅସଫଳ ହୋଇ ଶେଷରେ ନବ ଦାସଙ୍କୁ ବିଜେଡି ଦଳକୁ ନେଇ ଯାଇଥିଲା । ନବ ବିଜେଡିରେ ମିଶିବା ପରେ କଂଗ୍ରେସରରେ ଥିବା ତାଙ୍କର ସମସ୍ତ ସମର୍ଥକ ଓ ଅନୁଗାମୀ ମଧ ବିଜେଡିରେ ସାମିଲ ହୋଇ ଯାଇଥିଲେ । ଚଳିତ ପଞ୍ଚାୟତ ନିର୍ବାଚନରେ ବିଜେଡିକୁ ବିଜୟୀ କରି ନବ ପୁଣି ଥରେ ତାଙ୍କର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି । ଯେଉଁ କଂଗ୍ରେସ ବିଜେଡିକୁ ମାତ ଦେଉଥିଲା ଏଥର ବିଜେପିଠାରୁ ମଧ ବହୁ ତଳେ ତାର ପ୍ରଦର୍ଶନ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।

## ହେମାନନ୍ଦ ବିଶ୍ୱାଳଙ୍କ ପ୍ରତି ରାଜ୍ୟ ସରକାରଙ୍କ ଅସମ୍ମାନ !

ସମ୍ବଲପୁର: ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀମାନେ ମୃତ୍ୟୁବରଣ କଲେ ରାଜ୍ୟ ସରକାର ୭ ଦିନ ପାଇଁ ଶୋକପାଳନ କରିବା ସାଙ୍ଗକୁ ଦିନେ ସରକାରୀ ଅଫିସ୍ ଓ ଶିକ୍ଷାନୁଷ୍ଠାନ ଗୁଡିକ ଛୁଟୀ ଘୋଷଣା କରିବାର ନଜିର ରହିଥିଲେ ମଧ ହେମାନନ୍ଦ ବିଶ୍ୱାଳଙ୍କ କ୍ଷେତ୍ରରେ ରାଜ୍ୟ ସରକାର ଏହା କରି ନ ଥିବାରୁ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଶ୍ରୀ ବିଶ୍ୱାଳ ମୃତ୍ୟୁବରଣ କରିବା ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରେ ଥିଲେ ମଧ ଏବଂ ତାଙ୍କ ଶବକୁ ବିଧାନସଭା ଗୃହକୁ ନିଆଯାଇଥିଲେ ବି ମୁଖ୍ୟମନ୍ତ୍ରୀ ତାଙ୍କ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ଉଚିତ ମଣି ନ ଥିବା ଘଟଣା ସ୍ୱର୍ଗତ ବିଶ୍ୱାଳଙ୍କ ପ୍ରତି ଅସମ୍ମାନ ବୋଲି କୁହାଯାଉଛି । ହେମାନନ୍ଦ ବିଶ୍ୱାଳ ରାଜ୍ୟର ପ୍ରଥମ ଆଦିବାସୀ ମୁଖ୍ୟମନ୍ତ୍ରୀ ସାଙ୍ଗକୁ ଦୁଇଥର ଏହି ପଦବୀ ଅଳଙ୍କୃତ କରିଥିଲେ ମଧ ରାଜ୍ୟ ସରକାର ତାଙ୍କ ମୃତ୍ୟୁପରେ ତାଙ୍କୁ ସମ୍ମାନ ଦେବା ଘଟଣାରେ ଅବହେଳା କରିବା ଘଟଣାର ବିଭିନ୍ନ ମହଲରେ ତୀବ୍ର ନିନ୍ଦା କରାଯାଇଛି । ସ୍ୱର୍ଗତ ବିଶ୍ୱାଳ ପଶ୍ଚିମ ଓଡ଼ିଶା ଏବଂ ଜଣେ ଆଦିବାସୀ ହୋଇଥିବାରୁ ତାଙ୍କ ପ୍ରତି ରାଜ୍ୟ ସରକାର ଏଭଳି ଅସମ୍ମାନ ପ୍ରଦର୍ଶନ କରିଥିବା ସମ୍ମିଳିତ ଆଦିବାସୀ ସମାଜ ପକ୍ଷରୁ ଅଭିଯୋଗ କରାଯାଇଛି ।

କଂଗ୍ରେସର ରାଜ୍ୟ ପ୍ରଭାରୀ ସାଂସଦ ଚେଲ୍ଲାକୁମାର ଏହି ଘଟଣାରେ କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ



ତଥା ବରିଷ୍ଠ କଂଗ୍ରେସ ନେତା ହେମାନନ୍ଦ ବିଶ୍ୱାଳଙ୍କ ପରଲୋକ ପରେ ତାଙ୍କୁ ଯେଭଳି ରାଷ୍ଟ୍ରୀୟ ମର୍ଯ୍ୟାଦା ମିଳିବା କଥା ତାହା ମିଳି ପାରିନାହିଁ । ରାଜ୍ୟ ସରକାର ଏ ଦିଗରେ ଅବହେଳା କରିଛନ୍ତି । କେବଳ ଏକ ଶବ ବାହକ ଯାନ ଯୋଗାଇ ଦେଇ ନିଜ ଦାୟିତ୍ୱ ସରକାର ଶେଷ କରିଥିଲେ । ରାଜ୍ୟର ପ୍ରଥମ ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଯେତିକି ସମ୍ମାନ ଦେବା କଥା ତାହା ହୋଇ ପାରିନାହିଁ । ଆଦିବାସୀ ନେତା ହୋଇ ଥିବାରୁ ନା ଅନ୍ୟ କେଉଁ କାରଣରୁ ସରକାର ଏଭଳି କଲେ ତାହା ତାଙ୍କୁ ଜଣାନାହିଁ ବୋଲି ସେ କହିଛନ୍ତି ।

ସେହିପରି ସମ୍ମିଳିତ ଆଦିବାସୀ ସମାଜ ମୁଖ୍ୟ ଉପଦେଷ୍ଟା ତଥା ଅଖିଳ ଭାରତୀୟ ଗଣ୍ଡମାଳା ଗୌଣ୍ଡ ମହାସଭା ରାଜ୍ୟ ସଭାପତି ମହେନ୍ଦ୍ର ନାଏକ କହିଛନ୍ତି ଯେ, ଶ୍ରୀ ବିଶ୍ୱାଳ ତାଙ୍କର ଜୀବନକାଳ ମଧରେ ପ୍ରଥମେ ଶିକ୍ଷା କ୍ଷେତ୍ରରେ ଯୋଗଦେଇ ଶିକ୍ଷାର ମାନ ବଢାଇବା ପାଇଁ ଅନୁନ୍ନତ ଅଞ୍ଚଳରେ ଅନେକ କାର୍ଯ୍ୟ କରିଥିଲେ । ତେବେ ରାଜନୀତି କ୍ଷେତ୍ରରେ ଦୀର୍ଘ ପାଞ୍ଚ ଦଶନ୍ଧି ଧରି ଆଦିବାସୀଙ୍କ ସେବାକରି ସେ ୬ଥର ବିଧାୟକ ଓ ଥରେ ସାଂସଦ ନିର୍ବାଚିତ ହୋଇ ପଶ୍ଚିମ ଓଡ଼ିଶାକୁ ନେତୃତ୍ୱ ଦେଇଥିଲେ । ତାଙ୍କ ଭଳି ବ୍ୟକ୍ତିତ୍ୱଙ୍କ ସମ୍ମାନରେ ରାଜ୍ୟ ସରକାରଙ୍କ ପକ୍ଷରୁ ଶୋକ ପାଳନ ବା ଶୋକସଭା ଆୟୋଜନ କରାଯାଇ ନାହିଁ । ଅନ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ମରଣୋତ୍ତର ସମ୍ମାନ ପ୍ରଦାନ ସ୍ୱରୂପ ୭ ଦିନ ପାଇଁ ଶୋକ ଦିବସ ପାଳନ କରାଯାଇଥାଏ । ଏହାକୁ ଆଦିବାସୀ ସମାଜ ପ୍ରତି ପାତରଅନ୍ତର ନୀତି ବୋଲି ଶ୍ରୀ ନାଏକ କହିଛନ୍ତି ।

## ଏ ସଂଖ୍ୟାରେ..



ସ୍ୱାସ୍ଥ୍ୟ ପାଇଁ ଭଲ ସପୁରୀ



ଗୁଣକାରୀ ବେଲପତ୍ର



ଓଜନ କମାଇବ କଲରା



ଦେହକୁ ହିତ କଦଳୀ



ଗଜାମୁଗର ଉପକାରିତା

# ସମ୍ବଲପୁର ଜିଲ୍ଲାରେ ବିଜେଡ଼ିର ଅଭୁତପୂର୍ବ ସଫଳତା

ସମ୍ବଲପୁର : ବିଜେପିର ଦୁର୍ଗ ରୂପେ ବିବେଚନା କରାଯାଉଥିବା ସମ୍ବଲପୁର ଜିଲ୍ଲାକୁ ପଞ୍ଚାୟତ ନିର୍ବାଚନରେ ବିଜେଡି ଅକ୍ତିଆର କରି ନେଇଛି । ସମ୍ବଲପୁର ଜିଲ୍ଲା ପରିଷଦ ନିର୍ବାଚନର ଇତିହାସକୁ ଦେଖିଲେ ଏପର୍ଯ୍ୟନ୍ତ ୨ଥର ବିଜେପି, ୨ ଥର କଂଗ୍ରେସ ଏବଂ ଥରେ ବିଜେଡି ଜିଲ୍ଲା-ପରିଷଦ ଗଠନ କରିଛି । ବିଜେଡି ଏଥର ଦ୍ୱିତୀୟ ଥର ପାଇଁ ଜିଲ୍ଲା ପରିଷଦ ଗଠନ କରିବା ସହିତ ଉଭୟ ଦଳର ଉକ୍ତ ରେକର୍ଡ ସହିତ ସମକକ୍ଷ ହେବାକୁ ଯାଉଛି । ୧୯୯୭ ମସିହା ପ୍ରଥମ ଜିଲ୍ଲା ପରିଷଦ ନିର୍ବାଚନରେ ବିଜେପି, ୨୦୦୨ ମସିହା ଓ ୨୦୦୭ ମସିହା ନିର୍ବାଚନରେ କଂଗ୍ରେସ, ୨୦୧୨ ମସିହା ନିର୍ବାଚନରେ ବିଜେଡି ଏବଂ ୨୦୧୭ ମସିହା ନିର୍ବାଚନରେ ବିଜେପି ସଂଖ୍ୟା ଗରିଷ୍ଠତା ହାସଲ କରିବା ସହ ଜିଲ୍ଲା ପରିଷଦ ଗଠନ କରିଥିଲା । ୨୦୧୨ ମସିହା ନିର୍ବାଚନରେ ସର୍ବମୋଟ ୧୯ଟି ଜିଲ୍ଲା ପରିଷଦ ଜୋନ୍ ରହିଥିବା ବେଳେ ବିଜେଡି ସର୍ବାଧିକ ୧୦ଟି ଆସନରୁ ବିଜୟୀ ହୋଇଥିଲା । ସେତେବେଳେ ବିଜେପିର ଜଣେ ମାତ୍ର ପ୍ରାର୍ଥୀ ରମେଶ ପ୍ରଧାନ ବିଜୟୀ ହୋଇଥିବା ବେଳେ କଂଗ୍ରେସକୁ ୮ଟି ଆସନ ମିଳିଥିଲା । ବିଜେଡିର ଶୋଭାଗିନୀ ନାୟକ ଜିଲ୍ଲା ପରିଷଦ ସଭାପତି ହୋଇଥିଲେ । ମାନେଶ୍ୱର ଓ ଧନକଉଡ଼ା ବ୍ଲକର ସର୍ବମୋଟ ୧୨ଟି ପଞ୍ଚାୟତ ସମ୍ବଲପୁର ମହାନଗର ନିଗମରେ ମିଶିବା ପରେ ସମ୍ବଲପୁର ଜିଲ୍ଲାରେ ଜିଲ୍ଲା ପରିଷଦ ଜୋନ୍ ସଂଖ୍ୟା ହ୍ରାସ ପାଇ ୧୮କୁ ଖସି ଆସିଥିଲା । ୨୦୧୭ ମସିହାରେ ବିଜେଡିକୁ ମାତ୍ର ୫ଟି ଆସନ ମିଳିଥିଲା ବେଳେ ବିଜେପି ସର୍ବାଧିକ ୧୩ଟି ଆସନ ପାଇ ଜିଲ୍ଲା ପରିଷଦ ଗଠନ କରିଥିଲା । ତେବେ, ୨୦୨୨ ମସିହାରେ ନିର୍ବାଚନରେ ଏଥର ବିଜେଡିକୁ ବହୁତ ବଡ଼ ସଫଳତା ମିଳିଛି । ୧୮ଟି ଜିଲ୍ଲା ପରିଷଦ ଜୋନରୁ ବିଜେଡି ଏଥର ୧୬ଟି ଜୋନ୍‌ରେ ବିଜୟୀ ହୋଇଛି । ୨୦୧୨ ମସିହାରେ ଇଂ.ରୋହିତ ପୂଜାରୀ ବିଜେଡି ଜିଲ୍ଲା ସଭାପତି ଥିଲେ । ୨୦୧୭ ମସିହା ପଞ୍ଚାୟତ ନିର୍ବାଚନ ଭଳି ୨୦୧୯ ବିଧାନସଭା ଓ ଲୋକସଭା ନିର୍ବାଚନରେ ମଧ ବିଜେପି ସମ୍ବଲପୁର ଜିଲ୍ଲାରେ ନିଜର ସଫଳତା ଦୋହରାଇଥିଲା । ଜିଲ୍ଲାର ୪ଟି ବିଧାନସଭା ଆସନ ମଧରୁ ୨ଟି ଆସନରୁ ବିଜେପି ପ୍ରାର୍ଥୀ ବିଜୟୀ ହୋଇଥିଲେ । ସମ୍ବଲପୁର ଲୋକସଭା ଆସନକୁ ବି ବିଜେପି ଅକ୍ତିଆର କରିନେଇଥିଲା । ବିଜେପି ସମ୍ବଲପୁର ଜିଲ୍ଲାକୁ ନିଜ ଗଡ଼ରେ ପରିଣତ କରିଦେଇଥିଲା କହିଲେ ଭୁଲ୍ ହେବ ନାହିଁ । ଏଭଳି ସ୍ଥିତିରେ ସମ୍ବଲପୁର ଜିଲ୍ଲାକୁ ନେଇ ବିଜେଡି ବେଶ୍ ଚିନ୍ତିତ ରହିଥିଲା । କୌଣସି ହିସାବରେ ବି ବିଜେଡି ଏଥର ହାତଛଡ଼ା କରିବାକୁ ଚାହିଁ ନ ଥିଲା । ବିଜେଡି ରାଜ୍ୟ ସଂଗଠନ ସଂପାଦକ ପ୍ରଣବ ପ୍ରକାଶ ଦାସ ବାରମ୍ବାର ସମ୍ବଲପୁର ଜିଲ୍ଲା ଗସ୍ତ କରିଥିଲେ । ଏପଟେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ଓ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂହ ମଧ ଘନ ଘନ ସମ୍ବଲପୁର ଜିଲ୍ଲା ଆସୁଥିଲେ । ରେଢ଼ାଖୋଲରେ ବିଧାୟକ ଇଂ.ରୋହିତ ପୂଜାରୀ ଏକାକୀ ନିଜ ଦମ୍ଭରେ ଲଢ଼ିଥିଲେ । ପ୍ରଥମ ଦୁଇଟି ପର୍ଯ୍ୟାୟରେ ରେଢ଼ାଖୋଲ ବିଧାନସଭା କ୍ଷେତ୍ରର ନିର୍ବାଚନ ଶେଷ ହେବା ପରେ ବିଧାୟକ ରୋହିତ ଜିଲ୍ଲାର ଅନ୍ୟ ଅଂଚଳରେ ନିର୍ବାଚନ ପ୍ରଚାରରେ ମାତିଥିଲେ । ବିଜେଡିର ଏଭଳି ମିଳିତ ଯୋଜନାର ପରିଣାମ ବିଜେପିକୁ ଧରାଶାୟୀ କରିଦେଇଛି । ବିଜେପିର ୨ ଜଣ ବିଧାୟକ ଜୟ ନାରାୟଣ ମିଶ୍ର, ନାଉରୀ ନାୟକ, ଜିଲ୍ଲା ପରିଷଦ ସଭାପତି ରାଧେଶ୍ୟାମ ବାରିକଙ୍କ ରଣନୀତି କାମ ଦେଇ ନ ଥିଲା । କଂଗ୍ରେସ ଗତ ଥରର ବିଫଳତା ଏଥର ପୁଣି ଦୋହରାଇଛି ।

## ହାରିଲେ ରାଧେଶ୍ୟାମ ବାରିକ

ସମ୍ବଲପୁର : ବର୍ତ୍ତମାନ ସମ୍ବଲପୁର ଜିଲ୍ଲା ପରିଷଦ ସଭାପତି ଥିବା ରାଧେଶ୍ୟାମ ବାରିକଙ୍କୁ ଏଥର ପରାଜୟର ସ୍ୱାଦ ଚାଖିବାକୁ ପଡ଼ିଛି । ରେଙ୍ଗାଲି ଜୋନ୍-୨ ରୁ ପ୍ରତିଦ୍ୱନ୍ଦିତା କରୁଥିବା ରାଧେଶ୍ୟାମ ବାରିକ ଏଥର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ପୂର୍ବତନ ସୈନିକ ଦେନାରାୟଣ ତିୱାରୀଙ୍କଠାରୁ ବିଶାଳ ଭୋଟ ବ୍ୟବଧାନରେ ପରାଜିତ ହୋଇଛନ୍ତି । ରାଧେଶ୍ୟାମ ପୂର୍ବରୁ ମାନେଶ୍ୱର ପଞ୍ଚାୟତ ସମିତି ଅଧକ୍ଷ ମଧ ରହିଥିଲେ । ଏଥର ତାଙ୍କ ଆସନ ଅନ୍ୟ ବର୍ଗର ଲୋକଙ୍କ ପାଇଁ ସଂରକ୍ଷିତ ରହିବାରୁ ସେ ମାନେଶ୍ୱର ବଦଳରେ ରେଙ୍ଗାଲି ବ୍ଲକରୁ ନିର୍ବାଚନ ଲଢ଼ିଥିଲେ ।

## ବିଦାୟୀ ଜିଲ୍ଲା ପରିଷଦ ଅଧକ୍ଷା ବିଜେପି ପ୍ରାର୍ଥୀ ମୁକ୍ତା ସାହୁ ପରାଜିତ

ବରଗଡ଼ : ବିଦାୟୀ ବରଗଡ଼ ଜିଲ୍ଲା ପରିଷଦ ଅଧକ୍ଷା ତଥା ବରଗଡ଼ ଜିଲ୍ଲା ପରିଷଦ ଜୋନ ୧ରୁ ବିଜେପି ପ୍ରାର୍ଥୀ ରୂପେ ନିର୍ବାଚନ ଲଢୁଥିବା ମୁକ୍ତା ସାହୁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡି ପ୍ରାର୍ଥୀ ପୃଷ୍ପା ଭୋଇଙ୍କଠାରୁ ପରାଜିତ ହୋଇଛନ୍ତି । ମୁକ୍ତାଙ୍କ ବିଜୟ ନିଶ୍ଚିତ କରିବା ପାଇଁ ବିଜେପି ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲା । ତାଙ୍କ ନିର୍ବାଚନମଣ୍ଡଳୀ ପରିବର୍ତ୍ତନ କରି ବରଗଡ଼ ଜିଲ୍ଲା ପରିଷଦ ଜୋନ-୧ରୁ ଟିକଟ ଦିଆଯିବାରୁ ବିଜେପି ସଙ୍ଗଠନରେ ଅସନ୍ତୋଷ ଦେଖା ଯାଇଥିଲା । ଏପରିକି ଏହି ଘଟଣାକୁ ବିରୋଧ କରି ପୂର୍ବତନ ଜିଲ୍ଲା ବିଜେପି ଅଧକ୍ଷ ସୁକାନ୍ତ ମିଶ୍ର ଦଳରୁ ଇସ୍ତଫା ଦେଇଥିଲେ । ଏହାବ୍ୟତୀତ ମୁକ୍ତାଙ୍କ ଅମଳରେ ବରଗଡ଼ ଜିଲ୍ଲା ପରିଷଦ ଜୋନ ୧ରୁ ବିଜେପି ଟିକଟରେ ବିଜୟୀ ହୋଇଥିବା ପୃଷ୍ପା ଭୋଇ ମଧ ବିଜେପି ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ । ବିଜେଡି ମଧ ପୁଷ୍ପାଙ୍କୁ ଦଳୀୟ ପ୍ରାର୍ଥୀ କରିଥିଲା । ଘୋଷିତ ଫଳାଫଳ ତାଙ୍କ ସପକ୍ଷରେ ଯାଇଛି । ମୁକ୍ତାଙ୍କ ପରାଜୟ ବରଗଡ଼ ଜିଲ୍ଲା ବିଜେପିକୁ ପାଇଁ ଶକ୍ତ ଝଟ୍‌କା ସାବ୍ୟସ୍ତ ହୋଇଛି ।

# ପଶ୍ଚିମ ଓଡ଼ିଶାରେ ବି ବିଜେଡିର ବିପୁଳ ବିଜୟ

ସମ୍ବଲପୁର: ଏକଦା କଂଗ୍ରେସର ଗଡ଼ ଥିବା ପଶ୍ଚିମ ଓଡ଼ିଶାରେ କୌଣସି ଅଣକଂଗ୍ରେସ୍ ଦଳକୁ କୌଣସି ନିର୍ବାଚନରେ ପୂର୍ବରୁ ଏଭଳି ଜନମତ ମିଳି ନ ଥିଲା । ଏଥର ବିଜୁ ଜନତା ଦଳ ଅପ୍ରତ୍ୟାଶିତ ପଶ୍ଚିମ ଓଡ଼ିଶାରେ ଭଲ ପ୍ରଦର୍ଶନ କରିବ ଓ ଅଧିକାଂଶ ଜିଲ୍ଲା ପରିଷଦରେ ସଂଖ୍ୟା ଗରିଷ୍ଠତା ହାସଲ କରିବ ବୋଲି ପୂର୍ବାନୁମାନ କରା ଯାଉଥିଲେ ବି ଏଭଳି ଏକତରଫା ଜନମତ ହାସଲ କରିବ ତାହା ଖୋଦ୍ ଦଳୀୟ ନେତା ଓ କର୍ମୀଙ୍କୁ ବି ଚକିତ କରିଛି । ସଦ୍ୟ ସମାପ୍ତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପଶ୍ଚିମ ଓଡ଼ିଶାର ୧୦ଟି ଜିଲ୍ଲାରେ ୩୫ଟି ବିଧାନସଭା ଅନ୍ତର୍ଗତ ୮୭ଟି ବ୍ଲକ୍‌ର ୨୦୯ଟି ଜିଲ୍ଲା ପରିଷଦ ଆସନ (ଜୋନ୍) ପାଇଁ ନିର୍ବାଚନ ହୋଇଥିଲା । ଏଥିରୁ ବିଜେଡି ୧୮୧ଟି ଆସନ ଅର୍ଥାତ୍ ୮୬.୬% ଆସନ ଜିତି ନେଇଛି । ଏହି ଆସନ ବଳରେ ଦଳ ସମସ୍ତ ୧୦ଟି ଯାକ ଜିଲ୍ଲାରେ ସଂଖ୍ୟା ଗରିଷ୍ଠତା ହାସଲ କରି ଜିଲ୍ଲା ପରିଷଦ ଗଠନ କରିବା ନିଶ୍ଚିତ କରିଛି । ଝାରସୁଗୁଡ଼ା ଓ ଦେବଗଡ଼ ଦୁଇଟି ଜିଲ୍ଲାରେ ଦଳ କ୍ଲିନ୍ ସୁଇପ୍ କରିବାରୁ ସେଠାରେ ଜିଲ୍ଲା ପରିଷଦ ବିରୋଧୀ ଶୂନ୍ୟ ହୋଇଯାଇଛି । ଗତଥର ୬ଟି ଜିଲ୍ଲାରେ ବହୁମତ ପାଇ ପରିଷଦ ଗଢ଼ିଥିବା ବିଜେପି ଏଥର ମାତ୍ର ୨୦ଟି ଆସନ ପାଇଛି ଯାହା ୯.୫୭% ଅର୍ଥାତ୍ ଏହି ଜାତୀୟ ଦଳ ପଶ୍ଚିମ ଓଡ଼ିଶାରେ ମୋଟ ଆସନର ଏକ ଦଶମାଂଶ ଆସନ ବି ଜିତିପାରି ନାହିଁ । ଗତଥର ୭ରୁ ୬ ଆସନ ଜିତି ଜିଲ୍ଲା ପରିଷଦ ଗଢ଼ିଥିବା ଦେବଗଡ଼ ସମେତ ୨ଟି ଜିଲ୍ଲାରେ ଏହା ଖାତା ବି ଖୋଲିପାରି ନାହିଁ । ୩ଟି ଜିଲ୍ଲାରେ ମାତ୍ର ଗୋଟିଏ ଲେଖାଏଁ, ୩ଟିରେ ମାତ୍ର ୨ଟି ଲେଖାଏଁ ଆସନ ଜିତିଛି । କଂଗ୍ରେସ୍ ଦଳ ଗତଥର ଶୋଚନୀୟ ପ୍ରଦର୍ଶନ କରିଥିଲାବେଳେ ଏଥର ଅବସ୍ଥା ଆହୁରି ଖରାପ ହୋଇଛି । ଏହି ଦଳ ପାଖରେ ଥିବା ଝାରସୁଗୁଡ଼ା ଜିଲ୍ଲା ପରିଷଦ ଏଥର କେବଳ ହାତରୁ ଯାଇ ନାହିଁ ସଦସ୍ୟ ଶୂନ୍ୟ ହୋଇଯାଇଛି । ୧୦ରୁ ୬ଟି । ଜିଲ୍ଲାରେ ଏହି ଦଳ ଖାତା ଖୋଲି ପାରି ନାହିଁ । ୩ଟିରେ ମାତ୍ର ଗୋଟିଏ ଲେଖାଏଁ ସିଟ୍ ଜିତିଛ । କେବଳ ବଲାଙ୍ଗୀର ଜିଲ୍ଲାରେ କିଛିଟା ସମ୍ମାନ ରଖି ୪ଟି ଜିଲ୍ଲା ପରିଷଦ ୫ ଆସନ ଜିତିବାରେ ସମର୍ଥ ହୋଇଛି । ଏହି ଦଳ ମୋଟ ୭ଟି ଆସନ ଜିତିବାରେ ସକ୍ଷମ ହୋଇଛି ଯାହା ପଶ୍ଚିମ ଓଡ଼ିଶାରେ ଆସନ ସଂଖ୍ୟାର ମାତ୍ର ୩.୩୫% । ଅନ୍ୟାନ୍ୟ ଖାତାକୁ ମାତ୍ର ଗୋଟିଏ ଆସନ ଯାଇଛି ଯାହା ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଜୋନ୍-୧ରେ ସିପିଆଇଏମ୍ ପ୍ରାର୍ଥୀ ଜିତିଛନ୍ତି ।

୨୦୧୭ରେ ବିଜେପି ଦଳ ସମ୍ବଲପୁର, ଦେବଗଡ଼, ବରଗଡ଼, ସୁବର୍ଣ୍ଣପୁର, ବଲାଙ୍ଗୀର ଓ କଳାହାଣ୍ଡିରେ ସଂଖ୍ୟା ଗରିଷ୍ଠତା ସହ ଜିଲ୍ଲା ପରିଷଦ ଗଢ଼ିଥିଲା ବେଳେ ଏଥର ସବୁ ଗୁଡ଼ିକ ହରାଇଛି । ସେହିପରି କଂଗ୍ରେସ୍ ଦଳ ଝାରସୁଗୁଡ଼ାରେ ଜିଲ୍ଲା ପରିଷଦ ଗଢ଼ିଥିଲାବେଳେ ତାହା ହାତଛଡ଼ା କରିଛି । ବିଜେଡି ନୂଆପଡ଼ା ଓ ବୌଦ୍ଧରେ ଏକାକୀ ତଥା ସୁନ୍ଦରଗଡ଼ରେ କଂଗ୍ରେସ୍ ସହ ମେଣ୍ଟ କରି ଜିଲ୍ଲା ପରିଷଦ ଗଢ଼ିଥିଲା ସବୁ ଗୁଡ଼ିକରେ ଏକତରଫା ବିଜୟ ହାସଲ କରିଛି । ତେବେ ଏସବୁ ଭିତରେ ଏଥର ବଲାଙ୍ଗୀର ଓ ବରଗଡ଼ ଜିଲ୍ଲାରେ ଏହି ଦଳକୁ ସର୍ବାଧିକ ଚାଲେଞ୍ଜର ସାମ୍ନା କରିବାକୁ ପଡ଼ିଛି । ବଲାଙ୍ଗୀର ଜିଲ୍ଲାରେ ମୋଟ ୩୪ ଆସନରୁ ବିଜେପି ଓ କଂଗ୍ରେସ୍ ୪ଟି ଲେଖାଏଁ ଜିତିବାରେ ସମର୍ଥ ହୋଇଛନ୍ତି । ଫଳରେ ବିଜେଡିକୁ ୨୬ରେ ସନ୍ତୁଷ୍ଟ ହେବାକୁ ପଡ଼ିଛି ।

## ବୀର ସୁରେନ୍ଦ୍ର ସାଏଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର: 'ନୀଳଚକ୍ର' ଅନୁଷ୍ଠାନ ସମ୍ବଲପୁର ଶାଖା ପକ୍ଷରୁ ବୁଢ଼ାରଜାସ୍ଥିତ ପାହାଡ଼ ଶୀର୍ଷରେ ରହିଥିବା ଉଲଗୁଲାନ ସ୍ମାରକୀଠାରେ ମହାନ ବିପ୍ଳବୀ ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ୧୩୮ତମ ତିରୋଧାନ ଦିବସ ପାଳିତ ହୋଇ ଯାଇଛି । ବୀର ସୁରେନ୍ଦ୍ର ସାଏଙ୍କ ଉଦ୍ଦେଶ୍ୟରେ ଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଅନୁଷ୍ଠାନର ସଭାପତି ବଂଶୀଧର କରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି କାର୍ତ୍ତିକ ପ୍ରସାଦ ବହିଦାର, ଡକ୍ଟର ଗିରିଜା ଶଙ୍କର ଶର୍ମା, ଭକ୍ତ ପ୍ରସାଦ ନନ୍ଦ, ଭକ୍ତ ପ୍ରସାଦ ପଣ୍ଡା, ଜୀବର୍ଦ୍ଧନ ରାଉତ, ରବି ନାରାୟଣ ପଣ୍ଡା, ସଚ୍ଚିଦାନନ୍ଦ ପ୍ରଧାନ, ରବି ନାରାୟଣ ମିଶ୍ର, ଶରତ ଚନ୍ଦ୍ର ରଥ, ଜଗତାନନ୍ଦ ତ୍ରିପାଠୀ, ସରୋଜ କୁମାର ସାମନ୍ତରାୟ ମେଘୁ ମୁଣ୍ଡା, ଗୋପାଳ ରାଉତ, ଚର୍ତୁଭୂଜ ଗର୍ଡିଆ, ରାଜେଶ ସିଂହ, ଚୁଡାମଣି ଦତ୍ତ, ଅମରେଶ ସୋରେନ, ଗୋପାଳ ସାହୁ, ତ୍ରିବିକ୍ରମ ପୋଢ଼, ଦୟାନିଧି ଲାକଡା, ଲକ୍ଷ୍ମୀପ୍ରିୟା ମହାରଣା, ରଞ୍ଜନ କୁମାର ନାୟକ, ସୁଧାଂଶୁ ସାହୁ, ବବୁଆ ଯାଦବ, ଅବଧୂତ ସେଠୀ ପ୍ରମୁଖ ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ତ୍ୟାଗ, ବଳିଦାନ ଓ ଦେଶପ୍ରେମର ସ୍ମୃତିଚାରଣ କରିଥିଲେ ।

## ରେଳବାଇ ଲୋକୋ ପାଇଲଟ ପୁରସ୍କୃତ

ସମ୍ବଲପୁର: ସମ୍ବଲପୁର ରେଳ ମଣ୍ଡଳରେ ବିଦ୍ୟୁତ (ପରିଚାଳନା) ବିଭାଗର ଏଲ. କେ. ବେହେରା, ଲୋକୋ ପାଇଲଟ୍ (ଗୁଡସ), ଟିଟିଲାଗଡ ଏବଂ ଧୀରଜ ସିଂ ସହାୟକ ଲୋକୋ ପାଇଲଟଙ୍କୁ ନିରାପତ୍ତା ପ୍ରତି ସଜାଗ ଓ ନିରାପତ୍ତା ରେଳ ଚଳାଚଳ ପ୍ରତି ତାଙ୍କର କର୍ତ୍ତବ୍ୟନିଷ୍ଠା ଓ ନିରାପତ୍ତା ନିୟମ ଉପରେ ଭଲ ଭାବରେ ଅବଗତ ପାଇଁ ପୁରସ୍କୃତ କରାଯାଇଛି । ସେମାନଙ୍କର କାର୍ଯ୍ୟପ୍ରତି ନିଷ୍ଠା ଓ ସମର୍ପଣ ମାନ୍ୟତା ସ୍ୱରୂପ ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ପ୍ରମାଣପତ୍ର ସହ ନଗଦ ରାଶି ଦେଇ ସମ୍ମାନିତ କରିଛନ୍ତି । ଏହି ଅବସରରେ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ପରିଚାଳନ) ଧୀରେନ୍ଦ୍ର ସିଂ ଏବଂ ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ଶିବବ୍ରତ ଧଳ ଉପସ୍ଥିତ ଥିଲେ ।

## ଡିଏଭିରେ ଜାତୀୟ ବିଜ୍ଞାନ ଦିବସ ପାଳିତ

ଝାରସୁଗୁଡ଼ା: ସ୍ଥାନୀୟ ଡିଏଭି ପବ୍ଲିକ ସ୍କୁଲରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱ କରି ବିଜ୍ଞାନ ଦିବସ ପାଳନର ମହତ୍ତ୍ୱ ସମ୍ପର୍କରେ ଭାବବ୍ୟକ୍ତ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ନିୟମିତ ମାସ୍କ ପରିଧାନ ଓ ଆତ୍ମ ସୁରକ୍ଷାବିଧି ବିଷୟରେ ସୂଚିତ କରିଥିଲେ । ବିଜ୍ଞାନ ଶିକ୍ଷକ ଆଶିଷ କୁମାର ପୂଜାରୀ ବିଜ୍ଞାନ ଦିବସ ପାଳନ ସନ୍ଦର୍ଭରେ ନିଜ ଭାବ ପ୍ରକଟ କରିଥିଲେ ।

# ଭାଗବତ

## ଉଷା ଓ ଅନିରୁଦ୍ଧ ପ୍ରସଙ୍ଗ

ଶାମ୍ବ ହେଉଛନ୍ତି ଅତିରୈଶ୍ବର୍ଯ୍ୟଶାଳୀ ଭଗବାନ ଶ୍ରୀକୃଷ୍ଣଙ୍କ ପୁତ୍ର । ତାଙ୍କ ମାତାଙ୍କ ନାମ ଜାମ୍ବବତୀ ଓ ଅଜାଙ୍କ ନାମ ଜାମ୍ବବାନ୍ । ସେ କୁରୁଶ୍ରେଷ୍ଠ ଦୁର୍ଯ୍ୟୋଧନଙ୍କ କନ୍ୟା ଲକ୍ଷଣାର ରୂପ ପ୍ରଶଂସାରେ ମୁଗ୍ଧ ହୋଇଥିଲେ । ଲକ୍ଷ୍ମଣାଙ୍କୁ ତାଙ୍କର ସ୍ୱୟଂବର ସଭାରୁ ସେ ଜବରଦସ୍ତ ହରଣ କରି ନେଇଆସିଲେ । ଏହା ଫଳରେ କୌରବମାନଙ୍କୁ ଘୋର ଅପମାନ ବୋଧ ହେଲା । କୌରବମାନେ ତଥା କର୍ଣ୍ଣ, ଶଲ୍ୟ, ଭୂରିଶ୍ରବା, ଯଜ୍ଞକେତୁ ଆଦି ଅତିରଥୀମାନେ ଲକ୍ଷ୍ମଣାଙ୍କୁ ଘେନି ପଳାୟନ କରୁଥିବା ଶାମ୍ବଙ୍କୁ ଆକ୍ରମଣ କଲେ ଏବଂ ଶାମ୍ବଙ୍କୁ ବନ୍ଦୀ କରି ଦେଇଥିଲେ ।

ଅଭିମାନାନ୍ଧ କୌରବମାନେ ଯାଦବମାନଙ୍କୁ ନୀଚ ଦୃଷ୍ଟିରେ ଦେଖୁଥିଲେ । ଅଭିମାନୀ ଅନ୍ଧ ହୋଇଥାଏ । କୌଣସି କାର୍ଯ୍ୟକୁ ଅଭିମାନ ପରାୟଣ ହୋଇ କଲେ ଭବିଷ୍ୟତରେ ପଶ୍ଚାତାପ କରିବାକୁ ପଡ଼େ । ଧୈର୍ଯ୍ୟଶାଳୀ ଓ ବିନୟ ଭାବଯୁକ୍ତ ପୁରୁଷ କାଳେ କାଳେ ବିଜୟ ପ୍ରାପ୍ତ ହୋଇଥାଏ ।

ଉଗ୍ରସେନ ଓ ଯାଦବମାନଙ୍କୁ ଏହି ସମ୍ବାଦ ମିଳିଯିବା ମାତ୍ରେ କୌରବଙ୍କୁ ତତ୍‌କାଳ ଆକ୍ରମଣ କରି ଶାମ୍ବଙ୍କୁ ମୁକ୍ତ କରିବା ପାଇଁ ପ୍ରସ୍ତୁତ ହୋଇଗଲେ । ମାତ୍ର ସେତେବେଳେ ପରମ ଧୈର୍ଯ୍ୟଶାଳୀ ବଳରାମ ଏକାକୀ କେତେକ ବୃଦ୍ଧ ବ୍ରାହ୍ମଣ ଓ ଉଦ୍ଧବଙ୍କୁ ସାଙ୍ଗରେ ଧରି ହସ୍ତିନାପୁର ଆସିଥିଲେ । ତାଙ୍କର ବିନୟଯୁକ୍ତ ସମାର୍ଷଣକୁ ସେତେବେଳେ ଉଦ୍ଧତ କୌରବମାନେ ବିଦ୍ରୁପ କରିଥିଲେ ।

ଅଜ୍ଞଙ୍କ ଓ ଅଳ୍ପଶକ୍ତି ଥିବା ଜୀବ ହେଉଛି ମଣିଷ । ପରମ ଶକ୍ତି ଯାହା ପାଖରେ ଥାଏ ସେ ହିଁ ଭଗବାନ ହୋଇଥାନ୍ତି । ଭଗବାନଙ୍କ ଶକ୍ତିକୁ ଚିହ୍ନି ନ ପାରି ଏହି ଉଦ୍ଧତ ଜୀବ ଅନେକବାର ତାଙ୍କୁ ଅପମାନିତ କରିବାକୁ ମଧ ପଛେଇ ନାହିଁ । ଦଣ୍ଡିବା ଶକ୍ତି ଯାର ଥାଇ ସେ ପୁଣି... ବଳରାମଙ୍କ ବିନୟ ପ୍ରସ୍ତାବକୁ କୌରବମାନେ ବିଦ୍ରୁପ କଲେ । ଏଥିର କୌରବମାନଙ୍କ କାଳ ଆସିଗଲା ବୋଲି ବୁଝିବାକୁ ହେବ ।

ଶୁକଦେବ ପରୀକ୍ଷିତଙ୍କୁ କହୁଛନ୍ତି - ''ବଳରାମ ବାଣୀବୀରତା, ଶୂରତା ଓ ବଳପୌରୁଷର ଉତ୍କର୍ଷରେ ପରିପୂର୍ଣ୍ଣ ଏବଂ ତାଙ୍କର ଶକ୍ତି ଅପ୍ରମିତ ବଳରାମଙ୍କ ବାକ୍ୟ ଶୁଣି କୌରବମାନେ କ୍ରୋଧରେ ଥରିବାକୁ ଲାଗିଲେ ।'' ଅର୍ଥାତ୍, ବଳରାମଙ୍କ ଶାମ୍ବ ଓ ଲକ୍ଷଣାଙ୍କୁ ଫେରାଇ ଦେବା ନିମନ୍ତେ ବିନୟ ନିବେଦନକୁ କୌରବମାନେ ବିଦ୍ରୁପ କରିଥିଲେ । କୁରବୋ—ବୋଲି ଶୁକଦେବ କୌରବଙ୍କୁ କହିଛନ୍ତି । କୁ ଅର୍ଥାତ୍ ଖରାପ, ରବୋ ଅର୍ଥ ଗର୍ଜନକାରୀ—ଯେ ଅସଭ୍ୟଙ୍କ ଭଳି ଅଶାଳୀନ ବାର୍ତ୍ତାଳାପ କରେ ।

ପରିବାରରେ କେହି ଜଣ ଯଦି ଖୁବ୍ ବଳଶାଳୀ, ଅତି ପଣ୍ଡିତ ଅଥବା ଧନସମ୍ପତ୍ତିବାନ୍ ଥାଏ ତେବେ ସେହି ପରିବାରର ଯୁବକମାନେ ଉଦ୍‌ଭ୍ରାନ୍ତ ହୋଇଥାନ୍ତି । ଅନ୍ୟଙ୍କ ସହିତ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିବାକୁ କୁଣ୍ଠିତ ହୁଅନ୍ତି ନାହିଁ । କୌରବମାନଙ୍କ ଦଶ ଠିକ୍ ଏହିଭଳି ହୋଇଥିଲା । ସେମାନେ ବଳରାମଙ୍କୁ, ଯଦୁବଂଶକୁ ଘୋର ଅପମାନ ଦେବାରେ ଲାଗିଲେ ଏଥର ଏମାନଙ୍କୁ ଦଣ୍ଡଦେଇ ଯଥାର୍ଥ ମାର୍ଗ ଦେଖାଇବାକୁ ଭଗବାନ୍ ବଳରାମ ଠିକ୍ କଲେ ।

ବଳରାମ ତତ୍କାଳ ନିଜର ଅପୂର୍ବ ଆୟୁଧ ହଳକୁ ହସ୍ତିନାପୁର ଭୂମିରେ ପ୍ରହାର କରି ପ୍ରବଳ ବେଗରେ ଗଙ୍ଗାଙ୍କ ଆଡ଼କୁ ଟାଣିବାରେ ଲାଗିଲେ । ସମୁଦ୍ର ଜଳରେ ନୌକା ଟଳମଳ ହେବା ଭଳି ସେତେବେଳେ ହସ୍ତିନାପୁର ଟଳମଳ ହେବାରେ ଲାଗିଲା ଉଦ୍ଧତ କୌରବ ବୀରମାନଙ୍କର ବଳ ପୌରୁଷ ସହସା ଉଭାନ ହୋଇଗଲା ସେମାନଙ୍କୁ ଜଣାଗଲା ସତେ ଯେପରି ହସ୍ତିନାପୁର ସହିତ ସମସ୍ତ କୌରବବଂଶ ଗଙ୍ଗାନଦୀରେ ଝାସ ପାଇଯିବେ । ଆଉ କାଳବିଳମ୍ବ ନ କରି ସେମାନେ ବଳରାମଙ୍କୁ ସ୍ତୁତି କରିବାରେ ଲାଗିଲେ । ଦୁର୍ଯ୍ୟୋଧନ ଶାମ୍ବ ଓ ଲକ୍ଷଣାଙ୍କୁ ବଳରାମଙ୍କ ପାଖରେ ପହଞ୍ଚାଇ ଦେଲା । ସେ କ୍ଷମା ମାଗିଲା । ଅନେକ ଧନରତ୍ନ ଦେଲା । ଏଥର ବଳରାମ ଶାମ୍ବ ଓ ଲକ୍ଷଣାଙ୍କୁ ସାଙ୍ଗରେ ଧରି ଦ୍ୱାରିକାକୁ ପ୍ରତ୍ୟାବର୍ତ୍ତନ କଲେ । ଏହି କାରଣରୁ ଆଜି ସୁଦ୍ଧା ହସ୍ତିନାପୁର ଗଙ୍ଗାଙ୍କ ଆଡ଼କୁ ଢଳି ରହିଥିବା ଦେଖାଯାଏ ।

ଶୁକଦେବ ଏହାପରେ ନାରଦଙ୍କ ପରିହାସ ପ୍ରସଙ୍ଗ ବର୍ଣ୍ଣନା କରିଛନ୍ତି ।

ବ୍ରହ୍ମଚାରୀ କଦାପି ଗୃହସ୍ଥର ଗ୍ରାହସ୍ଥ୍ୟ ସଂସାର ଦେଖିବା ପାଇଁ ଇଚ୍ଛା କରିବା ଅନୁଚିତ । କିନ୍ତୁ ଶ୍ରୀକୃଷ୍ଣଙ୍କ ସଂସାରଚର୍ଯ୍ୟା ଦେଖିବା ପାଇଁ ନାରଦଙ୍କର ଦିନେ ଇଚ୍ଛା ହେଲା ।

ଶ୍ରୀକୃଷ୍ଣ ତ ଜଣେ, ସେ କିପରି ୧୬,୧୦୮ ରାଣୀଙ୍କ ସହିତ ସଂସାର ସୁସାରେ ଚଳାଇଛନ୍ତି ଏହା ଜାଣିବା ପାଇଁ ସେ କୌତୂହଳୀ ହୋଇ ଉଠିଲେ । ସେ ଦ୍ୱାରିକାରେ ପହଞ୍ଚି କୃଷ୍ଣଙ୍କ ଆବାସସ୍ଥଳରେ ପହଞ୍ଚିଗଲେ । ସେତେବେଳେ ଶ୍ରୀକୃଷ୍ଣ ଥିଲେ ରୁକ୍ମିଣୀଙ୍କ ଭବନରେ । ସେ ନାରଦଙ୍କୁ ଯଥୋଚିତ ସ୍ୱାଗତ ସମ୍ବର୍ଦ୍ଧନା କଲେ ।

ଶ୍ରୀକୃଷ୍ଣ ନାରଦଙ୍କ ଆଗମନର ଅଭିପ୍ରାୟ ବୁଝିଗଲେ । ତେବେ ବି ପଚାରିଲେ, ''ନାରଦ ମହାରାଜ ! ଆପଣଙ୍କର ଆଗମନର ଅଭିପ୍ରାୟ କେତେ ?' ଶ୍ରୀକୃଷ୍ଣ ପଚାରୁଥିଲେ, ''ପ୍ରାହ ପ୍ରଭୋ ଭଗବତେ କରବାମ ହେ କିମ୍ ? ମୁଁ ଆପଣଙ୍କର କିପରି ସେବା କରିବି କହନ୍ତୁ ।

ଶ୍ରୀକୃଷ୍ଣ ସ୍ୱୟଂ ଭଗବାନ୍ । ତେବେ



ବି ସେ ବ୍ରହ୍ମଚାରୀ ନାରଦଙ୍କର ପଦପ୍ରକ୍ଷ୍ୟାଳନ କରିଥିଲେ । ଶ୍ରୀକୃଷ୍ଣଙ୍କ ଭଳି ଗୃହସ୍ଥ ପୁଣି ସନ୍ୟାସୀ ଆଜି ପର୍ଯ୍ୟନ୍ତ ଅନ୍ୟ କେହି ହୋଇ ନାହାନ୍ତି । ସେ ତାଙ୍କର ଗୃହସ୍ଥାଧର୍ମ ପାଳନ କରିବାକୁ ଯାଇ ନାରଦଙ୍କୁ ପୂଜା କରିଥିଲେ ।

ଦେବର୍ଷି ନାରଦ ଏହିପରି ପୂଜାଗ୍ରହଣ କରିବା ପରେ ସେଠାରୁ ଚାଲିଗଲେ ଏବଂ ଶ୍ରୀକୃଷ୍ଣଙ୍କ ଦ୍ୱିତୀୟ ପତ୍ନୀଙ୍କ ଗୃହରେ ପହଞ୍ଚଗଲେ । ନାରଦ ପ୍ରବେଶଗୃହରେ ଦେଖିଲେ ଶ୍ରୀକୃଷ୍ଣ ତାଙ୍କର ପ୍ରାଣପ୍ରିୟ ସଖା ଉଦ୍ଧବଙ୍କ ସହିତ ପଶାଖେଳରେ ଲାଗିଛନ୍ତି । ଶ୍ରୀକୃଷ୍ଣ ନାରଦଙ୍କୁ ଦେଖିବାମାତ୍ରେ ବସିବାସ୍ଥାନରେ ଠିଆ ହୋଇଗଲେ ଏବଂ ଯଥାରୀତି ପୂଜାର୍ଚ୍ଚନା କଲେ । ସେ କିଛି ନ ଜାଣିଥିବା ଭଳି ନାରଦଙ୍କୁ ପଚାରିଲେ, ''ଆପଣ କେତେବେଳୁ ଏଠାକୁ ଆସିଲେଣି ? ଆପଣ ପରିପୂର୍ଣ୍ଣ ଆତ୍ମାରାମ ତଥା ଆପ୍ତକାମ । ଆମେ ହେଲୁ ଅପୂର୍ଣ୍ଣ । ଏପରି ଅବସ୍ଥାରେ ଆମେ ଅବା ଆପଣଙ୍କୁ କି ପ୍ରକାର ସେବା ପ୍ରଦାନକରି ପାରିବୁ । ତେବେ ବି ହେ ବ୍ରହ୍ମସ୍ୱରୂପ ନାରଦ ! ଆମକୁ ଆପଣଙ୍କର କିଛି ସେବାର ସୁଯୋଗ ଦେଇ, ଆମର ଏହି ଜନ୍ମକୁ ସଫଳ କରିବା ହୁଅନ୍ତୁ । ଅଥାପି ବୃହି ନୋ ବ୍ରହ୍ମନ୍ ଜନ୍ମିତହୋଭନଂ କୁରୁ ।

ଭଗବାନ ସବୁ ଜାଣନ୍ତି । ତେବେ ବି ଗୃହସ୍ଥ ବ୍ରାହ୍ମଣଙ୍କୁ କିପରି ଆତିଥ୍ୟ ପ୍ରଦାନ କରିବା ଉଚିତ, ଅତିଥିଙ୍କୁ କିପରି ମିଷ୍ଟ ଭାଷଣ ଦ୍ୱାରା ପରିତୃପ୍ତ କରିବା କଥା ତାହା ଲୋକଶିକ୍ଷା ନିମନ୍ତେ ପ୍ରଦାନ କରିଛନ୍ତି ।

ଶ୍ରୀକୃଷ୍ଣଙ୍କଠାରୁ ଯଥୋଚିତ ଅଭ୍ୟର୍ଥନା ଗ୍ରହଣ କରି ନାରଦ ତୃତୀୟ ରାଣୀଙ୍କ ମହଲକୁ ଗଲେ ଏବଂ ପରେ ପରେ ଅନ୍ୟ ରାଣୀମାନଙ୍କ ମହଲକୁ ଗଲେ । ସେ ଯେତେ ଯେତେ ମହଲକୁ ଯାଉଥାଆନ୍ତି ସେତେ ସେତେ ବିସ୍ମିତ ହେବାରେ ଲାଗିଥାନ୍ତି । କେଉଁ ପୁରରେ ଭଗବାନ ପିଲାମାନଙ୍କ ସହିତ ଖେଳୁଥିବା ଦେଖିଲେ ତ, କେଉଁ ପୁରରେ ଭଗବାନ୍ ସ୍ନାନ ନିମନ୍ତେ ପ୍ରସ୍ତୁତ ହେଉଥିବା ଦେଖିଲେ । କେଉଁ ପୁରରେ ସେ ଭୋଜନ କରୁଥିବା ଦେଖିଲେ ତ, ଆଉ କେଉଁ ପୁରରେ ଶୟନ କରୁଥିବା ଦେଖୁଲେ । କେଉଁ ପୁରରେ ଜପ କରୁଥିବା ଦେଖିଲେ ତ ଅନ୍ୟ ପୁରରେ ସଙ୍ଗ ସଭାରେ ବସିଥିବା ଦେଖିଲେ ।

ଗୃହସ୍ଥ ତା ନିଜ ଘରକୁ ଝାଡୁମାରି ସଫାସୁତୁରା ରଖୁଥିବା ଭଳି ମଣିଷ ପ୍ରତ୍ୟହ କିଛି ସମୟ ସଙ୍ଗରେ ବସି ନିଜ ଶରୀର ଓ ମନକୁ ଶୁଦ୍ଧ କରୁଥିବା ଆବଶ୍ୟକ । ନାରଦ ଭଗବାନଙ୍କର ଯେଉଁ ରାଣୀଙ୍କ ଗୃହକୁ ଗଲେ ସେଠାରେ ଶ୍ରୀକୃଷ୍ଣ ଘର ସଂସାରରେ ଲିପ୍ତ ଥିବା ଦେଖିବାକୁ ପାଇଲେ । ଏହିପରି ଗୋଟିଏ ଗୃହରୁ ଆଉ ଗୋଟିଏ ଗୃହକୁ ଯାଇ ଯାଇ ନାରଦ କ୍ଲାନ୍ତ ହୋଇଗଲେ । ଏଥର କୌଣସି ଜଣଙ୍କ ଗୃହକୁ ଯାଇ କିଛି ଭୋଜନ ନିମନ୍ତେ ତାଙ୍କର ଇଚ୍ଛା ହେଲା ।

ନାରଦ ଯେଉଁ ଯେଉଁ ଗୃହକୁ ଯାଉଥିଲେ ଶ୍ରୀକୃଷ୍ଣ ତାଙ୍କୁ ଦେଖିବାମାତ୍ରେ ପାଦ୍ୟାର୍ଘ୍ୟ ପ୍ରଦାନ କରି 'କେବେ ଆଗମନ ହେଲା' ବୋଲି ପଚାରୁଥିଲେ । ଯଦିଓ ନାରଦ ଅନେକ ସମୟ ହେବ ଶ୍ରୀକୃଷ୍ଣଙ୍କ ରାଣୀମାନଙ୍କ ମହଲରେ ଏ ଘରୁ ସେ ଘରକୁ ବୁଲୁଥିଲେ, ପ୍ରତ୍ୟେକ ଘରେ ପ୍ରତ୍ୟେକ ଶ୍ରୀକୃଷ୍ଣଙ୍କୁ ''ଏଇ ବର୍ତ୍ତମାନ ତ ଆସିଛି', ବୋଲି ଉତ୍ତର ଦେଉଥିଲେ ।

ଏହାଥିଲା ମହାଯୋଗେଶ୍ୱରଙ୍କ ମାୟା । ଅନ୍ତର୍ଯ୍ୟାମୀ ଭଗବାନ୍ ଶ୍ରୀକୃଷ୍ଣ ନାରଦଙ୍କ କୌତୂହଳ ପୂର୍ଣ୍ଣ ଅଭିପ୍ରାୟ ଜାଣିଥିଲେ । ସେ ଏଥର ନାରଦଙ୍କୁ କହିଲେ- 'ନାରଦ ! ମୁଁ ତୁମକୁ ପୂଜା କରୁଛି, ଏହାର ଅର୍ଥ ତୁମେ ମୋ ଠାରୁ ବଡ଼, ଏପରି ଭାବନା କରିବ ନାହିଁ । ମୁଁ କେବଳ ଗୃହସ୍ଥ-ଧର୍ମ ପାଳନ କରିବାକୁ ଯାଇ ତୁମକୁ ପୂଜା କରିଛି । ଏମିତି ଦେଖିବାକୁ ଗଲେ ତୁମେ ହେଉଛ ମୋର ନାତି । କାରଣ ତୁମ ପିତା ବ୍ରହ୍ମା ହେଉଛନ୍ତି ମୋର ପୁତ୍ର । ମୋର ବୈଭବ ଦେଖି ତୁମେ ଖୁସୀ ହେବା କଥା ।

ବ୍ରହ୍ମନ୍ ଧର୍ମସ୍ୟ ବକ୍ତାହଂ କର୍ତା ତ ଦ ନୁ ମୋ ଦି ତା । ।
ତଚ୍ଛିକ୍ଷୟଲୋକମିମମାସ୍ଥିତଃ ପୁତ୍ର ମା ଖିଦଃ ?
(ଶ୍ରୀ ଭା : ୧୦/୬୯/୪୦)

ଅର୍ଥାତ୍, ''ହେ ଦେବର୍ଷି ନାରଦ ! ମୁଁ ହିଁ ଧର୍ମର ଉପଦେଶକ, ପାଳନକାରୀ ଏବଂ ଏହାର ଅନୁଷ୍ଠାନକାରୀଙ୍କର ଅନୁମୋଦନ କର୍ତ୍ତା । ଏଣୁ ସଂସାରକୁ ଧର୍ମର ଶିକ୍ଷା ଦେବା ଉଦ୍ଦେଶ୍ୟରେ ହିଁ ମୁଁ ଏହି ପ୍ରକାର ଧର୍ମାଚରଣ କରିଥାଏ । ମୋ ପ୍ରିୟ ପୁତ୍ର । ତୁମେ ମୋର ଏହି ଯୋଗମାୟା ଦେଖି ଯେପରି ମୋହିତ ନ ହୁଅ । ନାରଦ ଭଗବାନଙ୍କୁ କ୍ଷମା ପ୍ରାର୍ଥନା କଲେ ।

ଭଗବାନ ଗୃହସ୍ଥମାନଙ୍କୁ ଶିକ୍ଷା ଦେବାକୁଯାଇ କୁହନ୍ତି, ଗୃହସ୍ଥ ଯେତେ଼ ଐଶ୍ୱର୍ଯ୍ୟଶାଳୀ ହୋଇଥିଲେ ବି ବ୍ରାହ୍ମଣଙ୍କୁ, ସନ୍ଥଙ୍କୁ ଆଦର କରୁଥିବା ଉଚିତ । ଏହି ପ୍ରସଙ୍ଗରୁ ଆମକୁ ଆଉ ଏକ ଶିକ୍ଷା ମିଳୁଛି ଯେ, ବ୍ରହ୍ମଚାରୀ ଗୃହସ୍ଥଙ୍କ ଜୀବନଚର୍ଯ୍ୟାରେ ଚଞ୍ଚୁ ପ୍ରବେଶ ନ କରିବା ଉଚିତ । ଶରୀରରେ ବ୍ରହ୍ମଚର୍ଯ୍ୟ ପାଳନ କରିବା ସରଳ, ମାତ୍ର ମନରେ ବ୍ରହ୍ମଚର୍ଯ୍ୟ ପାଳନ କରିବା ଅତି କଠିନ କଥା । ଗୃହସ୍ଥର ଜୀବନାଚରଣ ବିଷୟରେ ଭାବନା ବି କଲେ ବ୍ରହ୍ମଚାରୀର ବ୍ରହ୍ମଚର୍ଯ୍ୟ ଭଙ୍ଗ ହେବାର ସମ୍ଭାବନା ଥାଏ । ବ୍ରହ୍ମଚାରୀ ଓ ବୈଷ୍ଣବଙ୍କ ଜୀବନଚର୍ଯ୍ୟା କିପରି ହେବା ଆବଶ୍ୟକ ତାହା ଶ୍ରୀଶ୍ରୀ ଚୈତନ୍ୟ ଚରିତାବଳୀରେ ଅଛି ।

# ସ୍ୱାସ୍ଥ୍ୟ ପାଇଁ ଭଲ ସପୁରୀ

**ସ**ପୁରୀ ପାଚିକୁ ଯେମିତି ସୁଆଦିଆ ସ୍ୱାସ୍ଥ୍ୟ ପାଇଁ ମଧ ଉପକାରୀ । ଏଥିରେ ଔଷଧୀୟ ଗୁଣ ଭରି ରହିଛି ।

ଲୁଣ ସପୁରୀରେ ଥିବା ବ୍ରୋମେଲେନ୍ ଏନ୍‌ଜାଇମ୍ ଖାଦ୍ୟ ହଜମ କରିବାରେ ସାହାଯ୍ୟ କରେ । ତେବେ ଖାଇବା ପରେ ସପୁରୀରେ କଳା ଓ ଗୋଲମରିଚ ଗୁଣ୍ଡ ମିଶାଇ ଖାଇପାରନ୍ତି ।

ପ୍ରତିଦିନ ଦୁଇରୁ ତିନି ଖଣ୍ଡ ସପୁରୀ ଖାଆନ୍ତୁ । ଏହା କଫଜନିତ ସମସ୍ୟା ଦୂର କରିବାରେ ସହାୟକ ହୋଇଥାଏ । କିଡ୍‌ନୀରେ ଷ୍ଟୋନ୍ ଯୋଗୁ ଯନ୍ତ୍ରଣା ହେଉଥିଲେ ପ୍ରତିଦିନ ଏକ ଗ୍ଲାସ୍ ସପୁରୀ ରସ ପିଅନ୍ତୁ । ଛୋଟ ପିଲାଙ୍କଠାରେ କୃମି ସମସ୍ୟା ଦେଖାଯାଏ । ପ୍ରତିଦିନ କିଛି ସପୁରୀ ଖଣ୍ଡ ପିଲାଙ୍କୁ ଖାଇବାକୁ ଦିଅନ୍ତୁ ।

ସପୁରୀରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଦାନ୍ତମାଡ଼ିକୁ ଶକ୍ତ ରଖେ । ଏହା କେଶ କି ଝଡ଼ିବାରୁ ମଧ ମୁକ୍ତି ଦେଇଥାଏ । । ସକାଳ ଜଳଖିଆରେ ସପୁରୀକୁ ନିହାତି ସାମିଲ କରନ୍ତୁ । କାରଣ ଏଥିରେ ପ୍ରଚୁର ମାତ୍ରାରେ ଜଳୀୟ ଅଂଶ ଭରି ରହିଛି । ପ୍ରତିଦିନ ସକାଳୁ ଗ୍ଲାସେ ସପୁରୀ ଜୁସ୍ ପିଅନ୍ତୁ । ସପୁରୀ ଓଜନ କମାଇବାରେ ମଧ ସାହାଯ୍ୟ କରେ ।



# ଶହେ କୋଟି ସ୍ମାର୍ଟଫୋନ

**ଡକ୍ଟର ପ୍ରଦୀପ ମହାପାତ୍ର**
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ଭା**ରତରେ ଏକବିଂଶ ଶତାବ୍ଦୀ ଦ୍ୱିତୀୟ ଦଶକରେ ଇଣ୍ଟରନେଟ ଓ ସ୍ମାର୍ଟଫୋନ ବ୍ୟବହାର କ୍ରମୋନ୍ନତି ତୃତୀୟ ଦଶକ ପ୍ରଥମାର୍ଦ୍ଧରେ ପ୍ରଖର ହେବା ତଥ୍ୟାଭିଜ୍ଞମାନେ ଆକଳନ କରିଆସିଛନ୍ତି । କୁହାଯାଉଛି ମହାମାରୀରେ ଦୂରାବସ୍ଥାନ ନୀତି ଭର୍ଚୁଆଲ ସଂସ୍କୃତିକୁ ସୁଦୃଢ଼ କରିବା ସହ ପରିବର୍ତ୍ତନର ଅବଧି ହ୍ରାସରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।ଫେବୃୟାରୀ ୨୦୨୨ରେ ପ୍ରକାଶିତ 'ଇନ-ମୋବି ମୋବାଇଲ ମାର୍କେଟିଂ ହେଣ୍ଡବୁକ'ରେ ପ୍ରଦତ୍ତ ତଥ୍ୟ ଅନୁଯାୟୀ ୨୦୨୧ ମାର୍ଚ୍ଚ ମାସ ସୁଦ୍ଧା ଦେଶରେ ଇଣ୍ଟରନେଟ ଉପଭୋକ୍ତାଙ୍କ ସଂଖ୍ୟା ୮୧ କୋଟି ହିସାବ କରାଯାଇଛି ।

ବିଶ୍ୱରେ ଇଣ୍ଟରନେଟ ବ୍ୟବହାରକାରୀଙ୍କ ମଧ୍ୟରୁ ୧୭ ପ୍ରତିଶତ ଭାରତୀୟ । ଦେଶରେ ୨୦୨୧ରେ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ୧୧.୫ ପ୍ରତିଶତ ବୃଦ୍ଧି ପାଇଥିଲା ଏବଂ ଗ୍ରାମାଞ୍ଚଳରେ ୩୨ ପ୍ରତିଶତ ଇଣ୍ଟରନେଟ ସଂଯୁକ୍ତ ହୋଇ ପାରିଛନ୍ତି । ଠିକ ସେହି ସମୟରେ ବାଣିଜ୍ୟ ବ୍ୟବସାୟ ଗବେଷଣା ପ୍ରତିଷ୍ଠାନ 'ଡ଼ିଲୋଟେ' ପ୍ରକାଶିତ ବିବରଣୀରେ ଭାରତରେ ୨୦୨୧ରେ ଶହେ କୋଡ଼ିଏ କୋଟି ମୋବାଇଲ ଉପଭୋକ୍ତାଙ୍କ ମଧ୍ୟରେ ୭୫ କୋଟି ସ୍ମାର୍ଟଫୋନ ବ୍ୟବହାରକାରୀ ଅନ୍ତର୍ଭୁକ୍ତ ଥିବା ପ୍ରକାଶ ପାଇଥିଲା । ପରବର୍ତ୍ତୀ ପାଞ୍ଚ ବର୍ଷ, ଅର୍ଥାତ ୨୦୨୬ ସୁଦ୍ଧା ଦେଶରେ ସ୍ମାର୍ଟଫୋନ ବ୍ୟବହାରକାରୀଙ୍କ ସଂଖ୍ୟା ଶହେ କୋଟିରେ ପହଞ୍ଚିବ ।

'ଡିଲୋଟେ'ର '୨୦୨୨ ଗ୍ଲୋବାଲ ଟିଏମଟି (ଟେକନୋଲଜି, ମିଡ଼ିଆ ଏଣ୍ଡ ଏଣ୍ଟରନେଟମେଣ୍ଟ, ଟେଲକମ)' ରିପୋର୍ଟରେ ସ୍ମାର୍ଟଫୋନ ବ୍ୟବହାରକାରୀଙ୍କ ସଂଖ୍ୟା ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳରେ ୨୦୨୧ରୁ ୨୬ ମଧ୍ୟରେ ବ୍ୟାପକ ବୃଦ୍ଧି ଆକଳନ କରାଯାଇଛି । ସହରାଞ୍ଚଳରେ ସ୍ମାର୍ଟଫୋନ ବ୍ୟବହାର ଅଭିବୃଦ୍ଧି ୨.୫ ପ୍ରତିଶତ ରହିବା ସ୍ଥଳେ ଗ୍ରାମାଞ୍ଚଳରେ ୬ ପ୍ରତିଶତ ଛୁଇଁବ । ଭାରତରେ ସ୍ମାର୍ଟଫୋନ ନିର୍ମାଣ ବୃଦ୍ଧି ପାଇଚାଲିଛି ଏବଂ ୨୦୨୬ ସୁଦ୍ଧା ଆନ୍ତର୍ଜାତିକସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିବ ।

ଏହି ସମୟସୀମାରେ ଟେଲକମ କ୍ଷେତ୍ରରେ ୫ଜି ବୈଷୟିକ କୌଶଳ ପ୍ରଚଳନ ଯୋଗାଯୋଗ ପରିବେଶକୁ ପରବର୍ତ୍ତୀ ପର୍ଯ୍ୟାୟ 'ନେକ୍ସଟ ଫେଜ'କୁ ଉନ୍ନୀତ କରିବ । ଫିନଲ୍ୟାଣ୍ଡର ମୋବାଇଲ ନିର୍ମାତା 'ନୋକିଆ' ପକ୍ଷରୁ ପ୍ରକାଶିତ ବିବରଣୀରେ ୨୦୨୫-୨୬ ସୁଦ୍ଧା ଭାରତରେ ୩୫ ରୁ ୪୦ କୋଟି ସ୍ମାର୍ଟଫୋନ ଉପଭୋକ୍ତା ୫ଜି ନେଟୱାର୍କରେ ସାମିଲ ହେବା ଆକଳନ କରାଯାଇଛି । ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଜୁନ-ଜୁଲାଇ ୨୦୨୨ରେ ୫ଜି ସ୍ପେକ୍ଟ୍ରମ ନିଲାମ ଓ ଆବଣ୍ଟନ ସରିଲେ ୨୦୨୨ ଦ୍ୱିତୀୟାର୍ଦ୍ଧରୁ ୫ଜି ସେବା ଅନ୍ତତଃପକ୍ଷେ ଶହେଗୋଟି ସହରରେ ଆରମ୍ଭ ହେବ । କ୍ରମଶଃ ୨୦୨୩ରୁ ୨୦୨୫ ମଧ୍ୟରେ ଦେଶବ୍ୟାପୀ ଉପଲବ୍ଧ ହେବା ସମ୍ଭବ ।

ଭାରତରେ ୫ଜି ପ୍ରଚଳନ କାଳରେ ସ୍ୱତନ୍ତ୍ର ରାଷ୍ଟ୍ରଭିତ୍ତିକ ଟେକନୋଲଜି '୫ଜି-ଆଇ' ବ୍ୟବହାର ନିମନ୍ତେ ପ୍ରସ୍ତାବ ରହିଥିଲା । ତେବେ ସ୍ୱତନ୍ତ୍ର ଟେକନୋଲଜି ଯୋଗୁଁ ଆନ୍ତର୍ଜାତିକସ୍ତରରେ ବ୍ୟବହୃତ ଟେକନୋଲଜିରୁ ଦୂରେଇ ରହିବା ବିପଦ ଟାଳିବା ନିମନ୍ତେ ଏହି ନୀତିକୁ ପ୍ରତ୍ୟାହାର କରିନିଆଯାଇଛି । ଏକ ପକ୍ଷରେ କେବଳ ଭାରତ ନିମନ୍ତେ ସ୍ୱତନ୍ତ୍ର ବୈଷୟିକ କୌଶଳ ଉପଯୋଗ ହେଲେ ଏଠାକାର ଉପଭୋକ୍ତାମାନେ ବିଦେଶ ଯାତ୍ରା ଅବସରରେ ନିଜ ସ୍ମାର୍ଟଫୋନରେ ରୋମିଂ ସୁବିଧା ଉପଭୋଗ କରିବାରେ ପ୍ରତିବନ୍ଧକ ସୃଷ୍ଟି ହେବା ସ୍ଥଳେ କେବଳ ଭାରତରେ ଉପଭୋକ୍ତାଙ୍କ ନିମନ୍ତେ ସ୍ମାର୍ଟଫୋନ ନିର୍ମାଣରେ ସ୍ୱତନ୍ତ୍ର ଚିପ ଆବଶ୍ୟକ ପଡ଼ିଲେ ଖର୍ଚ୍ଚ ବହୁଳ ହୋଇପଡ଼ିବ । ସେହିପରି ଆନ୍ତର୍ଜାତିକ ମାନଦଣ୍ଡରୁ ଦୂରେଇ ରହିଲେ ଭାରତରେ ସ୍ମାର୍ଟଫୋନ ନିର୍ମାଣ ଓ ରପ୍ତାନୀ ମଧ୍ୟ ବାଧା ପାଇବ ।

କେନ୍ଦ୍ର ସରକାରଙ୍କ ସମର୍ଥିତ 'ଟେଲିକମ ଷ୍ଟାଣ୍ଡାର୍ଡସ ଡେଭଲପମେଣ୍ଟ ସୋସାଇଟି ଅଫ ଇଣ୍ଡିଆ' ପକ୍ଷରୁ ୨୦୨୨ ଜାନୁୟାରୀ ଶେଷ ସପ୍ତାହରେ ଗୃହୀତ ନିଷ୍ପତ୍ତି ଅନୁଯାୟୀ ଆନ୍ତର୍ଜାତିକସ୍ତରରେ ପ୍ରଚଳିତ 'ଥାର୍ଡ୍-ଜେନେରେସନ ପାର୍ଟନରସିପ ପ୍ରୋଜେକ୍ଟ'ର ନୀତି ଭାରତରେ ପ୍ରଚଳନ କରାଯିବା ନେଇ 'ଇଣ୍ଟରନେସନାଲ ଟେଲିକମ୍ୟୁନିକେସନ ୟୁନିୟନ'କୁ ଜଣାଇ ଦିଆଯାଇଛି । ସରକାରୀ ନୀତି ସ୍ଥାନୀୟ ସ୍ମାର୍ଟଫୋନ ନିର୍ମାତାମାନଙ୍କୁ ଉତ୍ସାହିତ କରିଛି । ଉଦାହରଣରେ 'ନୋକିଆ' ୫ଜି ସ୍ମାର୍ଟଫୋନ ନିର୍ମାଣଲାଗି ୫୦ ଭାଗ ଯନ୍ତ୍ରାଂଶ ଭାରତରେ ତିଆରି ଏବଂ ଉତ୍ପାଦିତ ସାମଗ୍ରୀର ୫୦ ପ୍ରତିଶତ ଆନ୍ତର୍ଜାତିକ ବଜାରରେ ବିକ୍ରୀ ନିମନ୍ତେ ରପ୍ତାନୀ କରିବାଲାଗି ପ୍ରସ୍ତୁତ ଥିବା ଜଣାଯାଏ ।

ସ୍ମାର୍ଟଫୋନ ବ୍ୟବହାର ଗଣମାଧ୍ୟମ ଓ ମନୋରଞ୍ଜନ ଶିଳ୍ପରେ ବ୍ୟାପକ ପରିବର୍ତ୍ତନର ବାହକ ହେବା ନିଶ୍ଚିତ । ଅନୁଶୀଳନ କଲେ ଭାରତରେ ୨୦୧୫ରୁ ୨୦୨୫ ଦଶ ବର୍ଷରେ ପାରମ୍ପରିକ ସମ୍ବାଦ ମଞ୍ଚଗୁଡ଼ିକ ମଧ୍ୟରୁ ଏକତୃତୀୟାଂଶ ଡିଜିଟାଲ ମଞ୍ଚରେ ବିଲୀନ ହେବା ସଙ୍ଗେ ଅନ୍ୟ ଏକ-ତୃତୀୟାଂଶ ବନ୍ଦ ହୋଇଯିବ । ଅନ୍ୟ ଏକ-ତୃତୀୟାଂଶ ପୂର୍ବପରିଚିତି ହରାଇ ପାରମ୍ପରିକ ଆଙ୍ଗିକରେ ବ୍ୟାପକ ପରିବର୍ତ୍ତନ ଆଣି ସଙ୍କୁଚିତ ଉପଭୋକ୍ତାଙ୍କ ଉପସ୍ଥିତିରେ ପ୍ରକାଶନ ଜାରି ରଖିବ । ତେବେ ସମଗ୍ର ସମ୍ବାଦ ମଞ୍ଚ ଯେ ପରିବର୍ତ୍ତନର ଶିକାର ହେବେ ଏଥିରେ ସନ୍ଦେହ ନାହିଁ ।

ଗଣମାଧ୍ୟମ ଓ ମନୋରଞ୍ଜନ ମଞ୍ଚ ଆହରଣ ନିମନ୍ତେ ସ୍ମାର୍ଟଫୋନ ବ୍ୟବହାର ଉପଭୋକ୍ତାଙ୍କ ଆଚରଣ ପରିବର୍ତ୍ତନରେ ସର୍ବାପେକ୍ଷା ପ୍ରଭାବଶାଳୀ ବିଚାର କରାଯାଏ । ଭାରତରେ ୨୦୨୧ରୁ ୨୦୨୬ ପାଞ୍ଚ ବର୍ଷ ମଧ୍ୟରେ ବ୍ୟବହୃତ ସ୍ମାର୍ଟଫୋନ ସଂଖ୍ୟା ୭୫ କୋଟିରୁ ଶହେ କୋଟିକୁ ବୃଦ୍ଧି ହେବ । ଏହି ବୃଦ୍ଧି ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳରେ ଅଢ଼େଇଗୁଣ ଯାଏଁ ଅଧିକ ରହିବା ପୁର୍ବାନୁମାନ କରାଯାଉଥିବା ହେତୁ ଆଞ୍ଚଳିକ ଗଣମାଧ୍ୟମ ଓ ମନୋରଞ୍ଜନ ଶିଳ୍ପକୁ ବ୍ୟାପକ ପ୍ରଭାବିତ କରିବା ଆଶା କରାଯାଇପାରେ । ଏହି ଘଟଣାକ୍ରମରେ ଓଡ଼ିଆ ଗଣମାଧ୍ୟମ ଓ ମନୋରଞ୍ଜନ ଶିଳ୍ପ ମଧ୍ୟ ସାମିଲ ହେବା ନିଶ୍ଚିତ ।

ସ୍ମାର୍ଟଫୋନର ବ୍ୟବହାର ପାରମ୍ପରିକ ଅଡ଼ିଓ ଓ ଭିଡ଼ିଓ ମନୋରଞ୍ଜନ ଯଥା ସଙ୍ଗୀତ, ଚଳଚ୍ଚିତ୍ର ଓ ଟେଲିଭିଜନ କାର୍ଯ୍ୟକ୍ରମର ସୀମା ଅତିକ୍ରମ କରି ଅନଲାଇନ ଗେମିଂରେ ପହଞ୍ଚିଥିବା ଅନ୍ୟ ଏକ ଚର୍ଚ୍ଚିତ ପ୍ରସଙ୍ଗ । '୨୦୨୦ ଇନ-ମୋବି ମୋବାଇଲ ମାର୍କେଟିଂ ହ୍ୟାଣ୍ଡବୁକ'ରେ ପ୍ରକାଶିତ ସୂଚନା ଅନୁଯାୟୀ ୨୦୨୧ରେ ଆନ୍ତର୍ଜାତିକସ୍ତରରେ ଗେମିଂ ଆପ ଡ଼ାଉନଲୋଡ଼ ସଂଖ୍ୟାରେ ଭାରତ ପ୍ରଥମ ସ୍ଥାନ ଅଧିକାର କରିଥିଲା । ଦେଶରେ ଗେମିଂ ଉପଭୋକ୍ତାଙ୍କ ମଧ୍ୟରେ ୪୩ ପ୍ରତିଶତ ମହିଳା । ଯୁବ ସମ୍ପ୍ରଦାୟର ୯୭ ପ୍ରତିଶତ ସୋସିଆଲ ମିଡ଼ିଆ ଦ୍ୱାରା ପ୍ରଭାବିତ ହୋଇ କିଣାବିକା କରୁଛନ୍ତି ।

ଭବିଷ୍ୟତରେ ଗେମିଂର ଲୋକପ୍ରିୟତାକୁ ଦୃଷ୍ଟି ରଖି ଭାରତରେ ଉଭୟ ସରକାରୀ ଓ ଶିକ୍ଷାନୁଷ୍ଠାନଗୁଡ଼ିକ ପକ୍ଷରୁ 'ଆନିମେସନ, ଭିଜୁଆଲ ଏଫେକ୍ଟସ, ଗେମିଂ ଏଣ୍ଡ କମିକ୍ସ' କ୍ଷେତ୍ରରେ ଅନୁକୂଳ ନୀତି ଉପଯୋଗ ନିମନ୍ତେ ପଦକ୍ଷେପମାନ ଗ୍ରହଣ କରାଯାଉଛି । ଗେମିଂ କ୍ଷେତ୍ରରେ ଆନ୍ତର୍ଜାତିକସ୍ତରରେ ଭାରତ ପଛରେ ପଡ଼ିରହିଛି । ୨୦୩୦ ସୁଦ୍ଧା ଏହି ଦିଗରେ ବ୍ୟାପକ ଉନ୍ନତି ନିମନ୍ତେ ଯୋଜନାମାନ ପ୍ରଣୟନ କରାଯାଉଛି । ହିସାବ ଅନୁଯାୟୀ ୨୦୨୨ ସୁଦ୍ଧା ଭାରତରେ ୯୨୦ ଗୋଟି ଗେମିଂ ଷ୍ଟାର୍ଟ-ଅପ ଥିବା ସ୍ଥଳେ ବ୍ରିଟେନରେ ୧,୨୧୬ ଏବଂ ଯୁକ୍ତରାଷ୍ଟ୍ର ଆମେରିକାରେ ୩,୩୭୪ ଗୋଟି ଗେମିଂ ଷ୍ଟାର୍ଟ-ଅପ କାର୍ଯ୍ୟରତ ଥିଲେ । ଆନ୍ତର୍ଜାତିକ ଗେମିଂ ବଜାରରେ ଭାରତର ଭାଗ ମାତ୍ର ଏକ ପ୍ରତିଶତରେ ସୀମିତ ରହିଥିଲା । ଏହି ଦିଗରେ ପୁଞ୍ଜି ଲଗାଣ, କୁଶଳୀ ଶ୍ରମଶକ୍ତି ସୃଷ୍ଟିକୁ ପ୍ରାଧାନ୍ୟ ଦିଆଯାଉଛି । ଅନଲାଇନ ଗେମିଂ ସ୍ମାର୍ଟଫୋନଭିତ୍ତିକ ଆଙ୍ଗିକରେ ପ୍ରସ୍ତୁତ ହେଉଥିବା ହେତୁ ଭାରତରେ ଗ୍ରାମାଞ୍ଚଳରେ ଏହି କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଆଶା କରାଯାଏ ।

# ଗୁଣକାରୀ ବେଲପତ୍ର

**ବେ**ଲପତ୍ର କେବଳ ଦେବ ଦେବ ମହାଦେବଙ୍କ ପୂଜା ପାଇଁ ଉଦ୍ଦିଷ୍ଟ ହୋଇଥାଏ ତାହା ନୁହେଁ ଏହାକୁ ସେବନ କରି ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ମଧ୍ୟ ସହଜରେ ମୁକ୍ତି ପାଇହୁଏ । କୁହାଯାଏ, ନିୟମିତ କିଛିଦିନ ବେଲପତ୍ର ଖାଇବା ଦ୍ୱାରା କୋଲେଷ୍ଟ୍ରାଲ୍ ନିୟନ୍ତ୍ରଣରେ ରହିଥାଏ । ସେହିପରି ବେଲପତ୍ରର ଚୂର୍ଣ୍ଣକୁ ସେବନ କଲେ କ୍ୟାନସର୍ ଜନିତ ପୀଡାରୁ ଅନେକାଂଶରେ ଉପଶମ ମିଳିଥାଏ ବୋଲି ବିଶ୍ୱାସ କରାଯାଏ ।



ମଧୁମେହ ରୋଗୀଙ୍କ ପାଇଁ ବି ବେଲପତ୍ର ସେବନ କରିବା ଲାଭଦାୟକ ହୋଇଥାଏ । ବେଲପତ୍ରକୁ ବାଟି ପ୍ରତ୍ୟେହ ଦୁଇ ଚାମଚ ଲେଖାଏଁ ଏହାର ରସକୁ ଖାଇଲେ ପେଟ ଜନୀତ ବିଭିନ୍ନ ସମସ୍ୟା ଯେମିତି କି ବଦହଜମୀ, ଭୋକ ନ ଲାଗିବା, ଗ୍ୟାସ୍ ସମସ୍ୟାରୁ କିଛି ମାତ୍ରାରେ ମୁକ୍ତି ମିଳିଥାଏ ।

## ଆଜିର ଚିନ୍ତନ

**ବେ**ଶ ପୋଷାକ ଦେଖି କୌଣସି ବ୍ୟକ୍ତିକୁ ହଠାତ୍ ବିଶ୍ୱାସ କରିଯିବା ଉଚିତ ନୁହେଁ । ୬୮ ବହୁମୂଲ୍ୟ ପୋଷାକ ପରିଚ୍ଛଦ ପରିଧାନ କରିଥିବା ବ୍ୟକ୍ତି ମଧ୍ୟ ମୂର୍ଖ ହୋଇ ଥାଇପାରେ । ବେଶ ପୋଷାକ ପାଣ୍ଡିତ୍ୟର ପରିଚୟ ନୁହେଁ । ଠିକ୍ ସେହିପରି ଚିତା, ତିଳକ ହୋଇ ଗୈରିକ ବସ୍ତ୍ର ପରିଧାନ କରି ଦେଲେ ଜଣେ ସାଧୁ, ବିବେଚିତ ହୋଇଯାଇ ନପାରେ । ଏପରି ବେଶଧାରୀ ଅନେକ ଠକ ମଧ୍ୟ ଚଳ ପ୍ରଚଳ କରିଥାନ୍ତି । ଲଙ୍କାଧିପତି ରାବଣ ସୀତାଙ୍କୁ ଅପହରଣ କରିବା ପାଇଁ ସାଧୁ ବେଶ ଧାରଣ କରିଥିଲା । ସୀତା ଯଦି ବେଶଧାରୀ ରାବଣକୁ ଦେଖି ସାଧୁ ଭାବି ଠକି ଯାଇଥିଲେ । ସୀତାଙ୍କୁ ହରଣ କଲା ପରେ ରାବଣର ସ୍ୱରୂପ ଧରା ପଡ଼ିଥିଲା । "ବେଶ ନ ବିଶ୍ୱସେତ୍ ପ୍ରାଜ୍ଞୋ ବେଶୋ ଦୋଷାୟ ଜାୟତେ, ରାବଣୋ ଭିକ୍ଷୁ ରୂପେଣ ଜହାର ଜନକାତ୍ମଜାମ । ବିଷ ମଧ୍ୟରେ ଅମୃତ ଥିଲେ ତାହା ଗ୍ରହଣୀୟ । ଅର୍ଥାତ ବିଷର ବଳୟ ମଧ୍ୟରୁ ଅମୃତ ଗ୍ରହଣ କରାଯାଇପାରେ । ସୁବର୍ଣ୍ଣ ସବୁବେଳେ ସୁନ୍ଦର, ପବିତ୍ର, ମୂଲ୍ୟବାନ । ଏହା ଖତଗଦାରେ, କୌଣସି ଅପବିତ୍ର ସ୍ଥାନରେ ଥିଲେ ମଧ୍ୟ ତାହାର ମୂଲ୍ୟ ନଷ୍ଟ ହୋଇଯାଏ ନାହିଁ । ନୀଚକୁଳରୁ ମଧ୍ୟ ସୁନ୍ଦରୀ ଗୁଣବତୀ ସ୍ତ୍ରୀ ଗ୍ରହଣ କରାଯାଇପାରେ । ମହର୍ଷି ବଶିଷ୍ଠ ରଘୁକୁଳର ଗୁରୁ ହୋଇ, ମହାନ୍ ତପସ୍ୱୀ ହୋଇ ସୁଦ୍ଧା ସୁନ୍ଦରୀ ଗୁଣବତୀ ହୋଇଥିବାରୁ ନୀଚ କୁଳରେ ଜନ୍ମିଥିଲେ ହେଁ ଅରୁନ୍ଧତୀଙ୍କ ପାଣି ଗ୍ରହଣ କରିଥିଲେ । ଏବେ ମଧ୍ୟ ବିବାହ କାଳରେ ହସ୍ତଗ୍ରନ୍ଥି ସମୟରେ ଯଥା ବଶିଷ୍ଠସ୍ୟ ଅରୁନ୍ଧତୀ କୁହାଯାଇଥାଏ । ସପ୍ତର୍ଷିମଣ୍ଡଳ ମଧ୍ୟରେ ଆକାଶରେ ବଶିଷ୍ଠଙ୍କ ସହିତ ଅରୁନ୍ଧତୀ ତାରକା ରୂପରେ ଶୋଭା ପାଇଥାନ୍ତି । ତେଣୁ "ବିଷାଦପ୍ୟମୃତଂ ଗ୍ରାହ୍ୟମ୍ ଅମେଧାଦପି କାଞ୍ଚନ, ନୀଚାଦପ୍ୟୁତ୍ତମା ବିଦ୍ୟା ସ୍ତ୍ରୀର ଦୁଷ୍କୁଳାଦପି । ଗୁରୁ କେଉଁ କୁଳର ତାହା ଦେଖାଯାଏ ନାହିଁ । ସେ ନୀଚ କୂଳର ହୋଇଥିଲେ ମଧ୍ୟ ବିଦ୍ୱାନ ହୋଇଥିଲେ ତାଙ୍କଠାରୁ ବିଦ୍ୟା ଗ୍ରହଣ କରିବା ଶ୍ରେୟସ୍କର । ପୁରାଣରେ ଏହି ଭଳି ଅନେକ ଦୃଷ୍ଟାନ୍ତ ରହିଛି । ମୋଟାମୋଟି ହୋଇ ଗୌରବର୍ଣ୍ଣର ହୋଇଥିଲେ ହାତ ସୁନ୍ଦର ହୋଇଯାଏ ନାହିଁ । ସେହି ହାତ ସୁନ୍ଦର ଯାହା ଦାନ ଦେବାରେ ତତ୍ପର । ତେଣୁ ସୁବର୍ଣ୍ଣର କଙ୍କଣ, ଖଡ଼ୁବାହି ପିନ୍ଧିଥିବା ହାତ ସୁନ୍ଦର ନୁହେଁ । ହାତର ଅଳଙ୍କାର ହେଉଛି ଦାନ । ଗଳା ବା କଣ୍ଠରେ ସୁବର୍ଣ୍ଣ, ଉନ୍ଦିର ମାଳା ପିନ୍ଧିଥିଲେ ମଧ୍ୟ ସେ ଗଳା ସୁନ୍ଦର ନୁହେଁ । ସତ୍ୟଭାଷୀର ଗଳା ସଦା ସୁନ୍ଦର । କର୍ଣ୍ଣର ଅଳଙ୍କାର ହେଉଛି ଶାସ୍ତ୍ର ଶ୍ରାବଣ । ଆଉ ଅନ୍ୟ ଅଳଙ୍କାରରେ କି ପ୍ରୟୋଜନ । ଦାନ, ସତ୍ୟ, ଶାସ୍ତ୍ର ଶ୍ରବଣ ଏଗୁଡ଼ିକ ସବୁକ୍ଷେତ୍ରରେ ସବୁସ୍ଥିତିରେ ମୂଲ୍ୟବାନ । ହୀରା, ସୁନା, ରତ୍ନ ଆଭୂଷଣଠାରୁ ଏଗୁଡ଼ିକ ଅଧିକ । ଶାସ୍ତ୍ର କହନ୍ତି, "ହସ୍ତସ୍ୟ ଭୂଷଣ ଦାନ ସତ୍ୟ କଣ୍ଠସ୍ୟ ଭୂଷଣ, ଶ୍ରୋତସ୍ୟ ଭୂଷଣଂ ଶାସ୍ତ୍ର ଭୂଷଣୈଃ କି ପ୍ରୟୋଜନମ୍ ।

# ମନ୍ତ୍ରର ଅର୍ଥର ଅନନ୍ତତା

ମନ୍ତ୍ର ଶବ୍ଦର ଅର୍ଥ ଅସୀମିତ । ବୈଦିକ ରଚାଗୁଡ଼ିକର ପ୍ରତ୍ୟେକ ଛନ୍ଦକୁ ମଧ ମନ୍ତ୍ର କୁହାଯାଏ ତଥା ଦେବୀ ଦେବତାଙ୍କ ସ୍ତୁତି ଏବଂ ଯଜ୍ଞ ହବନରେ ନିଶ୍ଚିତ କରାଯାଉଥିବା ଶବ୍ଦ ସମୂହକୁ ବି ମନ୍ତ୍ର କୁହାଯାଏ । ତନ୍ତ୍ର ଶାସ୍ତ୍ରରେ ମନ୍ତ୍ରର ଅର୍ଥ ଭିନ୍ନ । ତନ୍ତ୍ର ଶାସ୍ତ୍ର ଅନୁସାରେ ଯେଉଁ ଶବ୍ଦ, ପଦ ବା ପଦ ସମୂହ ଯେଉଁ ଦେବତା ବା ଶକ୍ତିକୁ ପ୍ରକଟ କରିଥାଏ – ତାହାକୁ ସେହି ଦେବତା ବା ଶକ୍ତିର ମନ୍ତ୍ର କୁହାଯାଏ ।

ମନ୍ତ୍ରର ପରିଭାଷା ନିମ୍ନଲିଖିତ ଅଟେ (୧) ଧର୍ମ, କର୍ମ ଓ ମୋକ୍ଷ ପ୍ରାପ୍ତି ହେତୁ ପ୍ରେରଣା ଦେଉଥିବା ଶକ୍ତିକୁ ମନ୍ତ୍ର କହନ୍ତି । (୨) ଦେବତାଙ୍କ ସୂକ୍ଷ୍ମଶରୀର ବା ଇଷ୍ଟଦେବଙ୍କ କୃପା ପ୍ରାପ୍ତିକୁ ମନ୍ତ୍ର କହନ୍ତି । (୩) ଦିବ୍ୟଶକ୍ତିମାନଙ୍କ କୃପା ପ୍ରାପ୍ତ କରିବାରେ ଉପଯୋଗୀ ଶବ୍ଦଶକ୍ତିକୁ ମନ୍ତ୍ର କହନ୍ତି । (୪) ଅଦୃଶ୍ୟ ଗୁପ୍ତଶକ୍ତିକୁ ଜାଗ୍ରତ କରି ନିଜ ଅନୁକୂଳ କରିବାର ବିଦ୍ୟାକୁ ମନ୍ତ୍ର କହନ୍ତି । (୫) ଏହିପରି ଗୁପ୍ତଶକ୍ତିକୁ ବିକଶିତ କରିବାର ବିଧିକୁ ମନ୍ତ୍ର କହନ୍ତି ।

ଗାୟତ୍ରୀର ୨୪ ଅକ୍ଷରରେ ଜ୍ଞାନ-ବିଜ୍ଞାନର ମହାନ୍ ଭଣ୍ଡାର ଲୁଚି ରହିଛି । ତାହାର ପ୍ରତ୍ୟେକ ଅକ୍ଷରରେ ଏତେ ଦାର୍ଶନିକ ତତ୍ତ୍ୱଜ୍ଞାନ ସନ୍ନିହିତ, ଯାହା ବିଷୟରେ ସମ୍ପୂର୍ଣ୍ଣ ଭାବରେ ଜାଣି ପାରିବା କଠିନ । ଆଧାତ୍ମିକ ଓ ଭୌତିକ ସବୁ ପ୍ରକାର ଜ୍ଞାନ-ବିଜ୍ଞାନ ତାହାର ଗର୍ଭରେ ରହିଛି, ସେଗୁଡ଼ିକ ଯଦି ଠିକ୍ ଭାବରେ ଜଣା ପଡ଼ିଯାଏ ତେବେ ମନୁଷ୍ୟ ନିଜର ଅଭୀଷ୍ଟ ସମସ୍ତ ବସ୍ତୁ ପ୍ରାପ୍ତ କରିପାରେ ।

ଗାୟତ୍ରୀ ବେଦମାତା ! ଗାୟତ୍ରୀରୁ ହିଁ ଚାରି ବେଦ ଓ ସେଗୁଡ଼ିକର ରଚା ବାହାରିଛି । ବେଦ ସମସ୍ତ ବିଦ୍ୟାର ଭଣ୍ଡାର । ସମସ୍ତ ତତ୍ତ୍ୱଜ୍ଞାନ ଓ ଭୌତିକ ବିଜ୍ଞାନ ବେଦରେ ରହିଛି । ଯାହା କିଛି ବେଦରେ ରହିଛି, ସେଗୁଡ଼ିକର ସାର ଗାୟତ୍ରୀରେ ଅଛି । ଯଦି କେହି ଗାୟତ୍ରୀକୁ ଉତ୍ତମ ରୂପେ ବୁଝିନିଏ ତ ତାକୁ ବେଦ, ଶାସ୍ତ୍ର, ପୁରାଣ, ଉପନିଷଦ୍ ଆଦି ସବୁ କଥାର ଜ୍ଞାନ ସ୍ୱତଃ ମିଳିଯାଏ ।

ପ୍ରତ୍ୟେକ ଅକ୍ଷରରେ, ପ୍ରତ୍ୟେକ ପଦରେ ଅର୍ଥ, ଭାବ, ରହସ୍ୟ ଓ ସନ୍ଦେଶ କ'ଣ ରହିଛି, ତାହା ଜାଣିବା ପାଇଁ ମନୁଷ୍ୟର ଗୋଟିଏ ସମ୍ପୂର୍ଣ୍ଣ ଜୀବନ ଯଥେଷ୍ଟ ନୁହେଁ । ଗାୟତ୍ରୀର ୨୪ ଅକ୍ଷର ଜ୍ଞାନ-ବିଜ୍ଞାନର ୨୪ ସମୁଦ୍ର ଅଟେ, ସେଗୁଡ଼ିକୁ ପାର କରିବା ସାଧାରଣ କାମ ନୁହେଁ ଏଠାରେ ଗାୟତ୍ରୀ ମନ୍ତ୍ରର ସଂକ୍ଷିପ୍ତ ଭାବାର୍ଥ ଉପରେ ଆଲୋକପାତ କରାଯାଉଛି । ଗାୟତ୍ରୀ ମହାମନ୍ତ୍ର ହେଲା - ଓଁ ଭୂର୍ଭୁବଃ ସ୍ୱ ତତ୍ସବିତୁର୍ବରେଣ୍ୟ ଭର୍ଗୋ ଦେବସ୍ୟ ଧୀମହି ଧିୟୋ ଯୋ ନଃ ପ୍ରଚୋଦୟାତ୍ ।

ସର୍ବପ୍ରଥମେ 'ଓଁ' ଅଛି । ଓଁକାରକୁ ବ୍ରହ୍ମ କୁହାଯାଇଛି । ତାହା ପରମାତ୍ମାଙ୍କର ସ୍ୱୟଂସିଦ୍ଧ ନାମ । ଯୋଗବିଦ୍ୟାର ଆଚାର୍ଯ୍ୟ ସମାଧି ଅବସ୍ଥାରେ ପହଞ୍ଚି ଯେବେ ବ୍ରହ୍ମଙ୍କ ସାକ୍ଷାତ୍କାର କରନ୍ତି ତ ତାଙ୍କୁ ପ୍ରକୃତିର ଉଚ୍ଚ ଅନ୍ତରାଳରେ ଧ୍ୱନି ଉତ୍ପନ୍ନ ହେଉଥିବାର ପରିଲକ୍ଷିତ ହୋଇଥାଏ ।

ଯେପରି ଘଣ୍ଟାରେ ଆଘାତ କଲେ ତାହା ବହୁତ ସମୟ ପର୍ଯ୍ୟନ୍ତ ଝଣଝଣ ଶୁଭେ, ସେହିପରି ବାରମ୍ବାର ଗୋଟିଏ କମ୍ପନ ତାଙ୍କୁ ଶୁଣାଯାଏ । ଏହି ନାଦ ଧ୍ୱନି 'ଓଁ'ର ଧ୍ୱନି ସହିତ ମିଶିଥାଏ । ଏହାକୁ ହିଁ ଋଷିମାନେ ଈଶ୍ୱରଙ୍କ ସ୍ୱୟଂସିଦ୍ଧ ନାମ କହିଛନ୍ତି ଏବଂ ଏହାକୁ ହିଁ 'ଶବ୍ଦ' କୁହାଯାଏ ।

'ଓଁ'କୁ ପ୍ରଣବ ବି କହନ୍ତି । ଏହା ସମସ୍ତ ମନ୍ତ୍ରର ମୂଳ କାରଣ ଏଥିରୁ ସମସ୍ତ ଶବ୍ଦ ଓ ମନ୍ତ୍ର ଗଠିତ ହୋଇଥାଏ । ଓଁ ର ପ୍ରଭାବରୁ ବ୍ୟାହୃତି ଉତ୍ପନ୍ନ ହେଲା ଏବଂ ବ୍ୟାହୃତିରୁ ବେଦର ଆବିର୍ଭାବ ହେଲା – ସର୍ବେଷାମେବ ମନ୍ତ୍ରାଣା କାରଣଂ ପ୍ରଣବଃ ସ୍ମୃତଃ । ତସ୍ମାତ୍ ବ୍ୟାହୃତିଯୋଜାତାସ୍ତାଭ୍ୟା ବେଦତ୍ରୟଂ ତଥା । । ଓଁକାର ବିନ୍ଦୁ ସଂଯୁକ୍ତ ନିତ୍ୟ ଧାୟନ୍ତି ଯୋଗିନଃ । କାମଦଂ ମୋକ୍ଷଦଂ ଚୈବ ଓଁକାରାୟ ନମୋ ନମଃ । ।

ଅର୍ଥାତ୍ ଯୋଗୀପୁରୁଷ ଅନୁସ୍ୱାରଯୁକ୍ତ ଓଁକାରର ସର୍ବଦା ଧ୍ୟାନ କରନ୍ତି । ଏଣୁ ସମସ୍ତ କାମନା ପୂରଣକାରୀ ତଥା ମୋକ୍ଷଦାୟକ ଓଁକାରକୁ ଆମେ ନମନ କରୁଛୁ । ଓଁ ଇତ୍ୟେକାକ୍ଷରଃ ଧ୍ୟାନାତ୍ ବିଷ୍ଣୁ ବିଷ୍ଣୁତ୍ୱମାପ୍ତବାନ୍ । ବ୍ରହ୍ମା ବ୍ରହ୍ମତ୍ୱମାପନ୍ନ ଶିବତାମଭବତ୍ ଶିରଃ । ।

ଓଁ – ଏହି ଓଁ ଏକାକ୍ଷର ମନ୍ତ୍ରର ଜ୍ଞାନ ଦ୍ୱାରା ବିଷ୍ଣୁ ବିଷ୍ଣୁତ୍ୱକୁ, ବ୍ରହ୍ମା ବ୍ରହ୍ମତ୍ୱକୁ ତଥା ଶିବ ଶିବତ୍ୱକୁ ପ୍ରାପ୍ତ ହୋଇଛନ୍ତି । ଗାୟତ୍ରୀରେ ଓଁକାର ପରେ ଭୂଃ ଭୁବ ସ୍ୱଃ– ଏହି ତିନି ବ୍ୟାହୃତି ଆସିଥାଏ । ଏହି ତିନିଟିର ତ୍ରିକ ଅନେକ ଅର୍ଥବୋଧକ ଅଟେ ।

ଏହି ତିନିଟି ଅନେକ ଭାବନାର ଓ ଦିଶାର ସଂକେତ କରିଥାଏ, ଅନେକଙ୍କ ପ୍ରତି ଧ୍ୟାନାକର୍ଷଣ କରିଥାଏ । ବ୍ରହ୍ମା, ବିଷ୍ଣୁ, ମହେଶ- ଏହି ତିନି ଉତ୍ପାଦକ, ପୋଷକ, ସଂହାରକ ଶକ୍ତିର ନାମ ଭୂ, ଭୁବୀ, ସ୍ୱା ଅଟେ । ସତ୍, ରଜ, ତମ ଏହି ତିନି ଗୁଣକୁ ମଧ ତ୍ରିବିଧ ଗାୟତ୍ରୀ କୁହାଯାଇଛି । ଭୂଃ କୁ ବ୍ରହ୍ମ, ଭୁବ କୁ ପ୍ରକୃତି ଓ ସ୍ୱ କୁ ଜୀବ ମଧ କୁହାଯାଏ ।

ଅଗ୍ନି, ବାୟୁ ଓ ସୂର୍ଯ୍ୟ- ଏହି ମୁଖ୍ୟ ଦେବତାମାନଙ୍କ ପ୍ରତିନିଧିତ୍ୱ ତିନି ବ୍ୟାହୃତି କରିଥାଏ । ଏଥିରେ ତିନି ଲୋକର ବି ସଂକେତ ଅଛି । ସତ୍, ରଜ, ତମ- ଏହି ତିନି ଗୁଣରେ ସଂସାର ଗଢ଼ା ହୋଇଛି । ଏଇ ତିନି ସ୍ୱଭାବର ପ୍ରାଣୀ ବିଶ୍ୱରେ ଅଛନ୍ତି ଏ ତିନିଟି ଉପରେ ବିଜୟର ଅର୍ଥ ସଂସାର ଉପରେ ବିଜୟ । ଏହିପରି ଅଗ୍ନି, ବାୟୁ ଓ ଜଳର ଉପାସନାର ଅର୍ଥ ମନରେ ତେଜସ୍ୱିତା, ଗତିଶୀଳତା ଓ ଶାନ୍ତିପ୍ରିୟତା ସ୍ଥାପିତ ହେବା ।

ଏହି ପଦ୍ଧତିକୁ ନିଜର କର, ଏହି ତ୍ରିବିଧ ସମ୍ପତ୍ତିକୁ ଭିତରେ ଧାରଣ କରି ଜୀବନକୁ ସର୍ବାଙ୍ଗିନ ସୁଖୀ-ଶାନ୍ତିମୟ କରାଯାଇପାରେ ।

ତତ୍– ତତ୍ କହନ୍ତି 'ସେହି'କୁ । ତତ୍ ଶବ୍ଦ କାହାରି ଆଡ଼କୁ ସଂକେତ କରିବା ଅର୍ଥରେ ପ୍ରଯୁକ୍ତ ହୋଇଥାଏ । ଗାୟତ୍ରୀରେ ଏହା ପରମାତ୍ମାଙ୍କ ଆଡ଼କୁ ସଂକେତ କରିଥାଏ । ପରମାତ୍ମାଙ୍କ ବର୍ଣ୍ଣନ-ବିବେଚନ ହୋଇ ନ ପାରେ, ସେଥିପାଇଁ ଏହି ବିଷୟରେ କେବଳ ସଂକେତ ହିଁ କରାଯାଇଛି ।

'ସବିତୁ'– ସବିତା ଶବ୍ଦରୁ ସାଧାରଣତଃ ସୂର୍ଯ୍ୟଙ୍କ ଅର୍ଥ ପ୍ରକଟ ହୋଇଥାଏ, କାରଣ ସେ ପ୍ରତ୍ୟକ୍ଷତଃ ତେଜସ୍ୱୀ ଓ ପ୍ରକାଶବାନ୍ । ପରମାତ୍ମାଙ୍କର ସେହି ପରୋକ୍ଷ ଶକ୍ତି ଯାହା ତେଜ ରୂପରେ ଆମର ସ୍ଥୂଳ ନେତ୍ର ସାମନାକୁ ଆସିଥାଏ, ତାହା ସୂର୍ଯ୍ୟ ଅଟେ ।

ତେଣୁକରି ସ୍ଥୂଳ ଅର୍ଥରେ ଏହି ସୂର୍ଯ୍ୟ ନାମକ ଗ୍ରହକୁ ସବିତା କହନ୍ତି, କିନ୍ତୁ ଧ୍ୟାନ ରଖିବାକୁ ହେବ ଯେ ଏହି ଚମକୁ ଥିବା ଅଗ୍ନିପିଣ୍ଡ ହିଁ ପୂର୍ଣ୍ଣ ସବିତା ନୁହେଁ । ଆଧ୍ୟାତ୍ମିକ ଭାଷାରେ ସବିତା କହନ୍ତି ତେଜସ୍ୱୀକୁ, ପ୍ରକାଶମାନକୁ, ଉତ୍ପନ୍ନକାରୀକୁ । ପରମାତ୍ମାଙ୍କର ଅନନ୍ତ ଶକ୍ତି ରହିଛି, ତାଙ୍କର ଅନେକ ରୂପ ଅଛି, ତାଙ୍କ ଠାରେ ଥିବା ତେଜସ୍ୱୀ ଶକ୍ତିକୁ ସବିତା କୁହାଯାଏ ।

'ବରେଣ୍ୟ' - ବରେଣ୍ୟ କହନ୍ତି ଶ୍ରେଷ୍ଠକୁ, ବରଣ କରିବା, ଗ୍ରହଣ କରିବା, ଧାରଣ କରିବାର ଯୋଗ୍ୟକୁ । ଈଶ୍ୱରୀୟ ସତ୍ତାରେ ସମସ୍ତ ତତ୍ତ୍ୱ ରହିଛି, ଯାହା ମନୁଷ୍ୟ ସକାଶେ ଉପଯୋଗୀ, ଅନୁପଯୋଗୀ ମଧ । ଏଥି ମଧ୍ୟରୁ ଗାୟତ୍ରୀ ଦ୍ୱାରା ଆମେ ସେହି ତତ୍ତ୍ୱଗୁଡ଼ିକୁ ଗ୍ରହଣ କରିଥାଉ, ଯାହା ବରେଣ୍ୟ, ଶ୍ରେଷ୍ଠ, ଗ୍ରହଣ ଯୋଗ୍ୟ ଅଟେ । ଧର୍ମ, କରିବା, ଅଧ୍ୟାୟ, ସତ୍, ଚିତ୍, ଆନନ୍ଦ, ସତ୍ୟ, ଶିବ, ସୁନ୍ଦର ଆଦି ବରେଣ୍ୟ ତତ୍ତ୍ୱ ଅଟେ । ଗାୟତ୍ରୀରେ ବରେଣ୍ୟ ଶବ୍ଦ ଏଭଳି ତତ୍ତ୍ୱଗୁଡ଼ିକର ପ୍ରତିନିଧିତ୍ୱ କରିଥାଏ ।

'ଭର୍ଗଃ' - ପରମାତ୍ମାଙ୍କର ସେହି ଖଲି, ଯାହା ଦୁର୍ଗୁଣର, ଅଜ୍ଞାନ ଅନ୍ଧକାରର ନାଶକାରୀ, ତାହାକୁ 'ଭର୍ଗ' କହନ୍ତି । ସବିତାଙ୍କର ସେହି ତେଜ, ଯାହା ରୋଗ ଓ ପାପଗୁଡ଼ିକର ଶମନ କରିଥାଏ, ତାହାକୁ ଭର୍ଗ କୁହାଯାଏ । ଗାୟତ୍ରୀରେ ଏହି ଶକ୍ତିର ଆବାହନ-ଧାରଣ କରାଯାଏ । ଗୋପଥ ବ୍ରାହ୍ମଣରେ କୁହାଯାଇଛି- ''ଗାୟତ୍ରୀବ ଭର୍ଗ ତେକେ ବୈ ଗାୟତ୍ରୀ'' ଅର୍ଥାତ୍ ଗାୟତ୍ରୀ ହିଁ ଭର୍ଗ ଓ ଭର୍ଗ ହିଁ ଗାୟତ୍ରୀ ।

'ଦେବସ୍ୟ' କହନ୍ତି ଦିବ୍ୟକୁ, ଅଲୌକିକ ଜ୍, ଅସାଧାରଣକୁ । ଦେବତା ଦିବ୍ୟ ହୋଇଥାନ୍ତି । କୁହାଯାଏ ଯେ ଯାହାଙ୍କର ଇଚ୍ଛା, ଆକାଂକ୍ଷା, ଭାବନା ଦିବ୍ୟ ହୋଇଥାଏ, ସେ ଦେବତା ଅଟନ୍ତି । ଈଶ୍ୱରୀୟ ଶକ୍ତିକୁ ଦେବ କହନ୍ତି । ଶଙ୍କରଭାଷ୍ୟରେ ଉଲ୍ଲେଖ ଅଛି ସର୍ବଦ୍ୟୋତନାତ୍ମକ : ଖଣ୍ଡବିଦେକରସମ୍ ।

ସର୍ବପ୍ରକାଶକ, ଅଖଣ୍ଡ, ଚୈତନ୍ୟ, ଏକରସ ଦେବଙ୍କ ଗୁଣ ଅଟେ । ଶବ୍ଦ କଳ୍ପଦ୍ରୁମରେ କୁହାଯାଇଛି- ଯିଏ ସମସ୍ତ ପ୍ରାଣୀଙ୍କୁ ଆତ୍ମ ରୂପରେ ପ୍ରକାଶିତ କରନ୍ତି, ସ୍ତୋତ୍ର ଦ୍ୱାରା ଯାହାର ସ୍ତୁତି କରାଯାଏ, ଯିଏ ସର୍ବତ୍ର ବ୍ୟାପ୍ତ, ସେ ଦେବ ଅଟନ୍ତି– ସର୍ବଭୂତେଷ୍ଟାମୁତୟା ଦ୍ୟୋତୟତେ ସ୍ତୁପତେସ୍ତୁତ୍ୟେଙ୍ ସର୍ବତ୍ର ଗଚ୍ଛତି ତସ୍ମାଦ୍ ଦେବଃ ।

'ଧୀମହି' – ଧୀମହି କହନ୍ତି ଧ୍ୟାନ କରିବାକୁ । ଧ୍ୟାନର ଚମତ୍କାର ପ୍ରତ୍ୟକ୍ଷ । ଯେଉଁ ବସ୍ତୁର ଧ୍ୟାନ କରାଯାଏ, ସେ ଉପରେ ମନ ଜମିଥାଏ । ସେଥିପ୍ରତି ରୁଚି ଓ ରୁଚିରୁ ଧ୍ୟେୟ ପ୍ରାପ୍ତିର ଆକାଂକ୍ଷା ଉତ୍ପନ୍ନ ହୋଇଥାଏ । ଏହିପରି ଧ୍ୟାନ ବୀଜ ଅଟେ ଓ ସଫଳତା ତାହାର ଫଳ । ଗାୟତ୍ରୀରେ ସବିତା ଧ୍ୟାନର ଅର୍ଥ ସବିତା ପ୍ରାପ୍ତିର ପ୍ରଯନ୍ତି । ଏହା ବହୁତ ଶୁଭ ।

'ଧୀ'- ଧୀ କହନ୍ତି ବୁଦ୍ଧିକୁ । ବୁଦ୍ଧିର ତ କେତେ ସ୍ତର ଓ ନାମ ଅଛି । ଅକଲ, ଚତୁରତା, ହୁସିଆରି, ବୁଝାମଣା, ଦୂରଦର୍ଶିତା ଆଦି ବୁଦ୍ଧି ବିଶେଷର ଅର୍ଥରେ ପ୍ରଯୁକ୍ତ ହୋଇଥାଏ ସାଧାରଣତଃ ମାନସିକ ବଳକୁ ବୁଦ୍ଧି କହନ୍ତି, କିନ୍ତୁ ଏହି ପରିଭାଷା ସ୍ଥୂଳ ଓ ଅପୂର୍ବ । ଯେଉଁ ବୁଦ୍ଧି ଆତ୍ମକଲ୍ୟାଣ ହେତୁ ସକ୍ରିୟ ରହିଥାଏ, ତାହା ଅସଲ 'ଧୀ' ବା 'ଧିୟଃ' ତତ୍ତ୍ୱ ଅଟେ, ଯାହାର ଧାରଣାର ପ୍ରେରଣା ଗାୟତ୍ରୀ ମନ୍ତ୍ରରେ କରାଯାଇଛି ।

'ୟଃ'– ୟଃ ର ଅର୍ଥ 'ଯିଏ' ଏହା ପରମାତ୍ମାଙ୍କ ପାଇଁ ସଂକେତ ଅଟେ । ପୂର୍ବରୁ ଯେଉଁ ସବିତା ବରେଣ୍ୟ, ଭର୍ଗ, ଦେବ, ପରମାତ୍ମାଙ୍କ ବର୍ଣ୍ଣନ ହୋଇଛି, ସେହି ଗୁଣ ବିଶିଷ୍ଟ ଯେଉଁ ପରମାତ୍ମା ଅଛନ୍ତି, ତାହାକୁ ଦୋହରାଇ ପୃଷ୍ଠପୋଷଣ କରିବା ଅପେକ୍ଷା ଏଠାରେ କେବଳ 'ୟଃ'ର ସଂକେତ କରି ଦିଆଯାଇଛି । ଏହା ସବିତାଙ୍କ ରୂପ ଅଟେ- ୟଃ ସବିତା ଦେବୀ ।

ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ

## ଟିକିଏ ହସନ୍ତୁ

ନାତି : ଅଜା, ତୁମେ ୮୦ ବର୍ଷରେ ଆଇକୁ ଡାର୍ଲିଙ୍ଗ, ସ୍ୱିଟି ଆଉ ମାଇ ଲଭ୍ କହି କାହିଁକି ଡାକୁଛ ?

ଅଜା : ହଁରେ ନାତି, ଦଶ ବର୍ଷ ପୂର୍ବେ ତା ନାମ ଭୁଲି ଯାଇଥିଲି, ଏବେ ଆଉ ପଚାରିବାକୁ ସାହାସ ନାହିଁ ।

× × × ×

ଗୋଲୁ : ମା' ଶୋଇବା ବେଳେ ମୁଁ କେମିତି ଲାଗୁଛି ?

ମା : ସୋ, କ୍ୟୁଟ୍ ।

ଗୋଲୁ : ତେବେ, ତୁ ସକାଳେ ଉଠଉଛୁ କାହିଁକି ?

× × ×

ଚିଣ୍ଟୁ : ଆରେ ଜାଣିଛୁ, ମୋ ବାପା ରାସ୍ତା ପାର୍ ହେବା ପାଇଁ ଭାରି ଭୟ କରନ୍ତି ।

ପିଣ୍ଟୁ : ତୁ କେମିତି ଜାଣିଲୁ ?

ଚିଣ୍ଟୁ : ରାସ୍ତା ପାର୍ ବେଳେ ସେ ମୋ ହାତ ଧରି ପକାନ୍ତି ।

× × × ×

ବାପା : ଆରେ ପୁଅ ଗଣିତ ବହିରେ ଏତେ ବଡ଼ କଣା କାହିଁକି କରିଛୁ ?



ପୁଅ : ବାପା, ସାର୍ ପରା କହିଛନ୍ତି, ବହିରେ ଭଲ ଭାବରେ ମୁଣ୍ଡ ଭର୍ତ୍ତି କଲେ ଗଣିତ ଭଲ ଆସିବ ।

× × × ×

ରମେଶ ଜଣେ ବାପାଙ୍କ ପାଖକୁ ଯାଇ: ମୋର ବାହାଘର ହେଇପାରୁ ନି କ'ଣ କରିବି ? କେବେ ହେବ କହିପାରିବେ ?

ବାବା : ଯେମିତି ପାପର କଳସ ପୂର୍ଣ୍ଣ ହେଲେ ମଣିଷର ମୃତ୍ୟୁ ହୁଏ । ସେହିଭଳି ଯେବେ ତୁମ ଖୁସିର କଳସ ପୂର୍ଣ୍ଣ ହୋଇଯିବ ତୁମର ବିବାହ ନିଶ୍ଚୟ ହୋଇଯିବ ।

× × × × × ×

ପୁଅ ଝିଅକୁ : ମତେ ବାହା ହେଇଯାଅ । ମୋ ବାପା ଗାଁର ସବୁଠୁ ବଡ଼ ମଣିଷ । ଏହାପରେ ଝିଅ ରାଜି ହୋଇଗଲା । ଆଉ ବିବାହ ହୋଇଗଲା । ବିବାହ ପରେ ଜାଣିଲା : ପୁଅର ବାପାଙ୍କ ବୟସ ଗାଁର ସମସ୍ତଙ୍କଠୁ ବଡ଼ । ମାନେ ୧୧୦ ବର୍ଷ ।

× × × × × ×

ଶିକ୍ଷକ ପିଣ୍ଟୁକୁ : ତୁ କାଲି ସ୍କୁଲକୁ କାହିଁକି ଆସି ନ ଥିଲୁ ?

ପିଣ୍ଟୁ : କହିବିନି ।

ଶିକ୍ଷକ ଚାପୁଡ଼ା ମାରି : ଶୀଘ୍ର କହ ।

ପିଣ୍ଟୁ : ଭାଲେଣ୍ଟାଇନ୍ସ ଡେ' ଥିଲା ତ ଗାର୍ଲଫ୍ରେଣ୍ଡ ସହ ବୁଲୁଥିଲି ।

ବର୍ଷ ୨୬, ସଂଖ୍ୟା- ୧୦, ୦୬ - ୧୨ ମାର୍ଚ୍ଚ ୨୦୨୨

# ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ବାସ୍ତବତା

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରକ୍ରିୟା ଶେଷ ହୋଇଛି । ନିର୍ବାଚନକୁ ନେଇ ହିଂସା, ବିଶୃଙ୍ଖଳା, ମାରପିଟ ଥମିନାହିଁ । ଏଥର ପଞ୍ଚାୟତ ନିର୍ବାଚନ ଆମ ସମସ୍ତଙ୍କ ପାଇଁ ଯେଉଁମାନେ ପ୍ରତ୍ୟକ୍ଷ ଭାବେ ଏହାକୁ ଦେଖୁଛନ୍ତି ସେମାନେ ଦ୍ୱିମତ ହେବେନି ଯେ ସମ୍ପୂର୍ଣ୍ଣ ନୂଆ ରୂପରେ ସଂଘଟିତ ହୋଇଛି । ବୁଥ ଜବରଦଖଲ କରିବା, ଭୋଟରଙ୍କୁ କିଣିନେବା, ଟଙ୍କା ସହ ମଦ ଓ ମାଂସର ପ୍ରଲୋଭନ ସୀମା ଟପିବା ଏସବୁ ଏଥର ସର୍ବାଧିକ ଘଟିଛି । ପଞ୍ଚାୟତ ନିର୍ବାଚନରେ ଗାଁ ଗାଁରେ ଯେଉଁ ପ୍ରତିଫଳନ ହୋଇଛି ତାକୁ ଦେଖିଲେ ରାଜ୍ୟ ନିର୍ବାଚନ କମିଶନ ଯେ ରାଜ୍ୟ ପ୍ରଶାସନକୁ ନିରପେକ୍ଷ ଓ କାର୍ଯ୍ୟଦକ୍ଷ କରାଇପାରିଛନ୍ତି, ତାହା ଆଦୌ କହିହେବ ନାହିଁ । ଏଥର ନିର୍ବାଚନରେ ବିଜୟ ଯାହାର ହେଉନା କାହିଁକି ଆରମ୍ଭରୁ ଏତିକି କୁହାଯାଇପାରିବ ଯେ ଏହି ବିଜୟ ଗଣତନ୍ତ୍ରର ନୁହେଁ, ଅର୍ଥ-ମଦ-ମାଂସ ଓ ବାହୁବଳର ।


୨୦୧୭ରେ ପଞ୍ଚାୟତ ନିର୍ବାଚନ ସମାନ ଧାରାରେ ୱାର୍ଡ ସଭ୍ୟଠାରୁ ଆରମ୍ଭ କରି ସରପଞ୍ଚ, ସମିତି ସଭ୍ୟ ଓ ଦଳୀୟ ଭିତ୍ତିରେ ହେଉଥିବା ଜିଲ୍ଲା ପରିଷଦ ସଦସ୍ୟ ଚୟନ ନିମନ୍ତେ ଆମେ ମତଦାନ କରିଥିଲେ । ସେତେବେଳେ ବି ଟଙ୍କା ବଣ୍ଟାଯାଇଥିଲା, ମଦ ମାଂସର ପ୍ରଲୋଭନ ଦେଖାଯାଇଥିଲା ଓ କାଁ ଭାଁ କେତେକ ସ୍ଥାନରେ ଜବରଦଖଲ କରି ଭୋଟ ନିଆଯାଇଥିଲା । ଏ ଘଟଣା କିଛି ନୂଆ ନୁହେଁ । କିନ୍ତୁ ୨୦୨୨ ପରି ଆଉ କେବେ ବି ହୋଇନଥିଲା । କାହିଁକି କ'ଣ ପାଇଁ ସରକାର ଏକ ନିରପେକ୍ଷ, ସ୍ୱଚ୍ଛ, ଶୃଙ୍ଖଳିତ ପଞ୍ଚାୟତ ନିର୍ବାଚନ ଚାହିଁଲେ ନାହିଁ ତାହା ବଡ଼ ପ୍ରଶ୍ନବାଚୀ । ଯେଭଳି ଭାବେ ନିର୍ବାଚନଟି ପରିଚାଳିତ ହେଲା, ତାହା ସ୍ପଷ୍ଟ କରିଦେଲା ଯେ ନିର୍ବାଚନ କମିଶନ ନିରୂପାୟ ।

ସ୍ୱାଧୀନତାର ୭୫ ବର୍ଷରେ ଅନେକ ନିର୍ବାଚନ ହୋଇସାରିଲାଣି । ଭାରତବର୍ଷର ଅବସ୍ଥା ଏପରି ହୋଇଛି ଯେ, ଏବେ ବର୍ଷସାରା କେଉଁଠି ନା କେଉଁଠି ନିର୍ବାଚନ ଚାଲୁଛି । ନିର୍ବାଚନ ଜିତିବା ପାଇଁ ସରକାରମାନେ ଏତେ ବ୍ୟାକୁଳ ହେଉଛନ୍ତି ଯେ ସମ୍ବିଧାନର ସଂକଳ୍ପରେ ଦେଶର ଶାସନ ବ୍ୟବସ୍ଥାକୁ ସମ୍ଭାଳିବା ପାଇଁ ଦାୟିତ୍ୱ ନେଇଥିବା ନେତୃବୃନ୍ଦ ରାଜ୍ୟ ପରେ ରାଜ୍ୟ ବା ଆସନ ପରେ ଆସନ ଦଖଲର ଏକ ଭୟଙ୍କର ନିଶାରେ ରହୁଛନ୍ତି । ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ବ୍ୟବସ୍ଥାରେ ଜନତାଙ୍କ ସେବକ ବୋଲାଉଥିବା ଜିଲ୍ଲାପାଳ ଓ ବିଡିଓଙ୍କ ପର୍ଯ୍ୟନ୍ତ ସମସ୍ତେ ରାଜନୈତିକ ଅଳିନ୍ଦ ଭିତରେ ନିଜ ପଦମର୍ଯ୍ୟାଦାକୁ ଭୁଲି ଯାଉଛନ୍ତି । ସମସ୍ତେ ମିଳିମିଶି ନିର୍ବାଚନକୁ ଏପରି ଏକ ସ୍ତରକୁ ନେଉଛନ୍ତି, ଯେଉଁଠି ସାଧାରଣ ମତଦାତାଟିଏ ତା'ର ମତାଧିକାର ସାବ୍ୟସ୍ତ କରିବା ପୂର୍ବରୁ ପ୍ରଲୋଭନ, ଭୟ ଓ ବଳ ପ୍ରୟୋଗର ସ୍ଥିତିକୁ ସାମ୍ନା କରୁଛି । ପଞ୍ଚାୟତ ନିର୍ବାଚନ ହେଉ ଅବା ପାର୍ଲାମେଣ୍ଟ ନିର୍ବାଚନ ଆମେ ପ୍ରତ୍ୟେକଟି ନିର୍ବାଚନକୁ ଗଣତନ୍ତ୍ରର ମହାପର୍ବ' ବୋଲି କହୁଛେ । ଏଥର ମଧ ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରାରମ୍ଭରେ ଏହାକୁ ଗଣତନ୍ତ୍ରର ମହାପର୍ବ ବୋଲି ଆଖ୍ୟା ଦେଇ ଆମେ ସାଧାରଣ ଭୋଟରମାନେ ଗର୍ବ ଅନୁଭବ କରୁଥିଲେ । ଏକ ସମୟରେ ୪ଟି ଭୋଟ ଦେବାର ଏହି ଅବସରକୁ ମହାପର୍ବର ମହାଅଧିକାର ବୋଲି ଭାବୁଥିଲେ । କିନ୍ତୁ ବାସ୍ତବରେ କେତେବେଳେ ଆମର ସେହି ଅଧିକାରଟି ଅପହୃତ ହୋଇଗଲା ତାହା ଜଣାପଡ଼ିଲା ନାହିଁ । କାହାର ଟଙ୍କା ବଳରେ ଅପହୃତ ହେଲା, କାହାର ମଦ-ମାଂସର ପ୍ରଲୋଭନରେ ଅପହୃତ ହେଲା ଓ ଆଉ କାହାର ବଳ ପ୍ରୟୋଗରେ ଅପହରଣ ହୋଇଗଲା । ପ୍ରତ୍ୟକ୍ଷ ଅନୁଭୂତି ହେଉଛି ଖୁବ କମ ଭୋଟର ନିଜ ସ୍ୱାଧୀନ ମତକୁ ସାବ୍ୟସ୍ତ କରିବାକୁ ସୁଯୋଗ ପାଇଲେ । ଏହା ହିଁ ହେଲା ଆଜିର ବାସ୍ତବତା ।

ନିର୍ବାଚନରେ ହାର ଜିତ ରହିଛି । ଜଣେ ପ୍ରାର୍ଥୀ ହିଁ ବିଜୟୀ ହେବେ । ଅନ୍ୟ ସମସ୍ତ ପ୍ରତିଯୋଗୀ ପରାଜୟ ବରଣ କରିବେ । ଏହା ହେଉଛି ଗଣତନ୍ତ୍ରର ନିୟମ । ଲୋକେ ଯାହାକୁ ସର୍ବାଧିକ ମତ ଦେବେ ସେ ବିଜୟୀ ହେବେ । ନିର୍ବାଚନ ପରେ ପୁଣି ସମସ୍ତେ ଏକାଠି ହୋଇ କାମ କରିବେ । ଗଣତନ୍ତ୍ରର ଏ ମନ୍ତ୍ରକୁ କାହିଁ କେତେଦୂରକୁ ଠେଲିଦେଇ ନିର୍ବାଚନା ରାଜନୀତିରେ ବିଜୟୀ ହେବାର ଯେଉଁ ନିଶା ଘାରିଛି, ତାହା ଗାଁ ଗାଁରେ ଆଜି ଗଣତନ୍ତ୍ରରେ ଏ ମହାପର୍ବକୁ ବିପର୍ଯ୍ୟସ୍ତ କରିଦେଇଛି ଏଥରର ନିର୍ବାଚନ ତା'ର ଏକ ବଡ଼ ନମୁନା । ଗୁଳ୍ମ ଓ ନିରପେକ୍ଷ ତଥା ଅବାଧ ମତଦାନ କରାଇବାର ଦାୟିତ୍ୱରେ ଥିବା ସରକାରୀ ଅଧିକାରୀମାନେ ପକ୍ଷଭୁକ୍ତ ହୋଇ ଛିଡ଼ା ହୋଇଥିଲେ । ସେମାନଙ୍କ ସାମ୍ନାରେ ମତଦାତାଙ୍କର ମତାଧିକାର ଅପହରଣ ହେଉଥିଲା । ଯିଏ ପୂର୍ବରୁ ବିକ୍ରି ହୋଇଛନ୍ତି ସେମାନଙ୍କ ମତକୁ ଦଳୀୟ କର୍ମୀ-ସମର୍ଥକ ଓ କାର୍ଯ୍ୟକର୍ତ୍ତା ଜଗିକରି ଦେଖୁଥିଲେ । ଯେଉଁମାନେ ବିକ୍ରି ହୋଇନାହାନ୍ତି, ସେମାନଙ୍କ ମତକୁ ଜୋର ଜବରଦସ୍ତି ଛଡ଼ାଇ ନେଇଥିଲେ । ବୃଦ୍ଧ ଅସୁସ୍ଥ-ମାନସିକ ବିକାରଗ୍ରସ୍ତ ଅବା ଭିନ୍ନକ୍ଷମ ମତଦାତାମାନେ ମତଦାନ ଗୃହରେ ଅସହାୟ ହୋଇପଡୁଥିଲେ । କାରଣ ସେମାନେ ନିଜ ମତ ଦେବାପାଇଁ ଯେଉଁ ଇଚ୍ଛା ବ୍ୟକ୍ତ କରୁଥିଲେ ବା ଯାହା ଚାହୁଁଥିଲେ, ତାହାକୁ କେହି ଶୁଣୁନଥିଲେ । 'ଜୋର ଯାର ମୂଲକ ତାର' ନ୍ୟାୟରେ ଭୋଟ ଯେମିତି ଛଡ଼ାଇ ନିଆଯାଉଥିଲା । ସାରା ଓଡ଼ିଶାରେ ଏହି ଘଟଣା ଅଧିକାଂଶ ଭାବରେ ଘଟିଛି ଏଥିରେ ଦ୍ୱିମତ ହୋଇପାରିବା ନାହିଁ । କେବେ କୌଣସି ପଞ୍ଚାୟତ ନିର୍ବାଚନରେ ଏପରି ଭାବେ ଟଙ୍କା ଖର୍ଚ୍ଚ ହୋଇନଥିଲା । ଜିତିବା ପାଇଁ ଗାଁ ଗାଁରେ ମଦ ମାଂସର ବନ୍ୟା ଏପରି କରାଯାଇନଥିଲା । ଜିତିବାର ନିଦରେ ବୁଥ ଜବରଦଖଲ ଏଭଳି ହୋଇନଥିଲା । ବିଡ଼ମ୍ବନା ହେଲା ଯେ, ସବୁ ଦେଖି ପ୍ରଶାସନ ନିରବ ରହିଲା ଓ ନିର୍ବାଚନ କମିଶନ ନିଜର ଅସହାୟତାକୁ ଲୁଚାଇ ପାରିଲେ ନାହିଁ ।

ପଞ୍ଚାୟତ ଭୋଟ ପ୍ରକ୍ରିୟା ନ ସରୁଣୁ ନିର୍ବାଚନ କମିଶନ ପୌର ଭୋଟ ଘୋଷଣା କରିଛନ୍ତି । ମାସକ ମଧରେ ପୌରାଞ୍ଚଳରେ ନିର୍ବାଚନର ପ୍ରକ୍ରିୟା ସାରିବାକୁ ସ୍ଥିର କରିଛନ୍ତି । ମନରେ ପ୍ରଶ୍ନ ଉଠୁଛି ଏତେ ତରବର କ'ଣ ପାଇଁ ? ପଞ୍ଚାୟତ ନିର୍ବାଚନର ଭୋଟ ଗଣତି ପରେ ପରେ ପଞ୍ଚାୟତ ସମିତି ଗଠନ ହେବ ଓ ଜିଲ୍ଲାପରିଷଦ ମଧ ଗଢ଼ାଯିବ । ପଞ୍ଚାୟତ ସମିତି ଅଧକ୍ଷ ଏବଂ ଉପାଧକ୍ଷ ପଦର ନିର୍ବାଚନ ସହିତ ଜିଲ୍ଲା ପରିଷଦ ଅଧକ୍ଷ ଓ ଉପାଧକ୍ଷ ପଦର ନିର୍ବାଚନ ହେବାକୁ ରହିଛି । ତାରି ଭିତରେ ସହରରେ ପୁଣି ନିର୍ବାଚନର ଦୁନ୍ଦୁଭି ବାଜିଛି । ୩ଟି ମହାନଗର ନିଗମ ସହ ୧୦୬ଟି ପୌରାଞ୍ଚଳରେ ପ୍ରାୟ ୪୧ ଲକ୍ଷରୁ ଅଧିକ ଭୋଟର ସେମାନଙ୍କର ପ୍ରତିନିଧି ବାଛିବେ । ତୃଣମୂଳ ସ୍ତରରେ ବିକାଶର ଭିତ୍ତିଭୂମି ଗଢ଼ିବାରେ ଉଭୟ ପଞ୍ଚାୟତ ଏବଂ ପୌର ନିର୍ବାଚିତ ପ୍ରତିନିଧିଙ୍କର ଗୁରୁ ଦାୟିତ୍ୱ ରହିଛି । ତେଣୁ ଭୋଟରଙ୍କ ପାଇଁ ବା ସାଧାରଣ ଲୋକଙ୍କ ପାଇଁ ଏହି ଦୁଇଟି ନିର୍ବାଚନ ବେଶ ଗୁରୁତ୍ୱପୂର୍ଣ୍ଣ । ରାତି ପାହିଲେ ସାଧାରଣ ନାଗରିକଟିଏ ଗାଁରେ ୱାର୍ଡ ସଭ୍ୟ, ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଭେଟିବ । ସହରରେ କାଉନସିଲର ବା କର୍ପୋରେଟରଙ୍କୁ ତା'ର ସମସ୍ୟା କହିବ । ତେଣୁ ଠିକ ଲୋକ ବା ଉପଯୁକ୍ତ ପ୍ରତିନିଧି ବାଛିବାର ଆବଶ୍ୟକତା ବେଶ ଅଧିକ ରହିଛି । ମାତ୍ର ଯେଉଁ ଧାରାରେ, ଯେଉଁ ବ୍ୟସ୍ତତାରେ ଓ ଯେଉଁଭଳି ଢଙ୍ଗରେ ଏହି ନିର୍ବାଚନଗୁଡ଼ିକୁ ସମ୍ପୂର୍ଣ୍ଣ କରାଇନେବାର ରଣନୀତି ଆପଣାଯାଇଛି, ସେଥିରେ ଲୋକମତର ସ୍ଥାନ କେଉଁଠି ରହିବ ତାହା ସନ୍ଦେହରେ । ପଞ୍ଚାୟତ ନିର୍ବାଚନର ହିଂସା ଓ ବିଶୃଙ୍ଖଳା ଯେତିକି ସାମ୍ନାକୁ ଆସିଛି, ତା'ଠାରୁ ବହୁଗୁଣରେ ଘଟଣା ଆଢୁଆଳରେ ରହିଯାଇଛି । ଆଶା କରିବା ପୌର ନିର୍ବାଚନ ସେଭଳି ନହେଉ । ଲୋକଙ୍କୁ ସେମାନଙ୍କର ପ୍ରତିନିଧି ବାଛିବାର ସାମାନ୍ୟ ସୁଯୋଗ ମିଳୁ । ମତାଧିକାରକୁ ପ୍ରଲୋଭନରେ ଅଥବା ବଳ ପ୍ରୟୋଗରେ ଅପହରଣ କରିନିଆନଯାଉ । ଅନ୍ତତଃ ପକ୍ଷେ ପଞ୍ଚାୟତର ଅନୁଭବକୁ ପରଖି ନିର୍ବାଚନ କମିଶନ ପୌର ନିର୍ବାଚନରେ ପ୍ରକୃତ ନିରପେକ୍ଷତା, ସ୍ୱଚ୍ଛତା ଓ ଦକ୍ଷତା ପ୍ରତିଫଳନ କରନ୍ତୁ ।

ବହୁ ଅଧିକ କଥା ଆଲୋଚନା କରିବାର ଆବଶ୍ୟକତା ନାହିଁ । ଗାଁ ଗାଁରେ ଯାହା ଘଟିଯାଇଛି, ତାହା ସମସ୍ତଙ୍କ ସାମ୍ନାରେ ରହିଛି । ଯେଉଁ ଢଙ୍ଗରେ ନିର୍ବାଚନ ହୋଇଛି, ସେଥିରେ ଜିତିକରି ଆସୁଥିବା ନିର୍ବାଚିତ ପ୍ରତିନିଧିମାନେ ଲୋକଙ୍କ ପାଇଁ କେତେ ଉତ୍ତରଦାୟୀ ହେବେ ଓ ସ୍ୱଚ୍ଛତାର ସହ କେତେ କାର୍ଯ୍ୟ କରିବେ ତାହା ଅନୁମେୟ । ଜଣେ ପ୍ରାର୍ଥୀ ଯେତେବେଳେ ଗୋଟିଏ ଭୋଟ କିଣିବାକୁ ହଜାରେରୁ ଅଧିକ ଟଙ୍କା ଖର୍ଚ୍ଚ କରୁଛି ଓ ଗ୍ରାମ ସମୂହକୁ ସପକ୍ଷରେ ନେବାଲାଗି ଲକ୍ଷାଧିକ ଟଙ୍କା ଅନ୍ଧାର ରାତିରେ ବାଣ୍ଟିଦେଉଛି, ସେହି ପ୍ରାର୍ଥୀ ଜଣକ ଭୋଟରେ ଜିତିଲା ପରେ କାହିଁକି ବିକ୍ରି ହୋଇଥିବା ମତଦାତାଙ୍କ ସାମ୍ନାରେ ମୁଣ୍ଡ ନୁଆଁଇବ ? କ'ଣ ପାଇଁ ସରକାରଙ୍କ କଲ୍ୟାଣମୂଳକ ଯୋଜନାକୁ ସେ ଲୋକଙ୍କୁ ଦେବ ? କାହିଁକି ଭତ୍ତା ପାଇଁ, ପକ୍କାଘରଟିଏ ପାଇଁ, ପାଇଖାନା ନିର୍ମାଣ ପାଇଁ ସେ ଟଙ୍କା ନନେବ ? ସଦ୍ୟ ଶେଷ ହୋଇଥିବା ମତଦାନ ପ୍ରକ୍ରିୟାରେ ଗାଁ ଗାଁରେ ବିବାଦ ଏପରି ହୋଇଛି ଯେ ଏହାର ସମାଧାନ ପାଇଁ ୬ ମାସ, ବର୍ଷେ, ଦୁଇବର୍ଷ କିମ୍ବା ୫ ବର୍ଷ ଲାଗିଯିବ । ଭୋଟ କିଏ କାହାକୁ ଦେବ ତାକୁ ନେଇ ବିବାଦ ଓ ହିଂସାର ଅନ୍ତ ନାହିଁ । ଏକାଧିକ ଜୀବନ ମଧ ଯାଇଛି । ତାରି ଭିତରେ ନିର୍ବାଚିତ ହୋଇ ଆସୁଥିବା ପ୍ରାର୍ଥୀମାନଙ୍କଠାରୁ ସୁସମ୍ପର୍କ, ସ୍ୱଚ୍ଛତା ଓ ନିରପେକ୍ଷତା ଆଶା କରିବା ମୂର୍ଖମୀ ଛଡ଼ା ଆଉ କିଛି ନୁହେଁ । ଏଥରର ଏହି ନିର୍ବାଚନଟି ଅନେକ ଗାଁର ପରିବେଶକୁ ନଷ୍ଟ କରିଛି । ଅନେକ ପରିବାରର ଏକତାକୁ ଭାଙ୍ଗିଛି । ଭାଇଚାରା ଓ ଭଲ ପାଇବାରେ ବାଡ଼ ବସାଇଛି । ଜିତିବାର ନିଶା ଓ ପ୍ରକାରାନ୍ତରେ ପଞ୍ଚାୟତକୁ ଆସୁଥିବା କୋଟି କୋଟି ଟଙ୍କା ହରିଲୁଟର ଲକ୍ଷ୍ୟ ନିର୍ବାଚନ ରାଜନୀତି ପାଇଁ ସର୍ବସ୍ୱ ହୋଇଯାଇଛି । ଏଥିରେ ନିର୍ବାଚନ କମିଶନ ଯେଭଳି ଅସହାୟ ହୋଇଛନ୍ତି, ମତଦାତା ମଧ ସେଭଳି ନିରୂପାୟ ହୋଇଛନ୍ତି ।



## ସେବାର ନିୟମ

### ମହାତ୍ମା ଗାନ୍ଧୀ

**ଯେ**ତେବେଳେ ଆମେ ସେବା କରିବାକୁ ଇଚ୍ଛା କରିବା, ସେତେବେଳେ ଆତ୍ମୀୟ ହୋଇଯିବା, ଏବଂ, ଯେତେବେଳେ କୌଣସି ଅଧିକାରକୁ ଦାବି କରି ବାହାରିବା, ସେତେବେଳେ ଆତ୍ମୀୟତା ଉପରେ ଆଉ ଜୋର୍ ଦେବାନାହିଁ ଏହା ହିଁ ଆଚରଣର ସବୁଠାରୁ ଅଧିକ ନିରାପଦ ବିଧ । ବସ୍ତୁତଃ, ଏହାକୁ ମୁଁ ଆଚରଣର ସର୍ବୋତ୍ତମ ନିୟମ ବୋଲି କହିଛି ଏବଂ ଭାରତବର୍ଷରେ ପ୍ରଦେଶ ପ୍ରଦେଶ ମଧରେ ରହିଥିବା ସମ୍ବନ୍ଧଚୟର କ୍ଷେତ୍ରରେ ମୁଁ ଜୀବନର ସେହି ବିଧାନଟିକୁ ପ୍ରୟୋଗ କରି ଦେଖୁଛି । ମାନବୀୟ କାର୍ଯ୍ୟସମ୍ପର୍କଗୁଡ଼ିକ କ୍ଷେତ୍ରରେ ଉତ୍ତମ ସମ୍ପର୍କ ରଖୁପାରିବା ନିମନ୍ତେ ଆଉ ଅନ୍ୟ କୌଣସି ପଦ୍ଧତି ଥର ମୋତେ ଜଣା ନାହିଁ । ଏବଂ, ଗତ ବହୁ ବର୍ଷର ଅଭିଜ୍ଞତା ବଳରେ ମୋ'ର ଏହି ସିଦ୍ଧାନ୍ତଟି ଦୃଢ଼ ହୋଇଯାଇଛି ଯେ, ଯେତେବେଳେ ଉକ୍ତ ସର୍ବୋତ୍ତମ ନିୟମଟିକୁ ପାଳନ କରିବାରେ କୌଣସି ବାଧା ଆସି ପହଞ୍ଚିଛି, ସେଠାରେ କେବଳ ଅସୂୟା ଦେଖାଦେଇଛି, କଳହ ହୋଇଛି ଓ ମୁଣ୍ଡ ଫଟାଫଟି ମଧ ଘଟିଯାଇଛି ।

## କିଡ୍‌ନୀ ପାଇଁ କ୍ଷତିକାରକ ବାସିଖାଦ୍ୟ

**କୌ**ଣସି ଖାଦ୍ୟ ଅଧିକ ରାନ୍ଧି ଦେଇଥିଲେ ସେସବୁ ନଷ୍ଟ ନହେବା ପାଇଁ ଆପଣ ତାକୁ ଫ୍ରିଜ୍‌ରେ ରଖୁଥା'ନ୍ତି । ହେଲେ ବିଶେଷଜ୍ଞଙ୍କ ଅନୁସାରେ ଖାଦ୍ୟ ବେଶିଦିନ ଫ୍ରିଜ୍‌ରେ ରହିଲେ ସେଥିରେ ଫଙ୍ଗସ୍ ହୋଇଯାଏ । ଏହି ଖାଦ୍ୟକୁ ଖାଇବା ଦ୍ୱାରା ବ୍ୟାକ୍ଟେରିଆଲ ଇନ୍‌ଫେକ୍ସନ ହୋଇପାରେ । ଏହାକୁ ସେପ୍ସିସ ରୋଗ କୁହାଯାଏ । ତେବେ ଅଧିକାଂଶ ସମୟ ବାସିଖାଦ୍ୟ ଖାଇଲେ ତାହାର ପ୍ରଭାବ କିଡ୍‌ନୀ ଉପରେ ପଡ଼ିବାର ଆଶଙ୍କା ରହିଛି । 'ବାସିଖାଦ୍ୟ ଓ କିଡ୍‌ନୀ ସମସ୍ୟା' ଶୀର୍ଷକ ବିଷୟକୁ ନେଇ ସିଡ୍ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ପରୀକ୍ଷା କରିଥିଲେ । ଏପରି ଖାଦ୍ୟ ଫଙ୍ଗସ୍ ସଂସ୍ପର୍ଶରେ ଆସିବା ଦ୍ୱାରା ତାହା ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ । ବିଶେଷ ଭାବରେ ଏହାର ପ୍ରଭାବ କିଡ୍‌ନୀ ଉପରେ ପଡ଼ିବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି ।

# ଦେହକୁ ହିତ କଦଳୀ

କଦଳୀକୁ ସର୍ବଗୁଣସମ୍ପନ୍ନ ସ୍ୱାଦିଷ୍ଟ ଫଳ ମଧ୍ୟରେ ଗଣାଯାଏ । ଏହା ଏମିତି ଏକ ଫଳ ଯାହା ସମସ୍ତଙ୍କ ପାଇଁ ଉପକାରୀ । ସବୁ ବୟସର ଲୋକ ତଥା ରୋଗୀମାନଙ୍କ ପାଇଁ ଏହା ଏକ ଉପାଦେୟ ଖାଦ୍ୟ । ଏଥିରେ ଫାଇବର, ରେଜିଷ୍ଟାଣ୍ଟ ଷ୍ଟାଚ, ମ୍ୟାଗନେସିଅମ, କ୍ୟାଲସିଅମ, ପୋଟାସିଅମ, ଫାଇଟୋ, କେମିକାଲ୍ସ ଓ ଭିଟାମିନ୍



ବି-୬ ପ୍ରଭୃତି ଯଥେଷ୍ଟ ପରିମାଣରେ ରହିଥାଏ । ତା' ସହିତ ୬୪ ପ୍ରତିଶତ ପାଣି ଓ ୧୩ ପ୍ରତିଶତ ପ୍ରୋଟିନ୍ ମଧ ଥାଏ ।

ଝାଡ଼ାବାନ୍ତି ହେଉଥିଲେ ପାଚିଲା କଦଳୀ ଖାଆନ୍ତୁ । ନିୟମିତ କଦଳୀ ଖାଇଲେ ହାଡ଼ ଶକ୍ତ ଓ ଦୃଢ଼ ହୁଏ ।

କଦଳୀରେ ଥିବା ପୋଟାସିୟମ ରକ୍ତଚାପ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ ।

ରୋଗୀମାନଙ୍କ ପାଇଁ ଉତ୍ତମ ଆହାର । ହିମୋଗ୍ଲୋବିନ୍ ମାତ୍ରା ବଢ଼ାଏ ।

ପେଟ ଥଣ୍ଡାକରେ । ଏଥିରେ ଥିବା ଏକ ସ୍ୱତନ୍ତ୍ର ଆମିନୋଏସିଡ୍ ମାନସିକ ଚାପ ହ୍ରାସ କରେ ।

ଯଦି ନାକରୁ ରକ୍ତ ବାହାରୁଥାଏ, ତା'ହେଲେ ଚିନି ଓ କ୍ଷୀର ସହିତ ୭ ଦିନ କଦଳୀ ଖାଆନ୍ତୁ ।

ହୃଦରୋଗୀ ପ୍ରତିଦିନ ମହୁ ସହିତ ଦୁଇଟି କଦଳୀ ଖାଇବା ଉଚିତ । ପ୍ରତିଦିନ ଗୋଟିଏ ଲେଖାଏଁ କଦଳୀ ଖାଇଲେ ଦେହରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ ।

# କଳାଲୁଣ ଏସିଡିଟି ପାଇଁ ରାମବାଣ

ଆୟୁର୍ବେଦ ଅନୁସାରେ କଳାଲୁଣକୁ ଡାଏଟରେ ସାମିଲ କରିବା ଦ୍ୱାରା ଅନେକ ରୋଗ ଦୂର ହୋଇଥାଏ । ଏଥିରେ ୮୦ ପ୍ରକାର ଖଣିଜ ପଦାର୍ଥ ରହିଛି । ଯାହା ଉଚ୍ଚ ରକ୍ତଚାପ, ଡିପ୍ରେଶନ, କୋଲେଷ୍ଟ୍ରଲ ଓ ପେଟ ରୋଗ ପାଇଁ ଉପକାରୀ । ପ୍ରତିଦିନ ଦହି, ସାଲାଡ୍, ଚଟନି ଆଦିରେ କଳା ଲୁଣ ବ୍ୟବହାର କରି ପାରିବେ ।

ନିୟମିତ କଳା ଲୁଣ ଖାଇବା ଦ୍ୱାରା ଷ୍ଟ୍ରେସ୍ ହର୍ମୋନ୍ କାର୍ଟିସୋଲ ଓ ଏଡେରନାଲାଇନ ସ୍ତର କମ୍ ହୋଇଥାଏ ।

ଖାରୀୟ ପ୍ରକୃତି ଯୋଗୁଁ ଏହା ପେଟକୁ ଯାଇ ଏସିଡ୍ କମ୍ କରିଥାଏ ଯାହାଦ୍ୱାରା ଏସିଡିଟି ଓ



ଛାତିରେ ଜଳାପୋଡା କମ୍ ହୋଇଥାଏ ।

ଗ୍ୟାସ୍ ସମସ୍ୟା ସମ୍ପୂର୍ଣ୍ଣ ଦୂର କରିବା ପାଇଁ କଳା ଲୁଣ ଉତ୍ତମ ଉପାୟ । ଏଥିପାଇଁ ଏକ ତମ୍ବା ବାସନ ଗରମ କରି କଳା ଲୁଣ ପକାନ୍ତୁ । ଲୁଣ ରଙ୍ଗ ବଦଳିବା ପରେ ଗ୍ୟାସ୍ ବନ୍ଦ କରନ୍ତୁ । ଗୋଟିଏ ଗ୍ଲାସ ପାଣିରେ ଅଧ ଚାମଚ କଳା ଲୁଣ ପକାଇ ପିଅନ୍ତୁ ।

ଏହା ପେଟ ଭିତରେ ପ୍ରାକୃତିକ ଲୁଣ, ହାଇଡ୍ରୋକ୍ଲୋରିନ୍ ଏସିଡ୍ ଓ ପ୍ରୋଟିନ୍ ତିଆରି କରୁଥିବା ଏନଜାଇମକୁ ସକ୍ରିୟ କରିଥାଏ ଯାହାଦ୍ୱାରା ଖାଦ୍ୟ ସହଜରେ ହଜମ ହୋଇଯାଏ ।

ଏଥିରେ ଥିବା ପୋଟାସିୟମ ଯାହା ମାଂସପେଶୀକୁ ଠିକ୍ କରିବାରେ ସାହାଯ୍ୟ କରିଥାଏ ।

ଏହା ଆଣ୍ଟିବ୍ୟାକ୍ଟେରିଆଲ୍ କାମ କରି ଶରୀରର ହାନିକାରକ କୀଟାଣୁ ହଟାଇଥାଏ ।

# ହିତକାରୀ କ୍ୟାପସିକମ୍

କ୍ୟାପ୍ସିକମ୍‌କୁ ବିଲାତି ଲଙ୍କା ମଧ କୁହାଯାଏ । କ୍ୟାପ୍ସିକମ୍‌କୁ ଉଭୟ ଆମିଷ ଓ ନିରାମିଷରେ ବ୍ୟବହାର କରାଯାଏ । ଲାଲ୍, ସବୁଜ ଓ ହଳଦୀ ଆଦି ବିଭିନ୍ନ ରଙ୍ଗର କ୍ୟାପ୍ସିକମ୍ ଚାଷ କରାଯାଉଛି । ପ୍ରତ୍ୟେକ ରଙ୍ଗର କ୍ୟାପ୍ସିକମ୍‌ରେ ପ୍ରଚୁର ପରିମାଣରେ ଭିଟାମିନ୍ ରହିଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପଯୋଗୀ ।



କ୍ୟାପସିକମ୍ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପଯୋଗୀ । ଏଥିରେ ଭିଟାମିନ୍ ସି, ଭିଟାମିନ୍ ଏ' ଭିଟାମିନ୍ 'କେ', ଫାଇବର ଓ ବିଟା କ୍ୟାରୋଟିନ୍ ଭରପୁର ମାତ୍ରାରେ ରହିଛି । କ୍ୟାପସିକମରେ କେବଳ ଭିଟାମିନ୍ ନୁହେଁ, ବହୁ ସ୍ୱାସ୍ଥ୍ୟୋପଯୋଗୀ ଗୁଣ ମଧ ରହିଛି ।

ଆବୁ ପାଇଁ ଫଳପ୍ରଦ: ଯଦି ଆପଣ ଗାଠିଆର ଶିକାର ହୋଇଛନ୍ତି ତେବେ କ୍ୟାପସିକମ୍ ଖାଇବା ଆପଣଙ୍କ ପାଇଁ ଲାଭଦାୟକ ।

କ୍ୟାନସରରୁ ସୁରକ୍ଷା: କ୍ୟାପସିକମ୍‌ରେ ଆଣ୍ଟିଅକ୍ସିଡାଣ୍ଟ ଭରପୁର ରହିଥାଏ, ଯାହାକି କ୍ୟାନସର ରୋଗ ପାଇଁ ବେଶ୍ ଫଳପ୍ରଦ । ସଲଫର ଓ ଲାଇକୋପିନ୍ ରହିଥିବାରୁ ଏହା କ୍ୟାନସର ଭୟକୁ କମ୍ କରିଥାଏ ।

ଆଇରନ୍ ଯୋଗାଏ: କ୍ୟାପସିକମ୍‌ରେ ଭିଟାମିନ୍ ସି' ତଥା ଆଇରନ ରହିଛି । ରକ୍ତହୀନତାରୁ ରକ୍ଷା ପାଇବା ପାଇଁ କ୍ୟାପସିକମ୍ ଖାଇବା ଉଚିତ ।

ଡାଇବେଟିସ୍ କଣ୍ଟ୍ରୋଲ କରେ: କ୍ୟାପସିକମ୍ ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିଥାଏ । ଏଣୁ ମଧୁମେହ ରୋଗୀ ଖାଦ୍ୟରେ କ୍ୟାପସିକମ୍ ସାମିଲ କରିବା ଉଚିତ ।

# ଖାଲି ପେଟରେ ପିଅନ୍ତୁ ଜିରାପାଣି

ଜିରାପାଣିରେ ଆଣ୍ଟିଅକ୍ସିଡାଣ୍ଟ ଭିଟାମିନ୍ ଓ ମିନେରାଲ ଅଛି । ଏହା ଖାଦ୍ୟ ହଜମ ପ୍ରକ୍ରିୟାକୁ ଭଲ କରେ । ପାଚନ ତନ୍ତ୍ରକୁ ସୁସ୍ଥ ରଖେ । କୋଷ୍ଠକାଠିନ୍ୟ, ଗ୍ୟାସ୍ ଓ ମର୍ଣ୍ଣିଂ



ସିକନେସ୍ ଦୂର କରେ ।

ଜିରାପାଣିକୁ ଶରୀରକୁ ପ୍ରଚୁର ଆଇରନ ମିଳେ । ସେଥିରେ ଭିଟାମିନ୍ ଏ ଓ ଭିଟାମିନ୍ ସି ବି ରହିଛି । ପ୍ରତିଦିନ ଜିରାପାଣି ପିଇଲେ ଇମିନ୍ୟୁଟି ସିଷ୍ଟମ୍ ବଢ଼େ, ଓଜନ ନିୟନ୍ତ୍ରଣରେ ରହେ ।

ମୋଟା ଲୋକ ସବୁଦିନ ଜିରାପାଣି ପିଇଲେ ଭଲ ନିଦ ହୁଏ ।

ଜିରାପାଣିରେ ଫାଇବର୍ ମିଳେ । ଶରୀରକୁ ହାଇଡ୍ରେଟ୍ ରଖେ ।

ଗିଲାସେ ପାଣିରେ ଦୁଇ ଚାମଚ ଗୋଟା ଜିରା ପକାଇ ଏକ ପାତ୍ରରେ ୧୦ ମିନିଟ୍ ଫୁଟାନ୍ତୁ । ସେହି ପାଣିକୁ ସବୁଦିନ ଖାଲି ପେଟରେ ପିଅନ୍ତୁ ।

### ଅତ୍ୟଧିକ କଲରା ସେବନ ହାନିକାରକ

କୁହାଯାଏ କଲରା ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ ଲାଭକାରୀ । କିନ୍ତୁ ବର୍ତ୍ତମାନ ଜଣାପଡିଛି ଏହା ଆବଶ୍ୟକତାଠୁ ଅଧିକ ସେବନ ସ୍ୱାସ୍ଥ୍ୟ ପାଇଁ ହାନିକାରକ । ମଧୁମେହ ରୋଗୀ ଅଧିକ କଲରା ସେବନ କରିବା ଦ୍ୱାରା ପିତ୍ତକୋଷ ଉପରେ କୁପ୍ରଭାବ




ପଡିଥାଏ । ଏପରିକି ଗର୍ଭବତୀ ମହିଳା ଯଦି ଆବଶ୍ୟକଠୁ ଅଧିକ କଲରା ସେବନ କରନ୍ତି, ତେବେ ଗର୍ଭସ୍ଥ ଶିଶୁର ଶାରୀରିକ ଅବସ୍ଥା ସଙ୍କଟାପନ୍ନ ହେବାର ସମ୍ଭାବନା ଥାଏ । କାରଣ ଅଧିକ କଲରା ଖାଇଲେ ଯକୃତ ଉପରେ କୁପ୍ରଭାବ ପଡିଥାଏ । ଏଥିରେ ଏନଜାଇମ୍ ବଢ଼ିଯାଇଥାଏ ।

# ଶରୀର ପାଇଁ ବହୁ ଉପଯୋଗୀ ଭିଟାମିନ୍ 'ସି'

ଭିଟାମିନ୍ 'ସି' ମାନବ ତଥା ସେମାନଙ୍କର ସ୍ୱାସ୍ଥ୍ୟ ପାଇଁ ଏକ ଉପକାରୀ ଭିଟାମିନ୍ । ରସାୟନିକ ବିଜ୍ଞାନରେ ଏହାକୁ ଏଲ୍ ନାମକ ଅମ୍ଳ ଭାବରେ ଗ୍ରହଣ କରାଯାଇଛି, ଭିଟାମିନ୍ 'ସି' ଏକ ଉତ୍ତମ ସମସ୍ତ ଶରୀର ପାଇଁ ଉପଯୋଗୀ ହୋଇଥାଏ । ଭିଟାମିନ୍ 'ସି' କୁ ନେଇତାହା ପଛରେ ଏକ ଇତିହାସ ରହିଛି । ଭିଟାମିନ୍ 'ସି' କୁ ସାରା ବିଶ୍ୱରେ ଚର୍ଚ୍ଚା ହେବାରେ ଲାଗିଛି । ଅତୀତରେ ସମସ୍ତ ରୋଗର ଉପଶମ ପାଇଁ ବହୁଳ ଭାବରେ ଭିଟାମିନ୍ 'ସି' କୁ ପ୍ରୟୋଗ କରାଯାଇ ଆସୁଛି ।

ଭିଟାମିନ୍ 'ସି' ଜଳରେ ବିଦ୍ୟମାନ ଥାଏ, ଯାହାକୁ ଚାଖିଲେ ପ୍ରାୟତଃ ଖଟା ଲାଗିଥାଏ । ଜଳରେ ଧୂଳି ବିହୀନ ଉପାଦାନ ରହିଥାଏ, ଏହି କାରଣରୁ ସିଧାସଳଖ ରକ୍ତରେ ମିଶିବା ସହିତ ଶରୀରର ବିଭିନ୍ନ ଅଂଶରେ ମିଶିଥାଏ । ଯଦି ଏହାକୁ ଅଧିକ ମାତ୍ରାରେ ବ୍ୟବହାର କରା ନ ଯାଏ ତେବେ ପରିଶ୍ରା ଦ୍ୱାରା ଶରୀର ବାହାରକୁ ନିଷ୍କାସିତ ହୋଇଥାଏ । ସମସ୍ତ ଭିଟାମିନ୍ ମାନଙ୍କ ମଧ୍ୟରୁ ଭିଟାମିନ୍ 'ସି' ଅଧିକ ପରିମାଣରେ ଦେଖିବାକୁ ମିଳିଥାଏ । ଭିଟାମିନ୍ ଏ ସହିତ ସନ୍ତୁଳନ କରି ସମସ୍ତ ରୋଗର ନିରାକରଣ ପାଇଁ ଚେଷ୍ଟା କରିଥାଏ ।



ଭିଟାମିନ୍ 'ସି' ସମସ୍ତପ୍ରକାରର ଖାଦ୍ୟ ପଦାର୍ଥରେ ମିଳିଥାଏ, ଜଣେ ସୁସ୍ଥବ୍ୟକ୍ତି ପାଇଁ ଦୈନିକ ୬୦ ମିଲିଗ୍ରାମର ଭିଟାମିନ୍ 'ସି'ର ଆବଶ୍ୟକତା ରହିଥାଏ, ଗର୍ଭବତୀ ମହିଳା ତଥା ଶିଶୁଙ୍କୁ କ୍ଷୀର ପିଆଉଥିବା ମହିଳାମାନଙ୍କ ପାଇଁ ୧୦-୩୦ ମିଲିଗ୍ରାମ ଭିଟାମିନ୍ 'ସି' ର ଆବଶ୍ୟକତା ରହିଥାଏ । ଭିଟାମିନ୍ 'ସି' ପ୍ରମୁଖ ଫଳ ତଥା ସବୁଜ ପତ୍ରରେ ଦେଖିବାକୁ ମିଳିଥାଏ । ସାଧାରଣତଃ ପାଳଙ୍ଗ ଶାଗ, ସବୁଜ ମଟର, ପୁଦିନା ପତ୍ର ତଥା ମୂଳରେ ପ୍ରଚୁର ପରିମାଣରେ ଭିଟାମିନ୍ 'ସି' ମିଳିଥାଏ ।

ଭିଟାମିନ୍ 'ସି' ରେ ପ୍ରତି ପରମାଣରେ ଶରୀର ପାଇଁ ଗଠନ ମୂଳକ କାର୍ଯ୍ୟରେ ଲାଗିଥାଏ । ଏଥିପାଇଁ ଆମର ଖାଦ୍ୟରେ ପ୍ରସ୍ତୁତ ଫଳକୁ ପର୍ଯ୍ୟାପ୍ତ ପରିମାଣରେ ବ୍ୟବହର କରିବାକୁ ହେବ, ଏହା ଫଳରେ ଆମ ଶରୀରକୁ ଭିଟାମିନ୍ 'ଇ' ଓ ଲୌହର ପରିମାଣ ପ୍ରତିପୋଷଣ ହୋଇଥାଏ ।

ପ୍ରତି ଆକ୍ସିକାରକ ମାଧମରେ ଆମେ ଯେ କୌଣସି ପଦାର୍ଥରୁ ଆକ୍ସିକାରକ ଗୁଣକୁ ପ୍ରତିରୋଧ କରାଯାଇପାରେ, ପ୍ରତି ଆକ୍ସିକାରକ ଅଣୁରେ ଭିଟାମିନ୍ 'ସି' ଭରପୁର ଭାବରେ ରହିଥାଏ । ଅଁଳାରେ ପ୍ରଚୁର ପରିମାଣରେ ଭିଟାମିନ୍ 'ସି' କୁ ଦେଖିବାକୁ ମିଳିଥାଏ । ଭିଟାମିନ୍ 'ସି' କୁ ନେଇ ତାହାର ବିଶେଷତା ଗୁଣକୁ ପର୍ଯ୍ୟାଲୋଚନା କରାଯାଇପାରେ । ଏହାର ଗୁଣ ତଥା ଧନକୁ ନେଇ ଗବେଷଣା ଚାଲୁ ରହିଛି ।

ଭିଟାମିନ୍ 'ସି' ଶରୀରର ତ୍ୱଚାର ସୁଧାର ପାଇଁ ବିଶେଷ ଉପଯୋଗୀ ହୋଇଥାଏ । ଶରୀର ସ୍ୱଚ୍ଛ ରହିବା ପାଇଁ ପ୍ରତିଦିନ ୬୦ ମିଲିଗ୍ରାମ୍ ଭିଟାମିନ୍ 'ସି' ଖାଦ୍ୟ ଖାଇବା ଆବଶ୍ୟକ । ଯେଉଁ ବ୍ୟକ୍ତିମାନେ ମାତ୍ରାଧିକ ପରିମାଣରେ ଧୁମ୍ରପାନ ତଥା ଅନ୍ୟାନ୍ୟ ନିଶା ସେବନ କରନ୍ତି ସେମାନେ ଅଧିକ ପରିମାଣର ଭିଟାମିନ୍ ସି' ଖାଇବା ଆବଶ୍ୟକ । ଭିଟାମିନ୍ 'ସି' ଆମର ମନ ତଥା ମସ୍ତିଷ୍କକୁ ନିୟନ୍ତ୍ରଣ କରିଥାଏ, ଆମର ମସ୍ତିଷ୍କରେ ସରୋଟୋନିନ୍ ନାମକ ରସାୟନ ପଦାର୍ଥ ରହିଥାଏ । ଏହା ଆମର ନିଦ୍ରା ତଥା ଭୋକକୁ ନିୟନ୍ତ୍ରଣ କରିଥାଏ । ଯେଉଁମାନେ ଚିନ୍ତା ତଥା ବିଷାଦରେ ସବୁବେଳେ ମଜ୍ଜି ଥାନ୍ତି । ସେମାନଙ୍କ କ୍ଷେତ୍ରରେ ଏହା ବହୁଳ ଭାବରେ ଦେଖାଯାଏ ।

ଶରୀର ଗଠନ ତଥା ରାସାୟନିକ ପ୍ରକ୍ରିୟାରେ ଭିଟାମିନ୍ ସି'ର ଆବଶ୍ୟକତା ରହିଛି । ଶରୀର ଭିତରେ ଏହା ବିଭିନ୍ନ ପ୍ରକାରର କାର୍ଯ୍ୟ କରିଥାଏ, ଯେପରି ସ୍ନାୟୁ ସଂସ୍ଥାନ ପାଇଁ ଏହା ଜରୁରୀ ହୋଇଥାଏ । ଏହି କାରଣରୁ ଶରୀରର ବିଭିନ୍ନ ଅଂଶର ବିକଶିତ ହୋଇଥାଏ ଏହା ବ୍ୟତୀତ ହାଡ଼ ସହିତ ହାଡ଼କୁ ଯୋଡିବାରେ ସାହାଯ୍ୟ କରିଥାଏ । ଶରୀରରେ ଲିଗାମେଣ୍ଟ, କାର୍ଟିଲେଜ, ପ୍ରସ୍ତୁତିରେ ଭିଟାମିନ୍ ସି' ର ଆବଶ୍ୟକତା ରହିଥାଏ ।

ଭିଟାମିନ୍ ସି'ର ପ୍ରଭାବରେ ଶରୀରରେ ଲୌହର ପରିମାଣ ବୃଦ୍ଧି ହୋଇଥାଏ । ଭିଟାମିନ୍ 'ସି' ର ଅଭାବରେ 'ସ୍କର୍ଭି' ନାମକ ରୋଗ ହୋଇଥାଏ । ଦାନ୍ତରୁ ରକ୍ତ ଝରିବା, ତଥା ଦାନ୍ତମୂଳରେ ଯନ୍ତ୍ରଣା ଦେଖାଦେବା ସ୍କର୍ଭି ରୋଗର ଲକ୍ଷଣ ହୋଇଥାଏ । ଏଣୁ ଆମେ ଖାଉଥିବା ଖାଦ୍ୟରେ ଭିଟାମିନ୍ 'ସି' ରହିବା ନିତାନ୍ତ ଆବଶ୍ୟକ । ନିୟମିତ ଭାବରେ ଭିଟାମିନ୍ 'ସି' ଖାଇବା ଫଳରେ କୌଣସି ପ୍ରକାରର କ୍ୟାନସର ରୋଗ ହେବାର ସମ୍ଭାବନା ନ ଥାଏ । ଏହାର ଅଭାବରେ ଦୁର୍ଘଟଣାରେ ଅତ୍ୟଧିକ ରକ୍ତସ୍ରାବ ହୋଇଥାଏ ।

# ସ୍ୱର୍ବେଦ

**ସାଧନ ସବ ସଂସାର କା, ମନ ଓ୍ୱ ପଓ୍ୱନ କେ ସାଥ ।**
**ସଦ୍‌ଗୁରୁ ଭେଦ ରହସ୍ୟ କା, ମନ ଓ୍ୱ ପଓ୍ୱନ ହୈ ହାଥ ॥୧୯॥**

ଭାଷ୍ୟ - ସମସ୍ତ ମତ ତଥା ସମ୍ପ୍ରଦାୟରେ ମନ ଏବଂ ପବନର ଆଧାରରେ ହିଁ ପରଂବ୍ରହ୍ମ ପ୍ରାପ୍ତିର ଉପାୟ ରହିଥାଏ । ମନର ମଣ୍ଡଳରେ ଏ ସମସ୍ତ ସାଧନ ହେଉଥିବାରୁ ଏହା ପ୍ରାକୃତିକ ଅଟେ ଏବଂ ତାହା ପରଂବ୍ରହ୍ମ ପ୍ରକୃତି ପାର ଅଟେ । ସେଥିପାଇଁ ସଦ୍‌ଗୁରୁଙ୍କର ସାଧନ ଭେଦରେ ମନ ଆଉ ପବନର ସମ୍ବନ୍ଧକୁ ଛାଡ଼ି ଶୁଦ୍ଧ ଚେତନ ଭୂମିର ରହସ୍ୟ ମାର୍ଗରେ ଚାଲିଥାଏ । ଧର୍ମାତ୍ମାମାନଙ୍କ ମତରେ ମନ ଆଉ ପବନ ପ୍ରାପ୍ତ ହେବା ଫଳରେ ସଂସାର-ମାୟା ଅର୍ଥାତ୍ ପ୍ରକୃତି ମଣ୍ଡଳ ପ୍ରାପ୍ତ ହୋଇଯାଏ । ବିହଙ୍ଗମ ଯୋଗୀ ସଦ୍‌ଗୁରୁଦେବଙ୍କର ଯୋଗ ଯୁକ୍ତିରେ ନିଜ ଚେତନ ଭୂମିରେ ରହିଥାନ୍ତି । ଯେତେବେଳେ ତାଙ୍କର ଶକ୍ତି ନିମ୍ନକୁ ଓହ୍ଲେଇ ଆସେ ସେତେବେଳେ ମନ ଆଉ ପ୍ରାଣର ମିଳନରୁ ସଂସାର ସୁଖ ପ୍ରବୃତ୍ତି ହୋଇଥାଏ, ଅତଏବ ପ୍ରକୃତି ପ୍ରାପ୍ତି ହେବା ନିମନ୍ତେ ମନ ଆଉ ପ୍ରାଣର ଅଧଃ ସମ୍ବନ୍ଧ ଯୋଗରୁ ହୋଇଥାଏ । ସେଥିପାଇଁ ପ୍ରକୃତିର କାର୍ଯ୍ୟ ନିମନ୍ତେ ହିଁ ମନ-ପ୍ରାଣର ସମ୍ବନ୍ଧ ବିହଙ୍ଗମ ଯୋଗୀ କରିଥାନ୍ତି । ମନ-ପ୍ରାଣ ପ୍ରକୃତି ଭିତରେ ରହିଛନ୍ତି । ଆତ୍ମାର ଶୁଦ୍ଧ ଶକ୍ତି ପ୍ରକୃତି ଛାଡ଼ିଯିବା ପରେ ହିଁ ପ୍ରାପ୍ତ ହୋଇଥାଏ । ପ୍ରାକୃତିକ ଯୋଗଗୁଡ଼ିକରେ ମନ ଆଉ ପ୍ରାଣର ଆଧାରରେ ଯୋଗ ହୋଇଥାଏ ଏବଂ ବିହଙ୍ଗମ ଯୋଗରେ ମନ ତଥା ପ୍ରାଣ ବିଳୟ ହେବା ପରେ ଯୋଗ ପ୍ରାରମ୍ଭ ହୋଇଥାଏ । ଏହା ହିଁ ଉଭୟଙ୍କର ଭିନ୍ନତା ଅଟେ ।


**ଅଜ ସଦ୍‌ଗୁରୁ କୀ ଯୁକ୍ତି ସେ, ଥୀର ପଓ୍ୱନ ମନ ହୋୟ ।**
**କୁମ୍ଭକ ଧାରଣ ୟୋଗ ସେ, ଓ୍ୱଶୀ କଭୀ ନହିଁ ସୋୟ ॥୨୦॥**

ଭାଷ୍ୟ - ସଦ୍‌ଗୁରୁ ସୁକୃତଦେବଙ୍କର ବିହଙ୍ଗମ ଯୋଗ ସାଧନ ଏବଂ ଯୁକ୍ତିରେ ହିଁ ପବନ ଆଉ ମନ ନିଜ ମଣ୍ଡଳକୁ ଯାଇ ସ୍ଥିର ଏବଂ ଶାନ୍ତ ହୋଇଯାଆନ୍ତି । ପ୍ରାଣବାୟୁର ଗତିକୁ ରୋଧ କରି ଅର୍ଥାତ୍ କୁମ୍ଭକ ଦ୍ୱାରା ମନ ଏବଂ ପ୍ରାଣ କଦାପି ନିୟନ୍ତ୍ରଣକୁ ଆସି ନ ଥାନ୍ତି । ହଠଯୋଗୀ ପ୍ରାଣାୟାମ, କୁମ୍ଭକ କରି ବ୍ରହ୍ମାଣ୍ଡରେ ପ୍ରାଣକୁ ଯେତେବେଳ ପର୍ଯ୍ୟନ୍ତ ଧାରଣ କରିପାରନ୍ତି, ସେତିକି ବିଳମ୍ବ ପର୍ଯ୍ୟନ୍ତ ପ୍ରାଣ ସ୍ଥିର ରହିବା ଫଳରେ ମନର ମଧ୍ୟ ନିରୋଧ ହୋଇଯାଏ । ଯେତେବେଳେ କୁମ୍ଭକ ସମାପ୍ତ ହୁଏ, ସେତେବେଳେ ମନ ନିମ୍ନମୁଖୀ ହୁଏ ଏବଂ ଯୋଗୀ ପୁନଶ୍ଚ ସଂସାରମୁଖୀ ହୋଇଯାଏ । ପ୍ରାଣ ଆଉ ମନର କ୍ଷଣିକ ନିରୋଧରୁ ତାହାକୁ କେହି ବଶୀଭୂତ କରି ପାରନ୍ତି ନାହିଁ । ନିରୋଧ ଉପରାନ୍ତ ଯେତେବେଳେ ଯୋଗୀ ମନ ଏବଂ ପ୍ରାଣକୁ ସ୍ୱ-ମଣ୍ଡଳକୁ ନେଇଯାଏ, ସେତେବେଳେ ସେହି ସ୍ୱଳ୍ପ କାଳ ମଧ୍ୟରେ ବ୍ରହ୍ମପ୍ରଭା ସହ ସଂଯୁକ୍ତ ହୋଇ ବିଲୀନ ହୋଇଥାଏ ଏବଂ ଆତ୍ମିକ ଶକ୍ତି ଆଗକୁ ବଢ଼ିବାରେ ଲାଗେ । ଆତ୍ମାର ସମ୍ବନ୍ଧରୁ ହିଁ ପ୍ରକୃତି ଦେହ ସଂଘାତର କ୍ରିୟା ହୋଇଥାଏ । ଯେତେବେଳେ ସେ ଆତ୍ମିକ ଶକ୍ତି ଯୋଗ-ଭେଦ ଦ୍ୱାରା ପ୍ରାଣ ଏବଂ ମନର ମଣ୍ଡଳରୁ ଆଗକୁ ବଢ଼ିଯାଏ, ସେତେବେଳେ ସ୍ୱତଃସ୍ଫୁର୍ତ୍ତ ଭାବରେ ନିଜ ମଣ୍ଡଳରେ ମନ-ପ୍ରାଣ ଶାନ୍ତ ହୋଇଯାଏ । ସେମାନଙ୍କର ଆଗକୁ ଗତି ହୋଇ ନ ଥାଏ, କାହିଁକି ନା ପ୍ରକୃତିପାର ଚେତନ ମଣ୍ଡଳରେ ଆତ୍ମା ଏହି ଦୁଇଟିକୁ ଛାଡ଼ି ନିଜ ଶୁଦ୍ଧ ବିକାଶରେ ସେହି ପରମ ସତ୍ତାଙ୍କର ସାକ୍ଷାତ୍କାର ଅନୁଭବ କରେ । ସେଥିପାଇଁ ବିହଙ୍ଗମ ଯୋଗ ଧାରଣାରୁ ହିଁ ପ୍ରାଣ ଆଉ ମନ ଶାନ୍ତ ହୋଇଥାନ୍ତି, ବାୟୁର ବିଧାରଣ ଦ୍ୱାରା ନୁହେଁ ।

**ଗଙ୍ଗାତଟ ଝୁଁସୀ ଗୁହା, ତୀରଥରାଜ ପ୍ରୟାଗ ।**
**ଦର୍ଶନ ଅଜ ସଦ୍‌ଗୁରୁ ଦିୟେ, ଜାଗୀ ପୂରଣ ଭାଗ ॥୨୧॥**

ଭାଷ୍ୟ - ପ୍ରୟାଗର ଗଙ୍ଗାତଟ ଝୁଁସୀ ନିକଟସ୍ଥ ମାଟିର ଗୁମ୍ଫାରେ ସଦ୍‌ଗୁରୁ ସଦାଫଳଦେବ ଜୀ ମହାରାଜ କିଛି ଦିନ ପର୍ଯ୍ୟନ୍ତ ନିବାସ କରୁଥିଲେ । ସେହି ସ୍ଥାନରେ ସେ ମହାନ୍ ଯୋଗୈଶ୍ୱର୍ଯ୍ୟ ପଦ ପ୍ରାପ୍ତ ହୋଇଛନ୍ତି । ପରମାଣୁ ବିଜ୍ଞାନର ପୂର୍ଣ୍ଣ ଅନୁଭୂତି ଆଉ ଜଡ଼-ଚେତନ ସମସ୍ତ ତତ୍ତ୍ୱଗୁଡ଼ିକର ବୋଧ ପୂର୍ଣ୍ଣତଃ ସେହି ଗୁମ୍ଫାରେ ହୋଇଥିଲା । ସଦ୍‌ଗୁରୁଦେବ ଦେହ-ତ୍ୟାଗ ଜ୍ଞାନ ଅର୍ଜନ କରି ହିଁ ସେହି ସ୍ଥାନରେ ଚିରକାଳରୁ ଅବସ୍ଥାନ କରୁଥିଲେ । ତାଙ୍କୁ ନିଜ ଦେହତ୍ୟାଗର କାଳ ଏବଂ ସ୍ଥାନ - ଉଭୟ କଥା ଜ୍ଞାତ ଥିଲା । ସେ ନିଜ ଦେହ ଲୀଳାକୁ ଯୋଗ ଦ୍ୱାରା ବିଳୟ କରିବାର ନିର୍ଭ୍ରାନ୍ତ ସଙ୍କେତ ନିଜ ଦେହତ୍ୟାଗର ତିନି ବର୍ଷ ପୂର୍ବରୁ ବୃତ୍ତିକୂଟ ଆଶ୍ରମରେ କରିଥିଲେ । ଅନ୍ତିମ ସମୟର ଛଅ ମାସ ପୂର୍ବରୁ ମଧ୍ୟ ସେ ନିଜ ଦେହର ସମାଧି କରିବା କଥା ମୋତେ କହିଥିଲେ । ଏହି ଝୁଁସୀ ଗୁମ୍ଫାରେ ସଦ୍‌ଗୁରୁ ସୁକୃତଦେବଙ୍କର ଦର୍ଶନ ପ୍ରାପ୍ତ ହୋଇଥିଲେ, ଯାହାର ଆଲୋଚନା ଆପଣ ଉକ୍ତ ଦୋହାରେ କରିଛନ୍ତି । ଏହି ପୁଣ୍ୟ ତୀର୍ଥରେ ହିଁ ସଦ୍‌ଗୁରୁଙ୍କର ଦର୍ଶନ ଏବଂ ପରିଶେଷରେ ଆପଣଙ୍କ ଶରୀରର ସମାଧି ଦିଆ ଯାଇଥିଲା । ଗଙ୍ଗାତଟସ୍ଥ ଝୁଁସୀ ଗୁମ୍ଫାରେ ସୁକୃତଦେବଙ୍କର ଦର୍ଶନ ଏବଂ ସଦ୍‌ଗୁରୁଦେବଙ୍କର ସମାଧି - ଏ ଦୁଇଟି କାର୍ଯ୍ୟ ମହତ୍ତ୍ୱପୂର୍ଣ୍ଣ ଅଟେ । ସେଥିପାଇଁ ଅନୁରାଗୀ ଭକ୍ତମାନଙ୍କ ନିମନ୍ତେ ଏହା ପବିତ୍ର ପରମ ତୀର୍ଥ ଅଟେ । ଏହି ସଦ୍‌ଗୁରୁଦେବଙ୍କର ପରମ ଧାମ, ଆତ୍ମିକ ଶାନ୍ତି ଏବଂ ନିଜ କଲ୍ୟାଣ ନିମନ୍ତେ ସର୍ବଦା ଦର୍ଶନୀୟ ଏବଂ ଆଦରଣୀୟ ଅଟେ । ଏହି ପଦରେ ସଦ୍‌ଗୁରୁ ଦେବ ନିଜ ଗୁରୁଦେବଙ୍କର ଦର୍ଶନ ହେତୁ ନିଜ ଭାଗ୍ୟକୁ ପ୍ରଶଂସା କରିଛନ୍ତି ।

**ଉନଇସ ସୌ ହୈ ବାନବେ, ମାଘ କୃଷ୍ଣ ହୈ ପକ୍ଷ ।**
**ସଦ୍‌ଗୁରୁ ମୋହି ଅପନାଇୟା, ନିଜ ମତ କର ଗୟେ ଦକ୍ଷ ॥୨୨॥**




ଭାଷ୍ୟ - ସମ୍ବତ୍ ୧୯୯୨ ବିକ୍ରମ ମାଘ କୃଷ୍ଣ ପକ୍ଷରେ ନିତ୍ୟ ଅନାଦି ସଦ୍‌ଗୁରୁ ସୁକୃତଦେବ ଗ୍ରନ୍ଥକାର ସଦ୍‌ଗୁରୁ ସଦାଫଳଦେବ ଜୀ ମହାରାଜଙ୍କୁ ସଦ୍‌ଗୁରୁ ପଦ ନିମନ୍ତେ ବରଣ କରି ନିଜ ଆଧ୍ୟାତ୍ମ କଳାର ଭେଦ ତଥା ଯୁକ୍ତି ଉତ୍ଥାପନ କରି ତାଙ୍କର ସଦ୍‌ଗୁରୁ ପଦକୁ ସ୍ୱୀକାର କରିଥିଲେ । ନିତ୍ୟ ଅନାଦି ସଦ୍‌ଗୁରୁଦେବଙ୍କର ଦର୍ଶନ ଏବଂ ତାଙ୍କର ଭେଦିକ ତତ୍ତ୍ୱଜ୍ଞାନ ଲବ୍ଧ ହେବା ପରେ ଏବଂ ତାଙ୍କର ଆତ୍ମ-ସ୍ୱୀକୃତି ଦ୍ୱାରା ହିଁ ସଦ୍‌ଗୁରୁ ପଦ ପ୍ରାପ୍ତ ହୋଇଥାଏ । ଯାହାକୁ ସେ ନିଜ ଶରଣରେ ରଖନ୍ତି, ସେହି ମହାପୁରୁଷ ତାଙ୍କ ଦ୍ୱାରା ସ୍ୱୀକୃତ ହୋଇ ସଦ୍‌ଗୁରୁ ପଦରେ ସୁଶୋଭିତ ହୋଇଥାନ୍ତି ।

**ମାଘ ମାସ ଶୁଭ ମାସ ହୈ, ଅର୍ଧ କୁମ୍ଭ ପରୟାଗ ।**
**ସଦ୍‌ଗୁରୁ ସଦ୍‌ଗୁରୁ ପଦ ଦିୟେ, ପୂରଣ ଜ୍ଞାନ ଓ୍ୱିରାଗ ॥୨୩॥**

ଭାଷ୍ୟ - ସମ୍ବତ୍ ୧୯୯୨ ବିକ୍ରମୀ ପ୍ରୟାଗ ଅର୍ଦ୍ଧ ମାଘ ମାସରେ ନିତ୍ୟ ଅନାଦି ସଦ୍‌ଗୁରୁ ସୁକୃତଦେବ ସଦାଫଳଦେବ ଜୀ ମହାରାଜଙ୍କୁ ସଦ୍‌ଗୁରୁ ପଦ ପ୍ରଦାନ କଲେ ଯଦ୍ୱାରା ଆପଣଙ୍କୁ ପୂର୍ଣ୍ଣ ଜ୍ଞାନ ଏବଂ ବୈରାଗ୍ୟ ପ୍ରାପ୍ତ ହେଲା । ସଦ୍‌ଗୁରୁ ହିଁ ସଦ୍‌ଗୁରୁ ପଦ ପ୍ରଦାନ କରିଥାନ୍ତି । ମନମୁଖୀ କେହି ସଦ୍‌ଗୁରୁ ପଦ ପ୍ରାପ୍ତ କରିପାରେ ନାହିଁ । ଏହି ମର୍ଯ୍ୟାଦାର ଉଲ୍ଲଂଘନକାରୀ ସଂସାରରେ ଅନ୍ଧ ପରମ୍ପରା ସୃଷ୍ଟି କରିଥାଏ । ଉପଦେଷ୍ଟା ଆଚାର୍ଯ୍ୟ ନିର୍ଭ୍ରାନ୍ତ, ଜ୍ଞାନବାନ୍, ଶ୍ରୁତ-ଜ୍ଞାନ-ପ୍ରବାହୀ, ନିତ୍ୟ ଅନାଦି ଦ୍ୱାରା ଉପଦିଷ୍ଟ, ପ୍ରକାଶମାନ, ସଦ୍‌ଗୁରୁ ହୋଇଥାନ୍ତି । ସେହି ସଦ୍‌ଗୁରୁଙ୍କର ଶରଣରେ ଭବତପିତ ଜୀବମାନଙ୍କର କଲ୍ୟାଣ ହୋଇଥାଏ । କେହି ବେଦ, ବେଦାଙ୍ଗ ପଢ଼ି ଅନୁଭବ ସାଧନ ଶୂନ୍ୟ ହୋଇ ଏବଂ ସଦ୍‌ଗୁରୁବିହୀନ ହୋଇ ସ୍ୱୟଂ ଋଷି ବିବେଚିତ ହୋଇ ପାରିବେ ନାହିଁ । ବ୍ରହ୍ମବିଦ୍ୟା ମାର୍ତ୍ତଣ୍ଡ ମହର୍ଷିଙ୍କୁ ହିଁ ସଦ୍‌ଗୁରୁ କୁହାଯାଏ । ସଦ୍‌ଗୁରୁ ଅନୁଭବ ତତ୍ତ୍ୱଦ୍ରଷ୍ଟା ମନୀଷୀ ଆପ୍ତ ହୋଇଥାନ୍ତି । ବାଚକ ଜ୍ଞାନୀ ସାଧନାଶୂନ୍ୟ ସଦ୍‌ଗୁରୁ ତତ୍ତ୍ୱବିହୀନ କେହି ସଦ୍‌ଗୁରୁ ପଦକୁ ପ୍ରାପ୍ତ କରିପାରେ ନାହିଁ । ଅତଏବ ସଦ୍‌ଗୁରୁ ହିଁ ନିଜ ତତ୍ତ୍ୱଜ୍ଞାନ ଏବଂ ଆନନ୍ଦ, ଜୀବନ ପ୍ରଦାନ କରି ନିଜ ଆତ୍ମସମର୍ପିତ ଶିଷ୍ୟକୁ ସଦ୍‌ଗୁରୁ ପଦ ପ୍ରଦାନ କରିଥାନ୍ତି । ମନମୁତାବକ ଗୁରୁ ପ୍ରଣାଳୀକୁ ଚଲାଇବା ସଂସାରକୁ ଅନ୍ଧକାର ମଧ୍ୟକୁ ଠେଲିଦେବା ସଦୃଶ ଅଟେ । ସଦ୍‌ଗୁରୁ ପଦ ସଂସାରରେ ସର୍ବଶ୍ରେଷ୍ଠ ଏବଂ ପୂଜ୍ୟ ଅଟେ । ଜଣେ ସଦ୍‌ଗୁରୁଙ୍କ ଠାରୁ ଅନେକ ସନ୍ଥ, ଯୋଗୀ ଏବଂ ମହାତ୍ମା ଜୀବନରୁ ମୁକ୍ତ ହୋଇଥାନ୍ତି । ବ୍ରହ୍ମବିଦ୍ୟାର ଆଚାର୍ଯ୍ୟ ସଦ୍‌ଗୁରୁ ଅଟନ୍ତି ଏବଂ ସେ ସଂସାରର ଅଜ୍ଞାନ ଅନ୍ଧକାରକୁ ଦୂର କରି ଆତ୍ମାରେ ପବିତ୍ର ପ୍ରକାଶ ପ୍ରଦାନ କରିଥାନ୍ତି, ସେଥିପାଇଁ ନିତ୍ୟ ଅନାଦି ସଦ୍‌ଗୁରୁଙ୍କ ଠାରୁ ହିଁ ସଦ୍‌ଗୁରୁ ପଦ ପ୍ରାପ୍ତ ହୋଇଥାଏ । ସ୍ୱୟଂସିଦ୍ଧ ଗୁରୁ, ଅଭ୍ୟାସ ସିଦ୍ଧ ଗୁରୁ ତଥା ପାରମ୍ପାରିକ ଗୁରୁ ଏବଂ ଆଧ୍ୟାତ୍ମର ସମସ୍ତ ଜ୍ଞାନୀ ବିଜ୍ଞାନୀମାନଙ୍କର ପଥପ୍ରଦର୍ଶକ ସର୍ବଜ୍ଞାନ ପ୍ରଦାତା ନିତ୍ୟ ଅନାଦି ସଦ୍‌ଗୁରୁ ଅଟନ୍ତି ।

**ଗଗନ ଦ୍ୱାର ସବ ପାର ହୈ, ଜାନେ ଭେଦିକ ସନ୍ତ ।**
**ଜଗ ଅଁଧିୟାରା ମିଟ ଗୟା, ପାଓ୍ୱା ପ୍ୟାରା କନ୍ତ ॥୨୪॥**

ଭାଷ୍ୟ - ପ୍ରାକୃତିକ ସମସ୍ତ ଦ୍ୱାର ଆତ୍ମାର ଶକ୍ତିକୁ ନିମ୍ନ ପ୍ରବାହକୁ ଟାଣି ଆଣନ୍ତି । ଯେତେବେଳେ ଆତ୍ମା ବହିର୍ମୁଖୀ ଦ୍ୱାରଗୁଡ଼ିକୁ ଯୋଗ ସାଧନ ଦ୍ୱାରା ବନ୍ଦ କରିଦିଏ, ସେତେବେଳେ ଉର୍ଦ୍ଧ୍ୱ ଶକ୍ତିର ଆକର୍ଷଣରୁ ଆତ୍ମାର ସମସ୍ତ ଶକ୍ତି ଏକ ବିଶେଷ କେନ୍ଦ୍ରରେ ସ୍ଥିତ ହୋଇଯାଏ । ସେହି ଅବସ୍ଥାରେ ପ୍ରକାଶମୟ ଦ୍ୱାରର ପ୍ରାପ୍ତି ହୁଏ । ଆତ୍ମାର ସମସ୍ତ ମାୟିକ ମମତ୍ୱ ସମ୍ବନ୍ଧ ଛାଡ଼ିଯାଏ ଏବଂ ପରମ ପ୍ରିୟ ପ୍ରଭୁଙ୍କର ପବିତ୍ର ସାନ୍ନିଧ୍ୟ ଲାଭ ହୁଏ । ଗଗନ ଦ୍ୱାର ଆତ୍ମାର ପବିତ୍ର ଆନନ୍ଦ ଏବଂ ବିକାଶର ପଥ ଅଟେ ଯେଉଁ ଦ୍ୱାରରେ ବିହଙ୍ଗମ ଯୋଗୀ ଅମୃତ ଦୋହନ କରି ପରମାନନ୍ଦଙ୍କ ନିକଟରେ ନିମଗ୍ନ ପୂର୍ବକ ଜନ୍ମ ମରଣରୁ ମୁକ୍ତ ହୋଇ ବିଦେହ ମୁକ୍ତ ହୋଇଯାଆନ୍ତି । ଏହି ଦ୍ୱାରକୁ ସଦ୍‌ଗୁରୁସେବୀ ଅନୁଭବୀ ମାର୍ମିକ ସନ୍ଥ ଜାଣିଥାନ୍ତି ।

**ନଓ୍ୱାଁ କମଲ ଅନୂପ ହୈ, ଦଲ ଅନନ୍ତ ତେହି ଜାନ ।**
**ଜ୍ଞାନ ଗମ୍ୟ ଅନୁଭଓ୍ୱ କରୈଁ, ଦିବ୍ୟ ଦୃଷ୍ଟି ଓ୍ୱିଜ୍ଞାନ ॥୨୫॥**

ଭାଷ୍ୟ - ଶରୀର ମଧ୍ୟରେ ଅଷ୍ଟଚକ୍ର ବିରାଜିତ । ସେ ସମସ୍ତ ଚକ୍ର ପ୍ରକୃତିର ଚକ୍ର-ପ୍ରବାହରେ କାମକୁ ଆସିଥାନ୍ତି । ମାତ୍ର ନବମ ଚକ୍ର ପ୍ରକୃତି ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏହାର ଅନନ୍ତ ଦଳ ଅଛି । ଚେତନ ଦୃଷ୍ଟି ଉନ୍ମୁକ୍ତ ହେବା ପରେ ବିଜ୍ଞାନ ଦୃଷ୍ଟିରେ ଜ୍ଞାନ ଦ୍ୱାରା ଏହାର ଅନୁଭବ ହୋଇଥାଏ । ବ୍ରହ୍ମ ଏବଂ ଜୀବ ଉଭୟ ଅବ୍ୟକ୍ତ ଅନୁଭବଗମ୍ୟ ସତ୍ତା ଅଟନ୍ତି । ସମସ୍ତ ଚେତନ ପଦାର୍ଥର ଜ୍ଞାନ ଦ୍ୱାରା ହିଁ ଅନୁଭବ ବିବେକ ହୋଇଥାଏ । ସହଜ ଯୋଗର ଅଭ୍ୟାସ ଦ୍ୱାରା ହିଁ ଦିବ୍ୟ ଦୃଷ୍ଟି ଉନ୍ମୁକ୍ତ ହୁଏ । ଦିବ୍ୟ ଦୃଷ୍ଟି ବିନା ସମସ୍ତ ପଦାର୍ଥ ପ୍ରତ୍ୟକ୍ଷ ହୋଇ ନ ଥାନ୍ତି ଏବଂ ପ୍ରତ୍ୟକ୍ଷ ନ ହେବା ଦ୍ୱାରା କୌଣସି ପଦାର୍ଥର ନିର୍ଭ୍ରାନ୍ତ ଜ୍ଞାନ ହୋଇପାରେ ନାହିଁ । ସେଥିପାଇଁ ଜଡ଼ ଚେତନ ସମସ୍ତ ଜ୍ଞାନ-ବିଜ୍ଞାନ ନିମନ୍ତେ ସଦ୍‌ଗୁରୁ ଶରଣରେ ରହି ସହଜ ଯୋଗ ଅଭ୍ୟାସ କରନ୍ତୁ ଏବଂ ଚେତନ ବିଜ୍ଞାନରୁ ପ୍ରକୃତିର ସମସ୍ତ ତତ୍ତ୍ୱଗୁଡ଼ିକର ବୋଧ କରି ପ୍ରକୃତି ପାର ଅବ୍ୟକ୍ତ ପରଂବ୍ରହ୍ମ ସତ୍ତାଙ୍କର ଅନୁଭବ ବିବେକ କରନ୍ତୁ । ଏହା ଆତ୍ମାର ସର୍ବୋତ୍କୃଷ୍ଟ ବିଜ୍ଞାନ ଅଟେ ।

**ଅମିତ ପାଁଖୁରୀ କମଲ ମେଁ, ଅଜପା ଜାପ ସମାୟ ।**
**ତାନୋ ଡୋରୀ ତାହି ମେଁ, ନିଃଅକ୍ଷର କୋ ଧ୍ୟାୟ ॥୨୬॥**

ଭାଷ୍ୟ - ଏହି ଭେଦଯୁକ୍ତ କମଳର ଅନନ୍ତ ଦଳ ଅଛନ୍ତି, ଯେଉଁମାନେ ଅକ୍ଷର ପଦ୍ମରେ ସଂଲଗ୍ନ ହୋଇଛନ୍ତି । ଏହି କମଳରେ ଚେତନ ଶକ୍ତି ସ୍ଥିର କରି ପରମ ଅକ୍ଷର ସାରଶବ୍ଦରେ ଜୀବ ପ୍ରବେଶ କରିଥାଏ । ଆତ୍ମା ଭିତରେ ବ୍ୟାପକ ପରମାତ୍ମା ବିରାଜମାନ । ଅକ୍ଷର ଦ୍ୱାରା ହିଁ ନିଃଅକ୍ଷର ସାରଶବ୍ଦଙ୍କର ପ୍ରାପ୍ତି ହୋଇଥାଏ । ସମସ୍ତ ଚରାଚର ଜଗତ, ଜୀବ, ବ୍ରହ୍ମ ସେହି ଜଗତ୍ ନିୟନ୍ତା ପରମ ପ୍ରଭୁଙ୍କ ଠାରେ ସମାବେଶ କରି ତାଙ୍କର ଆଧାରରେ ସ୍ଥିତ ଅଛନ୍ତି । ସମସ୍ତଙ୍କ ଆଧାର ସ୍କମ୍ଭ, ପରମ ଅକ୍ଷର, ପରମ ପ୍ରଭୁ ଯିଏ ସମସ୍ତ ଜଗତର ନିୟନ୍ତା ଏବଂ ସର୍ବାଧାର ଅଟନ୍ତି ।

**ତବ ତହଁ ସୁକ୍ଷମ ଦ୍ୱାର ଜୋ, ଜ୍ଞାନ ସେ ଦର୍ଶନ ପାୟ ।**
**ଅଗମ ଅଗୋଚର ପନ୍ଥ ମେଁ, ଅନୁଭଓ୍ୱ ଗତି ସୋ ଜାୟ ॥୨୭॥**

ଭାଷ୍ୟ - ଅନ୍ତର ମଧ୍ୟରେ ଶୂନ୍ୟତାର ପ୍ରକାଶ ହେବା ପରେ ଅକ୍ଷର ସତ୍ତାର ବୋଧ ହୋଇଥାଏ । ଏହି ପ୍ରକାଶ ଉଦୟ ହେବା ପରେ ହିଁ ସୂକ୍ଷ୍ମ ମାର୍ଗର ଜ୍ଞାନ ବଳରେ ଦର୍ଶନ ମିଳିଥାଏ ଏବଂ ପ୍ରକୃତି ପାର ଚେତନ ଅନୁଭବ ଗତିର ପ୍ରାପ୍ତି ହୋଇଥାଏ । ଅକ୍ଷର ଅତିକ୍ରମ କଲା ପରେ ସୂକ୍ଷ୍ମ ଦ୍ୱାର ନିଃଶବ୍ଦ ନିରତିଙ୍କର ମଣ୍ଡଳ ଅଛି ଯେଉଁଠି ପ୍ରାକୃତିକ ମନ, ବୁଦ୍ଧି ଏବଂ ଇନ୍ଦ୍ରିୟାଦିର ଗମ୍ୟ ନ ଥାଏ । ଏହି ଅନୁଭବ ପଥ ଅକ୍ଷର ପ୍ରକାଶରେ ପ୍ରକଟ ହେବା ଫଳରେ ସୂକ୍ଷ୍ମ ରୂପରେ ଜ୍ଞାନର ଦ୍ୱାର ଚିଦାକାଶରେ ଦେଖିବାକୁ ମିଳେ । ଏହାକୁ ବୈଦିକ ସାହିତ୍ୟରେ ଏକାଦଶ ଦ୍ୱାର ବୋଲି କୁହାଯାଇଛି ।

**ଓ୍ୱିମଲ ପରମ ପରକାଶ ହୈ, ଦ୍ୱାର କେ ଅନ୍ତର ମାହିଁ ।**
**ଓ୍ୱହୀ ପ୍ରଭୋ କା ଧାମ ହୈ, ସନ୍ତ ସମାଧୀ ଜାହିଁ ॥୨୮॥**

ଭାଷ୍ୟ - ଅକ୍ଷର, ଆତ୍ମା ଏବଂ ମନର ପ୍ରକାଶରୁ ପରଂବ୍ରହ୍ମଙ୍କ ପ୍ରକାଶ ପବିତ୍ର ଏବଂ ଉତ୍କୃଷ୍ଟ ଅଟେ । ସୂକ୍ଷ୍ମ ଦ୍ୱାର ଭିତରେ ନିଃଶବ୍ଦ ସମାଧି ମଣ୍ଡଳ ଅଛି । ସେହି ମଣ୍ଡଳର ପ୍ରକାଶ ପବିତ୍ର ଏବଂ ପରିପୂର୍ଣ୍ଣ ଅଟେ । ତାହା ପ୍ରଭୁ ଜଗତ୍ ନିୟନ୍ତାଙ୍କର ତିନିପାଦ ଅମୃତ ପରମଧାମ ଅଟେ ଯେଉଁଠାରେ ବିହଙ୍ଗମ ଯୋଗୀ ଯୋଗ ସମାଧି କରି ପହଞ୍ଚିଥାନ୍ତି । ପରଂବ୍ରହ୍ମ ପ୍ରକାଶ ସ୍ୱରୂପ, ସର୍ବ ଜଗତ୍ ନିୟନ୍ତା, ଅକ୍ଷର ପାର ଶୁଦ୍ଧ ଚିଦାକାଶ, ଚେତନ ମଣ୍ଡଳରେ ବିହଙ୍ଗମ ଯୋଗ ସମାଧି ଦ୍ୱାରା ପ୍ରାପ୍ତ ହୋଇଥାଏ । ଏହା ଉକ୍ତ ଦୋହାର ଅଭିପ୍ରାୟ ଅଟେ ।

## ଗଜାମୁଗର ଉପକାରିତା

ଗଜା ମୁଗରେ ଭିଟାମିନ୍ ଏ, ବି, ବି-୬, ସି ଓ ଇ, ମ୍ୟାଗ୍ନେସିୟମ, କପର, ଫୋଲେଟ୍, ରାଇବୋଫ୍ଲାବିନ, ଫାଇଭର, ପୋଟାସିୟମ, ଫସଫରସ, ମ୍ୟାଗ୍ନେସିୟମ, ଆଇରନ, ନିୟାସିନ୍, ଥାୟାମିନ, ପ୍ରୋଟିନ୍ ଆଦି ପୋଷକ ତତ୍ତ୍ୱ ଭରି ରହିଛି ।

**ମସ୍ତିଷ୍କର ଉତ୍ତମ ବିକାଶ:** ଗଜାମୁଗରେ ପୋଷକ ତତ୍ତ୍ୱ ଓ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ପ୍ରଚୁର ପରିମାଣରେ ରହିଛି । ଏହାକୁ ସେବନ କରିବା ଦ୍ୱାରା ବ୍ରେନ ସୁସ୍ଥ ରହିଥାଏ । ଏହା ମସ୍ତିଷ୍କ ବିକାଶ କ୍ଷେତ୍ରରେ ଖୁବ୍ ସାହାଯ୍ୟ କରିଥାଏ ।

**ଡାଇବେଟିସ:** ଏହା ମଧ ମଧୁମେହ ରୋଗୀଙ୍କ ଲାଗି ଖୁବ ଲାଭଦାୟକ । ଏହି ମୁଗ ଡାଇବେଟିଜ୍ ରୋଗୀ ବିନା ଦ୍ୱିଧାରେ ଖାଇପାରିବେ । ଗଜାମୁଗ ଡାଇବେଟିସ ସ୍ତରକୁ ନିୟନ୍ତ୍ରଣରେ ରଖିଥାଏ ।

**କ୍ୟାନସରରୁ ରକ୍ଷା କରେ:** ଏହାକୁ ସେବନ କରିବା ଫଳରେ



କ୍ୟାନସର ବଢ଼ାଇଥିବା ଫ୍ରି ରେଡିକଲ୍ସକୁ ହ୍ରାସ କରିବାରେ ସହଯୋଗ କରେ । ଏଥିସହିତ ସ୍କିନ୍ କ୍ୟାନସର ଭଳି ଗମ୍ଭୀର ରୋଗରୁ ରକ୍ଷା କରିଥାଏ ।

**ହୃଦୟକୁ ସୁସ୍ଥ ରଖେ:** ଏକ ରିସର୍ଚ୍ଚ ଅନୁସାରେ ସପ୍ତାହକୁ ଥରେ ଅଙ୍କୁରିତ ମୁଗ ଖାଇବା ଫଳରେ ହୃଦୟ ସମ୍ବନ୍ଧିତ ରୋଗ କବଳରୁ ମୁକ୍ତି ମିଳିଥାଏ । ଏକ୍ସପର୍ଟଙ୍କ ଅନୁସାରେ, ଏହା ବ୍ଲଡ ପ୍ରେସରକୁ ନିୟନ୍ତ୍ରଣ କରି କାର୍ଡିଯୋବେସ୍କୁଲର ହେଲଥକୁ ଉତ୍ତମ ସହାୟତା କରିଥାଏ ।

**ଓଜନ କମ୍ କରେ:** ଓଜନ ହ୍ରାସରେ ମଧ ଏହା ସହାୟକ ହୁଏ । କାରଣ ଏହାକୁ ଖାଇବା ଫଳରେ ଏହା ହଜମ ହେବାକୁ ଖୁବ୍ ସମୟ ଲାଗେ । ଯେଉଁ କାରଣରୁ ଭୋକ କମ ହୁଏ । ଗଜାମୁଗ ମେଟାବଲିଜ ସ୍ତରକୁ ବୃଦ୍ଧି କରିଥାଏ । ଏହା ଓଜନକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ ।

**ଏନିମିଆରୁ ରକ୍ଷା କରେ:** ଏଥିରେ ମଧ ଅଧିକ ମାତ୍ରାରେ ଆଇରନ ରହିଥାଏ । ଏହା ସେବନ କରିବା ଦ୍ୱାରା ଏନିମିଆ ସମସ୍ୟା ଦୂର ହୋଇଥାଏ ।

**ଉତ୍ତମ ପାଚନ ତତ୍ତ୍ୱ:** ଏତ୍‌ସହ ଏଥିରେ ଫାଇବର, ଆଇରନ ଅନ୍ୟ ପୋଷକ ତତ୍ତ୍ୱରେ ଭରପୁର ହୋଇଥାଏ । ଏହାକୁ ସେବନ କରିବା ଫଳରେ ପାଚନ ତନ୍ତ୍ର ଉତ୍ତମ ରହିଥାଏ । ଏମିତିରେ କବଜ ଓ ପେଟ ସମ୍ବନ୍ଧୀୟ ଅନ୍ୟ ସମସ୍ୟାରୁ ରକ୍ଷା କରିଥାଏ ।

## ଓଜନ କମାଇବ କଲରା

**ନି**ୟମିତ କଲରା ଖାଇବା ଦ୍ୱାରା ଓଜନ କମିଥାଏ । ଆପଣ ଚାହିଁଲେ କଲରା ଜୁସ୍ ପିଇପାରିବେ । ଏହାବ୍ୟତୀତ କଲରାର ବିଭିନ୍ନ ଆଇଟମ୍ ପ୍ରସ୍ତୁତ କରି ଖାଇ ପାରିବେ । କଲରା ଖାଇବା ଦ୍ୱାରା ଓଜନ ନିୟନ୍ତ୍ରିତ ହୋଇଥାଏ । କଲରାରେ କ୍ୟାଲୋରୀ, ଫାଇବର, ଭିଟାମିନ୍-ସି ଓ ଏ, ଫୋଲେଟ୍, ପୋଟାସିୟମ୍ ଓ ଜିଙ୍କ୍ ଆଦି ଭରପୂର ମାତ୍ରାରେ ମିଳିଥାଏ । ଏହା କେବଳ ଓଜନ କମାଇ ନଥାଏ ବରଂ ମଧୁମେହ, ରୋଗ ପ୍ରତିରୋଧକ ଶକ୍ତି ଓ ତ୍ୱଚା ପାଇଁ ଖୁବ୍ ଫାଇଦା ଦେଇଥାଏ ।

ଇନ୍‌ସୁଲିନ୍‌କୁ ନିୟନ୍ତ୍ରିତ କରେ: ଏକ ଗ୍ଲାସ୍ କଲରା ଜୁସ୍ ପିଇବା ଦ୍ୱାରା ରକ୍ତରେ ଶର୍କରାସ୍ତର ନିୟନ୍ତ୍ରିତ ରହିଥାଏ । ଓଜନ କମାଇବା ପାଇଁ ରକ୍ତରେ ଶର୍କର ସ୍ତର କମ୍ ରହିବା ବହୁତ ଜରୁରୀ । ଏଥିସହିତ କଲରା ଜୁସ୍ ପିଇବା ଦ୍ୱାରା ଇନ୍‌ସୁଲିନ୍‌ର ସ୍ତରକୁ ବଜାୟ ରଖେ ।

କ୍ୟାଲୋରୀ ମାତ୍ରା କମ୍: ଓଜନ କମାଇବା ପାଇଁ ଦିନକୁ କମ୍‌ରୁ କମ୍ କ୍ୟାଲୋରୀ ଖାଇବାକୁ ପ୍ରୟାସ କରିବା ଉଚିତ୍ । ଏହାଦ୍ୱାରା କାର୍ବୋହାଇଡ୍ରେଟ୍ ଓ ଚର୍ବିର ମାତ୍ରା କମ୍ ହୋଇଥାଏ । ଚର୍ବି କମିବା ଦ୍ୱାରା ଆପଣ ସାରା ଦିନ ସକ୍ରିୟ ରହିପାରିବେ ।



ଫାଇବରରେ ଭରା: ଓଜନ କମାଇବା ପାଇଁ ହଜମ ପ୍ରକ୍ରିୟା ଠିକ୍ ରହିବା ଆବଶ୍ୟକ । କାରଣ ଖାଦ୍ୟ ଠିକ୍ ଭାବେ ହଜମ ନ ହେବା ଦ୍ୱାରା କବ୍‌ଜ, ଗ୍ୟାସ୍ ଓ ବଦହଜମ୍ ଆଦି ସମସ୍ୟା ହୋଇଥାଏ । କିନ୍ତୁ କଲରା ଖାଇବା ଦ୍ୱାରା ଆପଣଙ୍କ ଶରୀରକୁ ଭରପୁର ମାତ୍ରାର ଫାଇବର ମିଳିଥାଏ । ଫଳରେ ଦିନରେ ଅଧିକ ଭୋକ ଲାଗି ନଥାଏ । ତେଣୁ ଓଜନ ବଢିବାର ସମ୍ଭାବନା କମ୍ ରହିଥାଏ ।

ଭିଟାମିନ୍-ସି 'ରେ ଭରପୂର: ଭିଟାମିନ୍-ସି 'ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ । ଫଳରେ ଅତିରିକ୍ତ ଚର୍ବିକୁ କମ୍ କରିଥାଏ । ସେହିପରି ରୋଗ ପ୍ରତିରୋଧକ ଶକ୍ତିକୁ ମଜଭୁତ କରିଥାଏ ।

ତ୍ୱଚା ପାଇଁ: ଏହା ଓଜନ କମାଇବା ସହ ତ୍ୱଚାରେ ଉଜ୍ଜ୍ୱଳତା ଆଣିଥାଏ । ତ୍ୱଚାକୁ ସୁସ୍ଥ ରଖିଥାଏ । ଏଥିରେ ଥିବା ଭିଟାମିନ୍ ଏ ଓ ଆଣ୍ଟିଅକ୍ସିଡାଣ୍ଟ ତ୍ୱଚାକୁ ସୁନ୍ଦର ଓ ଦାଗହୀନ କରିଥାଏ ।

## ରକ୍ତଚାପ ନିୟନ୍ତ୍ରଣ କରିଥାଏ ବିଟ୍

**ବ**ଜାରରେ ପ୍ରଚୁର ପରିମାଣରେ ବିଟ୍ ମିଳିଥାଏ । ଏହା ପାଟି ସୁଆଦିଆ ନ ହେଲେ ମଧ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ । ବିଶେଷ କରି ରକ୍ତଚାପ ରୋଗୀଙ୍କ ପାଇଁ ଏହା ବହୁ ଉପକାରୀ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏକ ଗବେଷଣା କରି ସୂଚାଇଛନ୍ତି । ପ୍ରାୟ ୬୮ ଲୋକଙ୍କୁ ନେଇ ଏକ ପରୀକ୍ଷା କରାଯାଇଥିଲା । ଯେଉଁମାନେ ଖାଦ୍ୟରେ ବିଟ୍ ସାମିଲ କରିଛନ୍ତି ସେମାନଙ୍କ ଠାରେ ରକ୍ତଚାପ ନିୟନ୍ତ୍ରିତ ହୋଇଛି । ଏହାର ଜୁସ୍ କରି ପିଇଲେ ସବୁଠୁ ଭଲ । ବିଟରେ ଭିଟାମିନ୍ ବି ଓ ସି' ସହିତ ଫସଫରସ୍, କ୍ୟାଲସିୟମ, ପ୍ରୋଟିନ୍ ଓ ଆଣ୍ଟିଅକ୍ସିଡାଣ୍ଟ ରହିଛି । ବିଟ୍ ଖାଇଲେ ରକ୍ତ ସଫା ହୋଇଥାଏ । ଖାଲି ଏତିକି ନୁହେଁ, ଏଥିରେ ଥିବା ଫସଫରସ କେଶ ବୃଦ୍ଧିରେ ସାହାଯ୍ୟ କରିଥାଏ ।

## ଆପଣ ଜାଣନ୍ତି କି ?

- ପୃଥିବୀର ସମସ୍ତ ସ୍ଥାନରେ ମାଧାକର୍ଷଣ ଶକ୍ତି ସମାନ ନ ଥାଏ ।
- ମାଡାଗାସ୍କରରେ ଦେଖା ଯାଉଥିବା ଲିଫ୍ କ୍ୟାମେଲିୟନ ହେଉଛି ପୃଥିବୀର ସବୁଠାରୁ କ୍ଷୁଦ୍ରତମ ସରୀସୃପ । ଏହାର ଲମ୍ବ ମାତ୍ର ଗୋଟେ ଇଞ୍ଚ ।
- କୁକୁ ୱାସ୍ପ ନାମକ ଏକ ପ୍ରକାର ବିରୁଡି ପ୍ରଜାତି ରହିଛି ଯାହା କୋଇଲି ଭଳି ଅନ୍ୟ କୀଟଙ୍କ ବସାରେ ଯାଇ ଅଣ୍ଡା ଦେଇଥାଏ । ଏହାର ଶରୀରର ରଙ୍ଗ ଇନ୍ଦ୍ରଧନୁର ରଙ୍ଗ ଭଳି ସପ୍ତରଙ୍ଗ ବିଶିଷ୍ଟ ।
- ମହାକାଶଚାରୀଙ୍କ ଅନୁଯାୟୀ ଚନ୍ଦ୍ର ପୃଷ୍ଠର ଧୂଳି ଅତ୍ୟନ୍ତ ନରମ ଏବଂ ଏହାର ବାସ୍ନା ବାରୁଦ ଭଳି ।
- ପୃଥିବୀର ସବୁଠାରୁ ଉତ୍ତପ୍ତ ସ୍ଥାନ ଲିବ୍ୟାର ଏକ ଅଜିଜିଆ ହୋଇଥିବା ବେଳେ ସବୁଠାରୁ ଶୀତଳତମ ସ୍ଥାନ ହେଉଛି ଆଣ୍ଟାର୍କଟିକା ।
- ୧୨୫୦ ମସିହାରେ ରୋଜର ବେକୋନଙ୍କ ଦ୍ୱାରା ଜବକାଚ ବା ମାଗ୍ନିଫାଇଙ୍ଗ୍ ଗ୍ଲାସର ଉଦ୍ଭାବନ କରାଯାଇଥିଲା ।
- ମିଦାସ ଫ୍ଲାଏ ହେଉଛି ପୃଥିବୀର ସର୍ବବୃହତ୍ ମାଛି ପ୍ରଜାତି । ଏହାର ଲମ୍ବ ୭ ସେଣ୍ଟିମିଟର ଯାଏ ରେକର୍ଡ କରାଯାଇଛି ।
- ପୃଥିବୀର ସବୁଠାରୁ ଉଚ୍ଚତମ ସ୍ଥାନ ମାଉଣ୍ଟ ଏଭରେଷ୍ଟ ହୋଇଥିବା ବେଳେ ସବୁଠାରୁ ଗଭୀରତମ ସ୍ଥାନ ହେଉଛି ମେରିଆନା ଟ୍ରେଞ୍ଚ ।
- ଗୋଟିଏ ଟନ୍ କାଗଜକୁ ରିସାଇକଲ କରାଗଲେ ପ୍ରାୟ ୧୭ ଟି ଗଛ କଟାଯିବାରୁ ରକ୍ଷା କରାଯାଇ ପାରିବ ।
- ଆଭାକାଡୋ ଗଛର ଉଚ୍ଚତା ପ୍ରାୟ ୬୩ ଫୁଟ୍ ଯାଏଁ ବୃଦ୍ଧି ପାଇଥାଏ ।
- ଭେନେଜୁଏଲାର ଏଞ୍ଜେଲ ଫଲ୍ ଦୁନିଆର ସବୁଠାରୁ ଉଚ୍ଚା ଝରଣା ଯାହାର ଉଚ୍ଚତା ୩୨୧୨ ଫୁଟ୍ ।

## କହିପାରିବେ କି ?

୧) କରୋନା ଭାଇରସ୍‌ର ପ୍ରଥମ ମାମଲା ଭାରତର କେଉଁ ରାଜ୍ୟରେ ଦେଖା ଯାଇଥିଲା ?
(୨) ରାଷ୍ଟ୍ରୀୟ ସୁରକ୍ଷା ଦିବସ କେବେ ପାଳନ କରାଯାଏ ?
(୩) ନନ୍ଦ ବଂଶର ଶେଷ ରାଜା କିଏ ଥିଲେ ?
(୪) ମେଗାଓ ଗୁମ୍ଫା କେଉଁ ଦେଶରେ ଅଛି ?
(୫) ତେନିଲିପୁରମ୍ ଅନ୍ତରାଷ୍ଟ୍ରୀୟ ପକ୍ଷୀ ଭାରତର କେଉଁ ରାଜ୍ୟରେ ରହିଛି ?
(୬) ଭାରତର ପ୍ରଥମ ଜିଓଲଜିକାଲ ପାର୍କ କେଉଁଠାରେ ନିର୍ମାଣ କରାଯିବ ?
(୭) ବେଦାନ୍ତମ୍ ସତ୍ୟନାରାୟଣ କେଉଁ ନୃତ୍ୟ ସହିତ ଜଡ଼ିତ ?
(୮) କେଉଁ ଦେଶ ସବୁଠୁ ଅଧିକ ଥର ଫୁଟବଲ୍ ବିଶ୍ୱକପ୍ ଜିତିଛି ?
(୯) ଇନ୍ଦ୍ରଙ୍କ ସାରଥି ନାମ କ'ଣ ?
(୧୦) ବଲିଉଡର କେଉଁ ଅଭିନେତ୍ରୀ ପ୍ରଥମେ 'ପଦ୍ମଶ୍ରୀ' ପାଇଥିଲେ ?

### JUMBLE WORDS

| | | | |
|---|---|---|---|
| 1) RRLEAG | = | 6) BSILS | = |
| 2) WADAR | = | 7) NFORT | = |
| 3) MRYMU | = | 8) RIOHAD | = |
| 4) SAGNIS | = | 9) SLTEED | = |
| 5) GDLEEP | = | 10) CDIYE | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. ପ୍ରଧାନମନ୍ତ୍ରୀ, ୨. ଋଷଭ ନାଥ, ୩. ୧୩ ଟି, ୪.କୁନାଲ ବସୁ, ୫. ହିମାଚଳ ପ୍ରଦେଶ, ୬. ୧୯୧୬, ୭. ପିଟ୍ୟୁଟାରି ଗ୍ରନ୍ଥି, ୮. ୨୮ ଜୁଲାଇ, ୯. ଫୁଟବଲ, ୧୦. ଜନ୍ମେଜୟ ।

***Jumble Words*** ର ଉତ୍ତର **:-**

(1) ONION (2) EAGLE (3) CUDDLE (4) RATIFY (5) BUDDY
(6) OFTEN (7) OUTAGE (8) BISHOP (9) VINYL (10) EASILY

# ମନ୍ତ୍ରର ଅର୍ଥର... (ପଞ୍ଚମ ପୃଷ୍ଠାର ଅବଶିଷ୍ଟାଂଶ)

ଯସତ୍ୟଜ୍ଞାନାଦି ଲକ୍ଷଣମ୍- ବିଦ୍ୟାରଣ୍ୟ ସ୍ୱାମୀ; ଅର୍ଥାତ୍- ଯଃ ସତ୍ୟ ଓ ଜ୍ଞାନର ସ୍ୱରୂପ ଅଟେ ।

'ନଃ'ର ଅର୍ଥ- ଆମମାନଙ୍କର, ତଃ ଅସ୍ମଦୀୟା ତଃ ଅସ୍ମକମ୍ । ନଃ ବହୁବଚନ ପାଇଁ ପ୍ରଯୁକ୍ତ ହୋଇଥାଏ । 'ମୁଁ' ଏକାକୀ ପାଇଁ ଓ 'ଆମେ' ବହୁତ ବା ସମସ୍ତଙ୍କ ପାଇଁ ହୋଇଥାଏ । ଗାୟତ୍ରୀରେ ଶୁଭକାମନା ବା କଲ୍ୟାଣର ପ୍ରାର୍ଥନା ସମସ୍ତଙ୍କ ପାଇଁ କରି ହୃଦୟର ଉଦାରତା ଓ ବିଶାଳତାର ପରିଚୟ ଦିଆଯାଇଛି । ପରମାତ୍ମାଙ୍କୁ ପ୍ରାର୍ଥନା କରାଯାଇଛି ଯେ ସମସ୍ତଙ୍କୁ ସଦ୍‌ବୁଦ୍ଧିର ପ୍ରକାଶ ମିଳୁ । ନଃ ଶବ୍ଦ ଏହାର ଦ୍ୟୋତକ ।

'ପ୍ରଚୋଦୟାତ୍'- ଏହାର ଅର୍ଥ ପ୍ରେରଣା ଦେବା, ଯୋଡ଼ିବା, ବଢ଼ାଇବା । ଗାୟତ୍ରୀ ଦ୍ୱାରା ସେହି ସବିତାଙ୍କର, ବରେଣ୍ୟ, ଭର୍ଗର ଧ୍ୟାନ କରାଯାଏ । ଏଥିରେ ବସ୍ତୁଗୁଡ଼ିକର ନୁହେଁ, ସଦ୍‌ବୁଦ୍ଧିର ପ୍ରାର୍ଥନା ରହିଛି । ପରମାତ୍ମାଙ୍କ ଠାରୁ ବୁଦ୍ଧିକୁ ପ୍ରେରିତ କରିବାର ଯାଚନା କରାଯାଇଛି । ସେ ଆମର ବୁଦ୍ଧିକୁ ପ୍ରେରଣା ଦିଅନ୍ତୁ, ଯଦ୍ୱାରା ଉତ୍ସାହିତ ହୋଇ ଆମେ ନିଜ ଅନ୍ତଃକରଣର ନିର୍ମାଣରେ ଲାଗି ପଡ଼ିବା ।

ଗାୟତ୍ରୀ ମନ୍ତ୍ରରେ 'ପ୍ରଚୋଦୟାତ୍' ଶବ୍ଦ ବହୁତ ମାର୍ମିକ । ଏଥିରେ ଆତ୍ମାର ଗୌରବର ସମ୍ପୂର୍ଣ୍ଣ ରକ୍ଷା କରାଯାଇଛି । ଆତ୍ମା ଶକ୍ତିଗୁଡ଼ିକର ଭଣ୍ଡାର । ସେଥିରେ ସେହି ସବୁ ଶକ୍ତି ମହଜୁଦ ଅଛି, ଯାହାର ସହାୟତାରେ ଆମେ ମନ ମୁତାବକ ସ୍ଥିତି ତଥା ବସ୍ତୁ ପ୍ରାପ୍ତ କରି ପାରିବା । ବାସ୍, ଏହା ଏହି ମନ୍ତ୍ରର ପ୍ରାଣ, କାରଣ ବୁଦ୍ଧି ଶୁଦ୍ଧ ହେବା ବିନା ଯାହା କିଛି ପ୍ରାପ୍ତ ହୁଏ ତାହାର ସଦୁପଯୋଗ ହୋଇ ନ ଥାଏ ଏବଂ ଯାହାର ସଦୁପଯୋଗ ହୁଏ ନାହିଁ, ତାହା ବ୍ୟର୍ଥ ଅଟେ । ଯାହାର ବୁଦ୍ଧି ଶୁଦ୍ଧ ହୋଇଯାଏ, ତା'ର ଗାୟତ୍ରୀ ସିଦ୍ଧ ହୋଇଯାଏ ।

ମନ୍ତ୍ର ସାଧନା ହେତୁ ନିମ୍ନଲିଖିତ ବିଶେଷ ସମୟ, ମାସ, ତିଥି ଓ ନକ୍ଷତ୍ରର ଧ୍ୟାନ ରଖିବା ଉଚିତ ।

୧. ଉତ୍ତମ ମାସ- ସାଧନା ହେତୁ କାର୍ତ୍ତିକ, ଆଶ୍ୱିନ, ବୈଶାଖ, ମାର୍ଗଶୀର, ଫାଲ୍‌ଗୁନ ଓ ଶ୍ରାବଣ ମାସ ଉତ୍ତମ ହୋଇଥାଏ ।

୨. ଉତ୍ତମ ତିଥି- ମନ୍ତ୍ର ଜପ ହେତୁ ପୂର୍ଣ୍ଣିମା, ପଞ୍ଚମୀ, ଦ୍ୱିତୀୟା, ସପ୍ତମୀ, ଦଶମୀ ଓ ତ୍ରୟୋଦଶୀ ତିଥି ଉତ୍ତମ ହୋଇଥାଏ ।

୩. ଉତ୍ତମ ପକ୍ଷ- ଶୁକ୍ଳ ପକ୍ଷରେ ଶୁଭ ଚନ୍ଦ୍ର ଓ ଶୁଭ ଦିନ ଦେଖି ମନ୍ତ୍ର ଜପ କରିବା ଉଚିତ । ୪. ଉତ୍ତମ ଦିବସ- ରବିବାର, ଶୁକ୍ରବାର, ବୁଧବାର ଓ ଗୁରୁବାର ମନ୍ତ୍ର ସାଧନା ପାଇଁ ଉତ୍ତମ ହୋଇଥାଏ ।

୫. ଉତ୍ତମ ନକ୍ଷତ୍ର- ପୁନର୍ବସୁ, ହସ୍ତା, ତିନି ଉତ୍ତରା, ଶ୍ରବଣା, ରେବତୀ, ଅନୁରାଧା ଓ ରୋହିଣୀ ନକ୍ଷତ୍ର ମନ୍ତ୍ର ସିଦ୍ଧି ହେତୁ ଉତ୍ତମ ହୋଇଥାଏ ।

# ପୁନଶ୍ଚ ଠାକୁରପଡ଼ା

**ଡକ୍ଟର ଶ୍ରୀବନ୍ତ ଦାଶ**

ନମ୍ର, କମ୍ର, ଭଦ୍ର ଓ ମାର୍ଜିତ ଏକ ପୌରୁଷ । ଗତକାଲି 'କିର୍ମିରା' ବ୍ଲକ ସ୍ଥିତ ଏକ 'ସରଳ, ନିକାଞ୍ଚନ ପଲ୍ଲୀ ଠାକୁରପଡ଼ାର ଅବୋଧହୁଏ ଆତଯାତ ହେଉଥିଲେ । ଆଜି ସେ ସମ୍ପୂର୍ଣ୍ଣ ଠିକଣାହୀନ । ତାଙ୍କ ସହିତ ଯେତେବେଳେ ବି ସାକ୍ଷାତ ହୁଏ ମୁହଁରେ ସାମାନ୍ୟ ହସ ସହିତ ଧୀରକଣ୍ଠରେ କହୁଥିଲେ 'ଭଲ ଅଛନ୍ତି ? ହଁ କହିଲେ, ଆହୁରି ଖୁସୀ ହୁଅନ୍ତି, ପାଖରେ ବସେଇ (ଜଳ ଯୋଗ ଅବସରରେ) ପଚାରନ୍ତି 'ଆଜି କ'ଣ କହିବେ ?' ଏଇ ଲେଖକକୁ କେତେଥର ସୁଯୋଗ ମିଳିଛି, ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ସହିତ, ମଞ୍ଚ ଉପରେ ବସିବାର । ସର୍ବ ପ୍ରଥମ ଥର, ସୁଯୋଗ ମିଳିଥିଲା ସମ୍ବଲପୁର ସ୍ଥିତ 'ପ୍ରଜାତନ୍ତ୍ର' ପରିସରରେ ଅନୁଷ୍ଠିତ ଏକ ସଭାରେ (ଦିନ, ତାରିଖ ଓ ବର୍ଷ କିଛି ମନେ ପଡୁନି) । ଆଲୋଚନାର ବିଷୟବସ୍ତୁ ଥିଲା - ଶିଳ୍ପାୟନ ଓ ଆଞ୍ଚଳିକ ବୈଷମ୍ୟ । ଲେଖକ ଜଣେ ବକ୍ତା ହିସାବରେ ନିମନ୍ତ୍ରିତ ହୋଇଥିବା ବେଳେ, ସେ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲେ- ସ୍ୱର୍ଗତ ବିଶ୍ୱାଳ ଓ ଶ୍ରୀଯୁକ୍ତ ପ୍ରସନ୍ନ କୁମାର ହୋତା, ଆଇ.ଏ.ଏସ୍ (ସେତେବେଳେ ବୋଧହୁଏ ରାଉରକେଲା ଇସ୍ପାତ କାରଖାନାରେ କାର୍ଯ୍ୟରତ ଥିଲେ । ଲେଖକ ସମସ୍ତଙ୍କ ଠାରୁ କନିଷ୍ଠ (ବୟସରେ ଥିବାରୁ ତାକୁ ପ୍ରଥମେ କହିବାକୁ ସୁଯୋଗ ମିଳିଥିଲା । ସେ ମତ ପୋଷଣ କରିଥିଲେ । ଯେ ଯଦିଓ 'ଆଞ୍ଚଳିକ ବୈଷମ୍ୟ' ଦୂର କରିବାକୁ 'ଶିଳ୍ପାୟନ' ଏକ ମାଧ୍ୟମ ହୋଇପାରେ, ତାହା ଯଦି ଯୋଜନାବଦ୍ଧ ଓ ଶୃଙ୍ଖଳିତ ଭାବରେ ନ ହୁଏ, ତେବେ ଏ 'ବୈଷମ୍ୟ' ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିବ । ଲେଖକର ମନେ ଅଛି, ସମ୍ମାନିତ ଅତିଥି (ଶ୍ରୀଯୁକ୍ତ ବିଶ୍ୱାଳ' ଓ ମୁଖ୍ୟବକ୍ତା (ଶ୍ରୀଯୁକ୍ତ ହୋତା) ଏପରି ଏକ ମତକୁ ତାଙ୍କ ଭାଷଣ ମାଧ୍ୟମରେ ଯୁକ୍ତିଯୁକ୍ତ ବୋଲି କହିଥିଲେ । ଏଇ ଘଟଣାର ଅନେକ ବର୍ଷ ପରେ ଝାରସୁଗୁଡ଼ା ଜିଲ୍ଲା ଅଇତାପାଲି ଗ୍ରାମର ଉଚ୍ଚ ଇଂରାଜୀ ବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ପାଳନ ଅବସରରେ, ପୁଣି ଶ୍ରୀଯୁକ୍ତ ବିଶ୍ୱାଳଙ୍କ ସହିତ ସଭାମଞ୍ଚ ଉପରେ ବସିବାର ସୁଯୋଗ ମିଳିଥିଲା ମୁଖ୍ୟବକ୍ତା ରୂପେ । ଆଶ୍ଚର୍ଯ୍ୟ ସେ ଲେଖକକୁ ମନେ ପକେଇ ଦେଲେ, ସମ୍ବଲପୁର ସଭାର । ଶିଳ୍ପାୟନ ଓ ଆଞ୍ଚଳିକ ବୈଷମ୍ୟ । ଲେଖକ, କୃତଜ୍ଞତା ଜ୍ଞାପନ କରୁକରୁ ମ୍ରିୟମାଣ ହୋଇ ପଡ଼ିଥିଲା । ଏଇଟା ଥିଲା ତାଙ୍କର ଏକ ଐଶ୍ୱରୀୟ ଗୁଣ । ବୟସରେ ଜଣେ ଯେତେ ଛୋଟ ହେଲେ ମଧ, ଯଦି ସାମାନ୍ୟ ଭାବରେ କିଛି ଗୁଣର ଅଧିକାରୀ, ସେ ତାକୁ ଯଥେଷ୍ଟ ପ୍ରୋତ୍ସାହିତ କରୁଥିଲେ । ଏହା ମଧ ଏକ ଶିକ୍ଷକ ସୁନ୍ଦରଗଣ । ଯାହା ହେଲେ ମଧ ସେ ତ ଶିକ୍ଷକତାରୁ ହିଁ ତାଙ୍କ ଜୀବନଧାରା ଆରମ୍ଭ କରିଥିଲେ । ଏହାପରେ ଆସେ କୋଲାବିରା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ସମାରୋହ । ଲେଖକ ମୁଖ୍ୟବକ୍ତା, ଶ୍ରୀଯୁକ୍ତ ସମ୍ମାନିତ ଅତିଥି । ପୁଣି ସାଦର ସମ୍ଭାଷଣ ।

ଦିଲ୍ଲୀରେ ଥାଇ ଯେଉଁମାନେ ଓଡ଼ିଶା ତଥା ଭାରତର ଭାଗ୍ୟ ନିର୍ଦ୍ଧାରଣ କରୁଥିଲେ, ହଠାତ୍ ସତେ ଯେପରି ସେ ସମସ୍ତେ ହାତରେ ଖଣ୍ଡେ ଲେଖାଏଁ ଦୂରବୀକ୍ଷଣ ଯନ୍ତ୍ର ଧରି ଖୋଜି ବସିଲେ, ଓଡ଼ିଶା ଭିତରେ ଠାକୁରପଡ଼ାର ଅବସ୍ଥିତ ସେହି ଗ୍ରାମର ଜଣେ (ସ୍ୱର୍ଗତ ବିଶ୍ୱାଳ) ନ ହେଲେ ଓଡ଼ିଶା ଚଳେଇବା କଷ୍ଟକର ହେବ । ଶ୍ରୀଯୁକ୍ତ ବିଶ୍ୱାଳ ଦିଲ୍ଲୀ ଗଲେ ଫେରି ଆସିଲେ । ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ହେଲେ । ମାତ୍ର ପରିସ୍ଥିତି ଏ ସରକାରକୁ ସ୍ୱଳ୍ପାୟୁ କରିଦେଲା । ଓଡ଼ିଶାର ଶାସନଡୋରି ଧରିବାରେ ହାତର ପରିବର୍ତ୍ତନ ହେଲା । ମାତ୍ର ଏ କ'ଣ ? ଦୁଇ ତିନି ବର୍ଷ ଯାଇଛି କି ନାହିଁ ମୁଁ ପୁନଶ୍ଚ ଠାକୁରପଡ଼ା, ସ୍ୱର୍ଗତ ବିଶ୍ୱାଳ ପୁଣି ଗଲେ ଦିଲ୍ଲୀ, ଫେରିଆସି ପୁଣି ଥରେ ହେଲେ ମୁଖ୍ୟମନ୍ତ୍ରୀ । ଏହି ସରକାର ମଧ ଥିଲା ସ୍ୱଳ୍ପାୟୁ । ସ୍ୱର୍ଗତ ବିଶ୍ୱାଳ ଥିଲେ ନିରାସକ୍ତ । ବ୍ଲକ ଚେୟାରମେନ ହେବା ପରେ ଛ'ଥର ବିଧାୟକ ଓ ଥରେ ସୁନ୍ଦରଗଡ଼ର ଲୋକ ସଭା ସାଂସଦ । ମାତ୍ର କ୍ଷମତାର ଅଳିନ୍ଦରୁ ବାହାରି ଆସୁ ଆସୁ ସେ ଚାଲିଗଲେ, ନିଜ ବିଲବାଡ଼ିକୁ । ସେକ୍ରେଟାରିଏଟରୁ 'ବିଲହିଡ଼' ବ୍ୟକ୍ତିଗତ ଜୀବନରେ ଏହାର କିଛି ପ୍ରଭାବ ପଡ଼ି ନ ଥିଲା । ସେ ଥିଲେ ମାଟିର ମଣିଷ । ଜାଣେ ନାହି ହରି ଜାଣେ ନାହି ପୁରୀ ।

ଏ ଜନ୍ମର ତୀର୍ଥକ୍ଷେତ୍ର ଗାଁ ବିଲବାଡ଼ି, ଏହାର ମର୍ମ ସେ ବୋଧହୁଏ ବୁଝି ପାରିଥିଲେ ।

ପରିସ୍ଥିତି ଦୃଷ୍ଟିରୁ କେବେ ଯଦି କେହି ଖୋଜେ 'ପୁନଶ୍ଚ ଠାକୁରପଡ଼ା ତେବେ ସେ ନିରାଶ ହେବ ନାହିଁ । ଠାକୁରପଡ଼ା ଅଛି ଥିବ ମଧ । ମାତ୍ର ସେ ଗାଁରେ ପହଞ୍ଚିଲା ପରେ ହୁଏତ ଅନୁଭବ କରିବ, ଠାକୁରପଡ଼ା ତ ଅଛି, ମାତ୍ର ମାଡ଼ି ମାଡ଼ି ପଡ଼ିଲା ଭଳି ଲାଗୁଛି କାହିଁକି ? ସ୍ୱାଭାବିକ ସ୍ଥିତିକୁ ଆସିବା ପରେ ଫଁକରି ନିଶ୍ୱାସ ଟାଏ ଛାଡ଼ିବ, ଠାକୁରପଡ଼ାର ଆତ୍ମାଟି ନାହିଁ ପରା । ପୁନଶ୍ଚ ଠାକୁରପଡ଼ା ଆଉ ଥରେ ଭାବି ପାରିବ କି ?

**ଅବସରପ୍ରାପ୍ତ ଅଧ୍ୟକ୍ଷ, ଗଙ୍ଗାଧର ମେହେର କଲେଜ, ସମ୍ବଲପୁର**

# ହେମାନନ୍ଦଙ୍କ ଅଧୁରା ସ୍ୱପ୍ନ

**ଆକାଶ କୁମାର ମହାପାତ୍ର**

ହେମାନନ୍ଦ ବିଶ୍ୱାଳ ଆଉ ଇହଲୋକରେ ନାହାନ୍ତି, ତାଙ୍କର ପରଲୋକ ହୋଇ ସାରିଛି । ସେ ଓଡ଼ିଶା, ତଥା ଆଦିବାସୀ ସମାଜର ସାମୁହିକ ବିକାଶ ପାଇଁ ଦୀର୍ଘ ପଚାଶ (୫୦) ରୁ ଉର୍ଦ୍ଧ୍ୱ ସମୟର ଧରି ଅନବରତ, ନିସ୍ୱାର୍ଥପର ଭାବରେ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ଲୋକଙ୍କ ସେବା କରିଛନ୍ତି ।

ସେ ଯେ କେବଳ ପଶ୍ଚିମ ଓଡ଼ିଶାର କଂଗ୍ରେସର ନାବ ଧରିଥିଲେ ତା ନୁହେଁ, ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସହିତ ଓଡ଼ିଶା କଂଗ୍ରେସରେ ସାଇକେଲର ଦୁଇ ଚକ ସଦୃଶ କଂଗ୍ରେସ ଦଳ ପାଇଁ ଓଡ଼ିଶାରେ ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ନେହୁତ ତଥା ମଙ୍ଗ ସମ୍ଭାଳି ଥିଲେ । ଆଜି ସାଇକଲ ଅଲୋଡ଼ା ତ, ଚକ କଥା କିଏ ବା ପଚାରେ ? ଶିକ୍ଷକତାରୁ ଦୁଇ ଦୁଇ ଥର ମୁଖ୍ୟମନ୍ତ୍ରୀ ଏକ ବିରଳ ସଫଳତା, ଏହାଠୁ ବି ବଡ଼ ସଫଳତା ଅନ୍ୟ ରାଜନେତାଙ୍କୁ ଭବିଷ୍ୟତରେ ମିଳିପାରେ କିନ୍ତୁ ମିଳି ନ ପାରେ ସେହି ମହାନ ଗୁଣର ଅଧିକାରୀ ଯେ କି ଏକାଧାରରେ ସତ୍ୟର ପୁଜାରୀ ଗରିବଙ୍କ ଅନ୍ନଦାତା, ଶୋଷିତ ଓ ଅବହେଳିତଙ୍କ ନ୍ୟାୟଦାତା । ସରଳ, ନିଷ୍କପଟ, କର୍ମଜୀବୀ, ଦୁଃଖୀ, ଦରିଦ୍ରଙ୍କ ସାଥୀ ସତେ ଯେମିତି ଗୋପବନ୍ଧୁଙ୍କ ଅଧୁରା ସ୍ୱପ୍ନ ସାକାର ଲାଗି ପଡିଥିଲେ ହେମାନନ୍ଦ ।

ଏକଦା ସେ ଓଟିଭିର ଖୋଲାକଥା ପୋଗ୍ରାମରେ କହିଥିଲେ ଗୋପରେ ବଢୁଛି କଳା କହ୍ନେଇ । ଏହା ତାଙ୍କର ରାଜନୈତିକ ଇଚ୍ଛା ଥିଲା । ସେ ଚାହୁଁଥିଲେ କଳା କହ୍ନେଇ ହୋଇ କଂଗ୍ରେସରେ କୁଷ୍ଟସାଜି ଦଳର ମଙ୍ଗ ଧରିବ ଓ ସମାଜରୁ ଦୁର୍ନୀତି ପାପ ଦୂର କରି କଂଗ୍ରେସ ତଥା ସମାଜକୁ ଏକ ଆଦର୍ଶ, ସତ୍ୟ ଶାନ୍ତି ଓ ପ୍ରଗତିର ଓଡ଼ିଶା ଦେବ । ହେଲେ ସେ କଳା କହ୍ନେଇ କିଏ ?

ହେମାନନ୍ଦଙ୍କ ପୁତ୍ର ଶୋଭନ ବିଶ୍ୱାଳଙ୍କ ଦୁର୍ଘଟଣାରେ ଅକାଳ ବିୟୋଗ ହେମାନନ୍ଦଙ୍କୁ ଅଧାଭାଙ୍ଗି ଦେଇଥିଲା, ସେଦିନ ଠୁ ସେ ଅଞ୍ଚଳର ଯୁବକ, ଶିକ୍ଷକ ଓ ରାଜନୀତି ପ୍ରତି ରୁଚି ଥିବା ଯୁବକଙ୍କୁ ରାଜନୈତିକ ଉତ୍ତରାଧିକାରୀ ଭାବରେ ଦେଖିବାକୁ ଚାହୁଁଥିଲେ । ତନ୍ମଧ୍ୟରେ କୋଲାବିରାର ପୂର୍ବତନ ବ୍ଲକ ଚେୟାରମେନଙ୍କ ପୁଅ ସ୍ୱର୍ଗତ ହରେନ୍ଦ୍ର ନାୟକ । ଦ୍ୱିତୀୟ ଯୁବକ ହେଲେ କୋଲାବିରା ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ୱର୍ଗତ ଭବାନୀ ମହାପାତ୍ରଙ୍କ ନାତି ପୂର୍ବତନ ପିସିସି ସଭ୍ୟ ବିରେନ୍ଦ୍ର ମହାପାତ୍ରଙ୍କ ପୁତ୍ର ଆକାଶ ମହାପାତ୍ର । ଉଚ୍ଚ ଶିକ୍ଷିତ ଯୁବକ, ଘର ଯାହାର ରାଜନୈତିକ ପାଠଶାଳା ଓ ଆକାଶଙ୍କ ବାଲ୍ୟ ଜୀବନ କଟିଛି (ହେମାନନ୍ଦ ଓ ଶୀବଲ୍ଲଭ ପାଣିଗ୍ରାହୀ)ଙ୍କ ଘରେ ମହାନ୍ ରାଜନୈତିକ ଗୁରୁଙ୍କ ଠାରେ । ତୃତୀୟ ଯୁବକ ହେଲେ ରାଜୁ ମାଫିଦାର, ଯାହାଙ୍କର ପିତା ଓ ପରିବାର ଉଭୟ କଂଗ୍ରେସ ଦଳ ପାଇଁ କାମକରି ଆସିଛନ୍ତି । ହେଲେ ବିଡ଼ମ୍ବନା ଏହି ତିନି ଯୁବକଙ୍କ ମଧ୍ୟରେ କେହି ପ୍ରତ୍ୟକ୍ଷ ରାଜନୀତିରେ ନାହାନ୍ତି । ଏମିତିକା ଏକଦା ହେମାନନ୍ଦ ବିଶ୍ୱାଳ କହିଥିଲେ କଂଗ୍ରେସିଆ ମାନେ ନିଜର ସ୍ୱାର୍ଥକୁ ଏଡ଼େଇ ଦେଇ ନିଜ ସାମର୍ଥ୍ୟର ଅଧା ଉତ୍ସର୍ଗୀକୃତ ଭାବେ ଦଳର ସେବା କଲେ କଂଗ୍ରେସକୁ କେହି କ୍ଷମତାକୁ ଫେରିବାକୁ ରୋକି ପାରିବେ ନାହିଁ । ଏ ଓଡ଼ିଶା ଏକ ସତ୍ୟ, ନ୍ୟାୟ, ଉନ୍ନତିର ଓଡ଼ିଶା ହୋଇପାରିବ, ଏକ ସୁଶାସନ, ଦ୍ୱିତୀୟ ମୁକ୍ତି ଅତ୍ୟାଚାର ଓ ଶୋଷଣ ମୁକ୍ତ ସ୍ୱାଧିନତା ଓ ଶାନ୍ତି ଓ ପ୍ରଗତିର ସମାଜ ଗଠନ ହୋଇ ପାରିବ । ଶେଷରେ ଶାନ୍ତି, ସତ୍ୟ ଓ ନ୍ୟାୟର ଓଡ଼ିଶା ହେମାନନ୍ଦଙ୍କ ଅଧୁରା ସ୍ୱପ୍ନ ହୋଇ ରହିଗଲା ।

ତାଙ୍କର ଗୋଟିଏ ଝିଅ ଆଜି ଅନ୍ୟ ରାଜନୀତିକ ଦଳରେ ଓ ଭାଇ ମଧ ଅନ୍ୟ ଦଳରେ ଓ ତାଙ୍କର ଅନେକ ଅନୁଗତ କଂଗ୍ରେସ କର୍ମୀମାନେ ମଧ ଦଶନ୍ଧି, ଦଶନ୍ଧିର ସମ୍ପର୍କ ଓ ଆଦର୍ଶକୁ ଛାଡି ଅନ୍ୟ ଦଳରେ । ସତେ ଯେମିତି ବାପା ବୁଢ଼ା ହୋଇଗଲେ ଅଲୋଡା ହୋଇଯାଏ ।

**କୋଲାବିରା, ଝାରସୁଗୁଡ଼ା**

# ଟେକଚାନ୍ଦ ଦୁଆନଙ୍କ ମାତୃ ବିୟୋଗ

ବରଗଡ଼ : ସୋହେଲା କଲେଜର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ଟେକଚାନ୍ଦ ଦୁଆନଙ୍କ ମାତା କର୍ପୂର ଦୁଆନଙ୍କ ସୋହେଲା ନିକଟସ୍ଥ କନଗାଁରେ ପରଲୋକ ହୋଇ ଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ହେଉଥିଲା । ସେ ଗତ ଛ ମାସ ହେବ ଅସୁସ୍ଥ ଥିଲେ । ଜ୍ୟେଷ୍ଠ ପୁତ୍ର ଟେକଚାନ୍ଦ ମୁଖାଗ୍ନି ଦେଇଥିଲେ । ଅନ୍ୟ ଦୁଇ ପୁତ୍ର ଧାନଚାନ୍ଦ ଓ ପ୍ରେମଚାନ୍ଦ ତଥା ପୁତ୍ରବଧୂ ମମତା ନିରୁପମା, ସରୋଜିନୀ ନାତୁଣୀ ମାମୁଲି ଗୁଡଲି ଲଭଲି ଏମଲି ଉପସ୍ଥିତ ଥିଲେ । ସଂସ୍କାର ସମୟରେ ସୋହେଲା କଲେଜର ଷ୍ଟାଫ୍ ତଥା ପ୍ରମୋଦ ଦେବତା, ସୁଶାନ୍ତ ମିଶ୍ର ଓ ବନ୍ଧୁ ବର୍ଗ ଉପସ୍ଥିତ ଥିଲେ । ସେ ଜଣେ ଶାନ୍ତ ଶିଷ୍ଟ ଧର୍ମପରାୟଣା ମହିଳା ଥିଲେ ।

# ୨୦୧୭ ତୁଳନାରେ ବିଜେଡି ଭୋଟ୍ ୧୦.୫୫% ବଢ଼ିଛି

ଭୁବନେଶ୍ୱର: ଏଥର ପଞ୍ଚାୟତ ନିର୍ବାଚନରେ ରାଜ୍ୟର ୮୯.୯% (୭୬୬) ଜିଲ୍ଲା ପରିଷଦ ଆସନ ଦଖଲ କରିଛି ବିଜୁ ଜନତା ଦଳ । ଏହା ସର୍ବକାଳୀନ ରେକର୍ଡ । ୫୨.୭% ଭୋଟରଙ୍କ ରାୟ ବିଜେଡି ସପକ୍ଷରେ ଯାଇଛି ଏବଂ ୪୭% ଗାଁ ଲୋକଙ୍କ ମତ ବିଜେପି, କଂଗ୍ରେସ, ଜେଏମଏମ, ବାମଦଳ ଏବଂ ସ୍ୱାଧୀନ ପ୍ରାର୍ଥୀ ବାଣ୍ଟିନେଇଛନ୍ତି । ୧୮ ଜିଲ୍ଲାର ଭୋଟର ଜଣେ ହେଲେ କଂଗ୍ରେସ ନେତାଙ୍କୁ ଜିଲ୍ଲା ପରିଷଦକୁ ନିର୍ବାଚିତ କରି ନାହାନ୍ତି । ଆଉ ୫ ଜିଲ୍ଲା ପରିଷଦ ବୈଠକରେ କେବଳ ଜଣେ ଲେଖାଏଁ ସଦସ୍ୟ ବସିଥିବା ଦେଖିବାକୁ ମିଳିବ । କୋରାପୁଟ ଜିଲ୍ଲା ପରିଷଦରେ କଂଗ୍ରେସ ସ୍ଥିତି ଅପେକ୍ଷାକୃତ ଭଲ ଥିବାରୁ ସେଠାରେ ବିଜେଡି-କଂଗ୍ରେସ ମୁକାବିଲାମୂଳକ ସ୍ଥିତିରେ ରହିବେ । ଆହୁରି ଉଲ୍ଲେଖନୀୟ କଥାଟି ହେଲା, କଂଗ୍ରେସର ସଫଳତା ଦକ୍ଷିଣ ସୀମାନ୍ତ ଜିଲ୍ଲାରେ ଅଟକିଯାଇଛି । ଦଳ ହାତକୁ ଯାଇଥିବା ୩୭ ଜୋନରୁ କେବଳ ୨୨ଟି ଏହି ଅଞ୍ଚଳରେ । ଏହାକୁ ବାଦ ଦେଲେ ବଲାଙ୍ଗୀରରେ ୪ଟି, କନ୍ଧମାଳରେ ୩ଟି ଓ ବାଲେଶ୍ୱରରେ ୨ଟି ଜୋନ୍‌ରେ କଂଗ୍ରେସ ଜିତିଛି । ବିଜେପି ନିଜ ଗଡ ଉତ୍ତର ଓ ପଶ୍ଚିମ ଓଡ଼ିଶାରେ ଶୋଚନୀୟ ପ୍ରଦର୍ଶନ କରିଛି । ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝରରେ ବିଜେପି ୭ଟି ଆସନ ଦଖଲ କରିଥିବା ବେଳେ ପଶ୍ଚିମ ଓଡ଼ିଶାରେ ଆସନ ସଂଖ୍ୟା ୨୦ ରହିଛି । ଅବଶିଷ୍ଟ ଓଡ଼ିଶାରୁ ୧୫ ପ୍ରାର୍ଥୀ ଜିତିଛନ୍ତି ।

ନବୀନ ପଟ୍ଟନାୟକଙ୍କ ୨୨ବର୍ଷର ଶାସନ, ପରୀ ଠାରୁ ମମିତା ମେହେର ହତ୍ୟା ପ୍ରସଙ୍ଗ ଏବଂ ଧାନ କିଣା ଠାରୁ ଆରମ୍ଭ କରି ଘର ନିର୍ମାଣରେ ଅନିୟମିତତା ଆଦି ଭୋଟରଙ୍କୁ ଭାରାକ୍ରାନ୍ତ କରିନାହିଁ । ଏପରିକି ସାରା ରାଜ୍ୟର କୋଣ ଅନୁକୋଣରେ ଦଳୀୟ ନେତାମାନେ ଲୋକଙ୍କ କଡ଼ା ବିରୋଧ ସାମ୍ନା କରିବା ସତ୍ତ୍ୱେ ଭୋଟ ଉପରେ ଏହାର ପ୍ରଭାବ ଆପାତତଃ ନାହିଁ ।

ବରଂ ୨୦୧୭ ତୁଳନାରେ ୨୦୨୨ ବା ସଦ୍ୟ ସମାପ୍ତ ପଞ୍ଚାୟତ ନିର୍ବାଚନରେ ବିଜୁ ଜନତା ଦଳର ଭୋଟ ୧୦.୫୫% ବଢ଼ିଛି; ଦଳ ଖାତାକୁ ଅଧିକ ୨୯୦ ଆସନ ଯାଇଛି । ଯଦି ୨୦୧୯ ବିଧାନସଭା ନିର୍ବାଚନର ମତଦାନ ହାର ସହିତ ପଞ୍ଚାୟତ ନିର୍ବାଚନର ଭୋଟରଙ୍କ ରାୟର ଏକ ତୁଳନାତ୍ମକ ଚିତ୍ର ଅଙ୍କାଯିବ, ତେବେ ଦେଖାଯାଉଛି ଯେ ଶାସକ ଦଳ ଗାଁ ଭୋଟରଙ୍କ ରୋଷର ଶିକାର ହୋଇନାହାନ୍ତି, ବରଂ ଆସ୍ଥା ଜିଣିଛନ୍ତି । ୨୭ଲକ୍ଷ ୩୬ ହଜାର ୪୨୭ ଅଧିକ ଭୋଟ ବିଜେଡି ଖାତାକୁ ଯାଇଛି । ୨୦୧୭ରେ ୬ ନବୀନଙ୍କ ଦଳକୁ ୮୩ଲକ୍ଷ ୫୩ ହଜାର ୨୮୫ ଭୋଟ ମିଳିଥିଲା । ଏଥର ଏହା ବୃଦ୍ଧି ପାଇ ୧କୋଟି ୧୦ଲକ୍ଷ ୮୯ । ହଜାର ୭୧୨ରେ ପହଞ୍ଚିଛି । ସେହିଭଳି ୨୦୧୯ ବିଧାନସଭା ତୁଳନାରେ ୬.୯% ଏବଂ ଲୋକସଭା ଭୋଟ ହାର ତୁଳନାରେ ବିଜେଡିକୁ ୪,୦୨% ଅଧିକ ମତ ମିଳିଛି । ଏଠାରେ ପ୍ରଣିଧାନ ଯୋଗ୍ୟ ଯେ ୪୭% ଭୋଟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବା ତାଙ୍କ ଦଳ ସହିତ ନାହାନ୍ତି । ଅନୁରୂପ ଫର୍ମୁଲାରେ ବିଜେପିର ସ୍ଥିତି ତଉଲିଲେ ଦେଖାଯାଉଛି ଯେ ୨୦୧୭ ନିର୍ବାଚନରେ ସେମାନଙ୍କୁ ୬୭ଲକ୍ଷ ୬୧ ହଜାର ୪୯୬ ଭୋଟ ମିଳିଥିଲା । ଏଥର ଭୋଟରଙ୍କ ସଂଖ୍ୟାରେ ବୃଦ୍ଧି ଘଟିଥିଲେ ହେଁ, ୪ଲକ୍ଷ ୩୭ ହଜାର ୭୫୦ ଭୋଟର ବିଜେପିରୁ ମୁହଁ ଫେରାଇ ନେଇଛନ୍ତି । ଭୋଟ ପ୍ରତିଶତରେ ଦେଖିଲେ; ୨୦୧୭ରେ ଗେରୁଆ ଦଳକୁ ୩୪, ୧୨% ଭୋଟ ମିଳିଥିଲା । ଏଥର ୪.୦୨ ପ୍ରତିଶତ ହ୍ରାସ ଘଟିଛି । ୨୦୧୯ ବିଧାନସଭା ନିର୍ବାଚନକୁ ମାପକ ଭାବେ ନେଲେ ୨.୫% ଏବଂ ଲୋକସଭା କ୍ଷେତ୍ରରେ ୮.୨୭% ପ୍ରତିଶତ ଭୋଟର ଗେରୁଆ ଦଳକୁ ମୁହଁ ମୋଡ଼ି ଦେଇଛନ୍ତି । ଦଳ ୨୫୫ ଜିଲ୍ଲା ପରିଷଦ ଆସନ ହରାଇଲା । ରାଜନୈତିକତ ମହଲ ୨୦୧୭ ନିର୍ବଚାନ ସହିତ ତୁଳନା କରିବା ବେଳେ ଦେଖିଛନ୍ତି ଯେ ମାତ୍ର ପାଞ୍ଚବର୍ଷ ବ୍ୟବଧାନରେ କଂଗ୍ରେସ ୨୩ଟି ଜିଲ୍ଲା ପରିଷଦ ଆସନ ହରାଇଛି ଏବଂ ଗାଁରେ ୫.୦୪% ଲୋକଙ୍କ ସମର୍ଥନ ହରାଇଛି । ୨୦୧୯ ବିଧାନସଭା ନିର୍ବାଚନ ଭୋଟ ହାର ସହିତ ତୁଳନା କଲେ ୩.୧% ଏବଂ ଲୋକସଭା କ୍ଷେତ୍ରରେ ୧.୧୩% ଭୋଟର କଂଗ୍ରେସକୁ ଆଉ ଭୋଟ୍ ଦେବାକୁ ଚାହିଁ ନାହାନ୍ତି । କୌତୁହଳର କଥା ହେଲା ଯେ ୨୦୧୭ ରେ ୫.୦୯ ପ୍ରତିଶତ ଭୋଟ ସ୍ୱାଧୀନ ଓ ଅନ୍ୟାନ୍ୟ ବର୍ଗଙ୍କୁ ଯାଇଥିଲା ଓ ସେମାନେ ୧୬ଟି ଜୋନ ଦଖଲ କରିଥିଲେ । ଏଥର ୩.୬% ଭୋଟ୍ ପାଇଛନ୍ତି ଏବଂ ୭ଟି ଆସନ ଦଖଲ କରିଛନ୍ତି ।

## ସମ୍ବଲପୁର ମହାନଗର ନିର୍ବାଚନ କରାଯିବାକୁ ରତି ମହାନ୍ତିଙ୍କ ଦାବି

ସମ୍ବଲପୁର : ସମ୍ବଲପୁର ମହାନଗର ନିଗମରେ ନିର୍ବାଚନ କରିବା ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଶ୍ରମିକ ନେତା ରତିକାନ୍ତ ମହାନ୍ତି ଦାବି କରିଛନ୍ତି । ଶ୍ରୀ ମହାନ୍ତି ଏକ ବିବୃତିରେ କହିଛନ୍ତି ଯେ, ସାଧାରଣ ନିର୍ବାଚନ ଶେଷ ହେବାପରେ ସେହି ବର୍ଷ ନଭେମ୍ବର ମାସରେ ସମ୍ବଲପୁର ରାଜ୍ୟର ୫ମ ମହାନଗରର ମାନ୍ୟତା ପାଇଥିଲା । ୨୦୧୫ ରେ ସମ୍ବଲପୁର ମହାନଗର ନିଗମର ନିର୍ବାଚନ ପାଇଁ ୱାର୍ଡ ସଂରକ୍ଷଣ ତାଲିକା ପ୍ରକାଶ ପାଇଥିଲା । ୫ଟି ଯାକ ୱାର୍ଡକୁ ସଂରକ୍ଷିତ ବର୍ଗ ପାଇଁ ରଖାଯିବାକୁ ବିରୋଧ କରି ହାଇକୋର୍ଟରେ ଏକ ମାମଲା ଦାଏର କରିଥିଲେ । ହାଇକୋର୍ଟ ଏହା ଉପରେ ସରକାରଙ୍କୁ ନୋଟିସ୍ କରି ଜବାବ ମାଗିଥିଲେ । କିନ୍ତୁ ୮ ବର୍ଷ ବିତି ଯାଇଥିଲେ ବି ସରକାରଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଗଲା ନାହିଁ । ନା ତ୍ରୁଟିପୂର୍ଣ୍ଣ ସଂରକ୍ଷଣ ତାଲିକାକୁ ସରକାର ସଂଶୋଧନ କଲେ ନା ତାହା ଠିକ୍ ଅଛି ବୋଲି ହାଇକୋର୍ଟକୁ ଜଣାଇଲେ । ଫଳରେ ମାମଲା ଝୁଲି ରହିଲା । ସରକାର ତ୍ରୁଟିପୂର୍ଣ୍ଣ ସଂରକ୍ଷଣ ତାଲିକା ଜାରି କରିବାରୁ ହାଇକୋର୍ଟରେ କେସ୍ ହେଲା । ସରକାର ଯଦି ତାକୁ ସୁଧାରି ଦେବେ ତା ହେଲେ ମାମଲା ସେଇଠି ଶେଷ ହୋଇଯିବ । କିନ୍ତୁ ସରକାର ଉଦ୍ୟମ କରି ନାହାନ୍ତି କି ଚାହିଁ ନାହାନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

## ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦର ବାର୍ଷିକୋତ୍ସବ ମାର୍ଚ୍ଚ ୨୦ରେ

ସମ୍ବଲପୁର : ଆସନ୍ତା ମାର୍ଚ୍ଚ ୨୦ ତାରିଖ ଦିନ ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦର ବାର୍ଷିକୋତ୍ସବ ସମ୍ବଲପୁର ଠାରେ ଅନୁଷ୍ଠିତ ହେବ । ପରିଷଦର ସଭାପତି ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ପରିଷଦର କାର୍ଯ୍ୟକାରୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଏହି ଉତ୍ସବରେ କନ୍ଧମାଳ ସମେତ ପଶ୍ଚିମ ଓଡ଼ିଶାର ୧୧ଟି ଜିଲ୍ଲାରୁ କୀର୍ତ୍ତନ କଳାକାର ଯୋଗ ଦେବେ । ରାଜ୍ୟ ସଂସ୍କୃତି ମନ୍ତ୍ରୀ ଓ ସଚିବଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ଅତିଥି ରୂପେ ଯୋଗ ଦେବାକୁ ନିମନ୍ତ୍ରଣ କରିବା ପାଇଁ ମଧ ବୈଠକରେ ସ୍ଥିର କରାଯାଇଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଏକ ସ୍ମରଣିକା ପ୍ରକାଶ କରିବା ପାଇଁ ଧାର୍ଯ୍ୟ କରାଯାଇଛି । ସଂକୀର୍ତ୍ତନ ସମ୍ବନ୍ଧୀୟ ଆଧାତ୍ମିକ ଲେଖା ଗୁଡିକ ଆସନ୍ତା ମାସ ୧୦ ତାରିଖ ସୁଦ୍ଧା ହେମନ୍ତ କୁମାର ମହାପାତ୍ର, ଲେବର କଲୋନୀ, ମୁଦିପଡା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ କରାଯାଇଛି । ଅନ୍ୟାନ୍ୟ ମାନଙ୍କ ମଧରେ ପରିଷଦର ସମ୍ପାଦକ ଲୋକନାଥ ମିଶ୍ର, କୋଷାଧକ୍ଷ ରାଧାକାନ୍ତ ପାଣିଗ୍ରାହୀ, ସମ୍ବଲପୁର ଜିଲ୍ଲା ସଭାପତି ସନ୍ତୋଷ କୁମାର ବାରିକ, ପରିଷଦର ପୂର୍ବତନ ସଭାପତି ରାଜେନ୍ଦ୍ର କୁମାର ଅଗ୍ରୱାଲ, ବରଗଡ଼ର ବିଶିଷ୍ଟ କୀର୍ତ୍ତନ ଗାୟକ ରାଜେନ୍ଦ୍ର ବେହେରା, ଉତ୍ତମ ମହାକୁଡ଼ ଓ ପୁଷ୍ପଲତା ପଟେଲ ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ ।

## ବରଗଡ଼ରେ ହେମାନନ୍ଦ ବିଶ୍ୱାଳଙ୍କୁ ଶ୍ରଦ୍ଧାଞ୍ଜଳି

ବରଗଡ଼ : ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ବିୟୋଗରେ ହରଦୀପ ସିଂଙ୍କ ସଂଯୋଜନାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା । ଏହି ଶ୍ରଦ୍ଧାଞ୍ଜଳି ସଭାରେ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ପୂର୍ବତନ ମନ୍ତ୍ରୀ ବିମ୍ବାଧର କୁଅଁର, ପୂର୍ବତନ ମନ୍ତ୍ରୀ ରିପୁନଥ ସେଠ, ପୂର୍ବତନ ବିଧାୟକ ବାଳ ଗୋପାଲ ମିଶ୍ର, ନିହାର ରଞ୍ଜନ ମହାନନ୍ଦ, କଂଗ୍ରେସ ନେତା ପ୍ରଦୀପ ଦେବତା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଅନ୍ୟମାନଙ୍କ ମଧରେ କଂଗ୍ରେସ ନେତା ନିପନ ଦାଶ, ଯୁଗଳ ପ୍ରସାଦ ସିଂ, ବରିଷ୍ଠ ଓକିଲ ଶିରିଶ ବଲ୍ଲଭ ମିଶ୍ର, ନିଧୁବନ ବିହାରୀ ପ୍ରସାଦ ପଣ୍ଡା, ଯୋଶୀ,ଅଶୋକ ଦାଶ, ଦଧିମନ ଶତପଥୀ, ବିଜେଡି ନେତା କିଶୋର ମିଶ୍ର, ପୂର୍ଣ୍ଣ ପ୍ରଧାନ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।


### ଘୋଷଣା

୧୯୫୬ ମସିହା ରେଜିଷ୍ଟ୍ରେଶନ ଅଫ୍ ନ୍ୟୁଜ୍ ପେପର୍ସ (ସେଣ୍ଟ୍ରାଲ) ନିୟମ ଅନୁସାରେ ସାପ୍ତାହିକ 'ସ୍ୱୀକାର'ର ବିବରଣୀ (ଫର୍ମ ୧ ଅଷ୍ଟମ ଧାରା)

| | | | |
|---|---|---|---|
| ୧. | ପ୍ରକାଶ ସ୍ଥାନ | - | ସମ୍ବଲପୁର |
| ୨. | ପ୍ରକାଶ ସମୟ | - | ପ୍ରତ୍ୟେକ ସପ୍ତାହର (ରବିବାର) |
| ୩. | ମୁଦ୍ରାକରଙ୍କ ନାମ | - | ହେମନ୍ତ କୁମାର ମହାପାତ୍ର |
| | ଜାତୀୟତା | - | ଭାରତୀୟ |
| | ଠିକଣା | - | ସି/୬, ଲେବରକଲୋନୀ, ମୁଦିପଡ଼ା, ସମ୍ବଲପୁର, ୭୬୮୦୦୨ |
| ୪. | ପ୍ରକାଶକଙ୍କ ନାମ | - | ହେମନ୍ତ କୁମାର ମହାପାତ୍ର |
| | ଜାତୀୟତା | - | ଭାରତୀୟ |
| | ଠିକଣା | - | ସି/୬, ଲେବରକଲୋନୀ, ମୁଦିପଡ଼ା, ସମ୍ବଲପୁର, ୭୬୮୦୦୨ |
| ୫. | ସମ୍ପାଦକଙ୍କ ନାମ | - | ହେମନ୍ତ କୁମାର ମହାପାତ୍ର |
| | ଜାତୀୟତା | - | ଭାରତୀୟ |
| | ଠିକଣା | - | ସି/୬, ଲେବରକଲୋନୀ, ମୁଦିପଡ଼ା, ସମ୍ବଲପୁର, ୭୬୮୦୦୨ |
| ୬. | ସ୍ୱତ୍ୱାଧିକାରୀଙ୍କ ନାମ | - | ହେମନ୍ତ କୁମାର ମହାପାତ |
| | ଠିକଣା | - | ସି/୬, ଲେବରକଲୋନୀ, ମୁଦିପଡ଼ା, ସମ୍ବଲପୁର, ୭୬୮୦୦୨ |

ଆମ୍ଭେ ଶ୍ରୀ ହେମନ୍ତ କୁମାର ମହାପାତ୍ର ଏତଦ୍ୱାରା ଘୋଷଣା କରୁଅଛୁ କି ଉପରୋକ୍ତ ବିବରଣୀମାନ ସତ୍ୟ ବୋଲି ଆମ୍ଭର ବିଶ୍ୱାସ ଓ ହୃଦ୍‌ବୋଧ ହୋଇଅଛି ।

**ହେମନ୍ତ କୁମାର ମହାପାତ୍ର,**
**ପ୍ରକାଶକ, 'ସ୍ୱୀକାର'**

**ତା.୫/୦୩/୨୦୨୨**



### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ହେମାନନ୍ଦ ବିଶ୍ୱାଳ ସଚ୍ଚୋଟ ଓ ନିର୍ଭୀକ ରାଜନୀତିଜ୍ଞ ଥିଲେ
















## ସାପ୍ତାହିକ 'ସ୍ୱୀକାର' ପକ୍ଷରୁ ଶୋକସଭା ଓ ସର୍ବଧର୍ମ ପ୍ରାର୍ଥନା

ସମ୍ବଲପୁର : ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳ ଜଣେ ସଚ୍ଚୋଟ, ନିର୍ଭୀକ, ଦରଦୀ ରାଜନୀତିଜ୍ଞ ହେବା ସାଙ୍ଗକୁ ମାଟିର ମଣିଷ ଥିଲେ ବୋଲି ବିଶିଷ୍ଟ ବ୍ୟକ୍ତି ମାନେ ମତପ୍ରକାଶ କରିଛନ୍ତି ।

ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ବିୟୋଗରେ ସାପ୍ତାହିକ 'ସ୍ୱୀକାର' ପକ୍ଷରୁ ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର ଠାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ଶୋକସଭା ଓ ସର୍ବଧର୍ମ ପ୍ରାର୍ଥନାରେ ଯୋଗ ଦେଇ ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା କହିଥିଲେ ଯେ, ସ୍ୱର୍ଗତ ବିଶ୍ୱାଳ ଜଣେ ସରଳ ଓ ନିଷ୍କଳଙ୍କ ବ୍ୟକ୍ତି ଥିଲେ । କ୍ଷମତାର ପଶାପାଲିରେ ରହିଥିଲେ ମଧ ସେ କେବେ ଦୁର୍ନୀତିଗ୍ରସ୍ତ ହୋଇ ନ ଥିଲେ ।

ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ଅଶ୍ୱିନୀ ଗୁରୁ କହିଥିଲେ ଯେ, ସ୍ୱର୍ଗତ ବିଶ୍ୱାଳ ସମାଜ ପାଇଁ ପଥପ୍ରଦର୍ଶକ ଥିଲେ । ସତ୍ୟକୁ ଲୋକଲୋଚନକୁ ଆଣିବାରେ ସେ କୁଣ୍ଠାବୋଧ କରୁ ନ ଥିଲେ । ତୃଣମୂଳସ୍ତରରେ ଲୋକଙ୍କ ସହ ତାଙ୍କର ଗଭୀର ସମ୍ପର୍କ ଥିଲା । ସାହସ ଓ ଧୈର୍ଯ୍ୟର ଅଧିକାରୀ ସ୍ୱର୍ଗତ ବିଶ୍ୱାଳ ପଶ୍ଚିମ ଓଡିଶାକୁ ଆଗେଇ ନେବାରେ ବହୁ କାମ କରିଥିଲେ ।

ପ୍ରଫେସର ଶଙ୍କର ପ୍ରସାଦ ପତି କହିଥିଲେ ଯେ, ଏକ ନିପଟ ମଫସଲରୁ ଯାଇ ଶ୍ରୀ ବିଶ୍ୱାଳ କ୍ଷମତାର ଶୀର୍ଷ ସ୍ଥାନରେ ପହଞ୍ଚିଥିଲେ । ସେ ଜଣେ ସଂସ୍କୃତିପ୍ରେମୀ ଥିଲେ ଓ ସମସ୍ତଙ୍କୁ ସାହାଯ୍ୟ କରୁଥିଲେ ।

ପ୍ରଫେସର ସୁଦର୍ଶନ ପୂଜାରୀ କହିଥିଲେ ଯେ, ସ୍ୱର୍ଗତ ବିଶ୍ୱାଳ ଜଣେ ନିର୍ମଳ ଓ ସାଧୁ ପୁରୁଷ ଥିଲେ ।

ବିଶିଷ୍ଟ ଶିକ୍ଷାବିତ ଅରବିନ୍ଦ ମହାପାତ୍ର କହିଥିଲେ ଯେ, ସ୍ୱର୍ଗତ ବିଶ୍ୱାଳ ଶିକ୍ଷକତାରୁ କ୍ଷମତାର ଶୀର୍ଷ ସ୍ଥାନରେ ପହଞ୍ଚି ଲୋକଙ୍କ ସେବା କରୁଥିଲେ । ରାଜନୀତିରେ ତାଙ୍କ ଭଳି ଲୋକ ମିଳିବା କଷ୍ଟ । ଅନ୍ୟାନ୍ୟ ମାନଙ୍କ ମଧରେ ବରିଷ୍ଠ ସାମ୍ବାଦିକ ଅର୍ଜୁନ ରଞ୍ଜନ ପଣ୍ଡା ଓ ଓ ଶିବ ନନ୍ଦ, ଗୌରୀଶଙ୍କର ଦାଶ, ଦୁର୍ଗା ପାଢ଼ୀ, ସୁରଞ୍ଜନ ମହାପାତ୍ର, ଭକ୍ତ ପ୍ରସାଦ ନନ୍ଦ, ବଂଶୀଧର କର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ସଭା ପ୍ରାରମ୍ଭରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯିବା ପରେ ଅମର ଆତ୍ମାର ସଦଗତି ନିମନ୍ତେ ପଣ୍ଡିତ ସଚ୍ଚିଦାନନ୍ଦ ପ୍ରସାଦ ମିଶ୍ର କରଶର୍ମା ଭଗବତ ଗୀତା, ପାଷ୍ଟର ଏଲିମନ ପାଣି ବାଇବେଲ, ଜ୍ଞାନୀ ସୁରାଜିତ ସିଂ ଗୁରୁଗ୍ରନ୍ଥ ସାହିବ ଓ ମହମ୍ମଦ ଫାରୁଖ କୋରାନ ପାଠ କରିଥିଲେ । ପତ୍ରିକାର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ତ୍ତିକ ପ୍ରସାର ବହିଦାର ଶୋକ ପ୍ରସ୍ତାବ ଆଗତ କରିଥିଲେ ।

ଅନ୍ୟାନ୍ୟ ମାନଙ୍କ ମଧରେ ବିଇଡି କଲେଜର ପୂର୍ବତନ ଅଧକ୍ଷ ପ୍ରଫେସର ମୀନକେତନ ପାଠୀ, ଓଡ଼ିଶା ସାଂସ୍କୃତିକ ସମାଜର ସଭାପତି ପ୍ରଫୁଲ୍ଲ ହୋତା, ଶିକ୍ଷକ ନେତା ରାଜେନ୍ଦ୍ର ପଣ୍ଡା, ସମ୍ବଲପୁର ଜିଲ୍ଲା ଯୁବ କଂଗ୍ରେସର ପୂର୍ବତନ ସଭାପତି ସଞ୍ଜୟ ପଣ୍ଡା, ସରୋଜ କୁମାର ମହାପାତ୍ର, ନନ୍ଦ କିଶୋର ଅଗ୍ରୱାଲ, ସଚ୍ଚିଦାନନ୍ଦ ପ୍ରଧାନ, ସରୋଜ କୁମାର ସାମନ୍ତରାୟ, ରବୀନାରାୟଣ ମିଶ୍ର, ଜଗମୋହନ ଶର୍ମା, ଶଙ୍କର୍ଷଣ ଆଚାର୍ଯ୍ୟ, ରବିନାରାୟଣ ପଣ୍ଡା ଓ ଅଶୋକ ପଟେଲ ପ୍ରମୁଖ ଯୋଗ ଦେଇଥିଲେ ।

## ତ୍ରିନାଥ ଗୁଆଲ ବିଜେପିରେ ମିଶିଲେ



ଝାରସୁଗୁଡ଼ା : ବିଜେଡିର ରାଜ୍ୟ ସଂପାଦକ ଶ୍ରୀ ତ୍ରିନାଥ ଗୁଆଲ ପୌର ନିର୍ବାଚନ ପାଇଁ ଟିକଟ ବଣ୍ଟନରେ ଅସନ୍ତୋଷ ପ୍ରକାଶ କରି ବିଜେପିରେ ଯୋଗ ଦେଇଛନ୍ତି । ଜନତା ଦଳରୁ ରାଜନୀତି ଆରମ୍ଭ କରି ସେ ବିଜୁ ଜନତା ଦଳରେ ଦୀର୍ଘ ୨୫ ବର୍ଷ ଧରି ରହି ଆସିଥିଲେ । ସ୍ୱର୍ଗତ କିଶୋର ମହାନ୍ତିଙ୍କ ଜଣେ ଘନିଷ୍ଠ ସହଯୋଗୀ ରୂପେ ପରିଚିତ ଜୀବନ ବିନ୍ଦୁ ଜିଲ୍ଲା ସଂଯୋଜକ ଥିବା ଶ୍ରୀ ଗୁଆଲ ବର୍ତ୍ତମାନ ଜିଲ୍ଲା ଓକିଲ ସଂଘ ସଭାପତି ମଧ ଅଛନ୍ତି ।

## ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



ଝାରସୁଗୁଡ଼ା : ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ବଡ଼ମାଳ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଓ ସ୍ୱର୍ଗତ କିଶୋର ମହାନ୍ତିଙ୍କ ପୁଅ ପୁରୁଷୋତ୍ତମ ମହାନ୍ତିଙ୍କ ସମେତ ବହୁ ଦଳୀୟ ନେତୃବର୍ଗ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

## ଏଫସିଆଇ ଏକଜିକ୍ୟୁଟିଭ୍ ଷ୍ଟାଫ୍ ୟୁନିୟନ କର୍ମକର୍ତ୍ତାଙ୍କ ଗସ୍ତ



ସମ୍ବଲପୁର : ଭାରତୀୟ ଖାଦ୍ୟ ନିଗମର ଏକଜିକ୍ୟୁଟିଭ୍ ଷ୍ଟାଫ୍ ୟୁନିୟନର କର୍ମକର୍ତ୍ତାମାନେ ନିକଟରେ ସମ୍ବଲପୁର ଗସ୍ତରେ ଆସି କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସାଙ୍ଗକୁ ମଣ୍ଡଳ ପ୍ରବନ୍ଧକଙ୍କୁ ସାକ୍ଷାତ କରିଥିଲେ । ୟୁନିୟନର ରାଜ୍ୟ ସଭାପତି ସର୍ବେଶ କୁମାର ଝା, ସଂପାଦକ ବିଶ୍ୱରଞ୍ଜନ ଦାଶ, ପୂର୍ବତନ ରାଜ୍ୟ ସଭାପତି ଶ୍ୟାମ ସୁନ୍ଦର ମିଶ୍ର ପ୍ରମୁଖ ଏଫ.ସି.ଆଇର ସମ୍ବଲପୁର ମଣ୍ଡଳର ବିଭିନ୍ନ ଡିପୋ ଗସ୍ତ କରି କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ତଥା ସର୍ବଭାରତୀୟ ସ୍ତରରେ ଚାଲିଥିବା ଆନ୍ଦୋଳନରେ ସାମିଲ ହେବାକୁ କର୍ମଚାରୀମାନଙ୍କୁ ଅନୁରୋଧ କରିଥିଲେ ।

ଇତି ମଧରେ ଅଲଇଣ୍ଡିଆ ଏଫସିଆଇ ଏକଜିକ୍ୟୁଟିଭ୍ ଷ୍ଟାଫ୍ ୟୁନିୟନର ଅଧକ୍ଷ ଏସ.ଏସ୍. ଚଡ୍ଢା କହିଛନ୍ତି ଯେ, ଚଳିତ ମାସ ୮ ତାରିଖରେ ଦିଲ୍ଲୀର ଏଫସିଆଇ ମୁଖ୍ୟ କାର୍ଯ୍ୟାଳୟରେ ବିଭିନ୍ନ ଦାବି ନେଇ କର୍ମଚାରୀମାନଙ୍କ ପକ୍ଷରୁ ଧାରଣା ଦିଆଯିବ । ଏଫସିଆଇରେ ଷ୍ଟୋରେଜ୍ ଓ ଟ୍ରାନଜିଟ୍ କ୍ଷତିନାମରେ କର୍ମଚାରୀମାନଙ୍କ ଠାରୁ ରିକଭରି କରାଯାଉଥିବା ପ୍ରତିବାଦରେ ଏହି ଧାରଣା ଦିଆଯିବ ।

## ସୋନପୁର ୧ ନଂ ଜୋନରେ ବିଜେଡି ପ୍ରାର୍ଥୀ ବିଜୟୀ



ସୁବର୍ଣ୍ଣପୁର : ସୋନପୁର ୧ ନଂ ଜୋନରେ ବିଜେଡ଼ି ପ୍ରାର୍ଥୀ ଶ୍ରୀମତୀ ସସ୍ମିତା ମହାନ୍ତି ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଜେପି ପ୍ରାର୍ଥୀଙ୍କ ଠାରୁ ପ୍ରାୟ ୫ ହଜାର ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି । ବିଜେଡି କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ଶ୍ରୀ କରମଚାନ୍ଦ ମହାନ୍ତିଙ୍କ ପତ୍ନୀ ସସ୍ମିତା ଏହି ବିଜୟ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନର ଫଳ ବୋଲି ଅଭିହିତ କରିଛନ୍ତି ।

## ବିଜେଡ଼ିରେ ଝାରସୁଗୁଡ଼ା ଜିଲ୍ଲା ଛାତ୍ର କଂଗ୍ରେସର ସଭାପତି

ଝାରସୁଗୁଡ଼ା : ଝାରସୁଗୁଡା ଜିଲ୍ଲା ଛାତ୍ର କଂଗ୍ରେସର ସଭାପତି ନବନୀତ କୌରଙ୍କ ସହିତ ଅନେକ ବିଜେପି କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି । ଏହି ମିଶ୍ରଣ ପର୍ବରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ, ବିଜେଡିର



ଜିଲ୍ଲା ସହ ପର୍ଯ୍ୟବେକ୍ଷକ ବିଷ୍ଣୁ କେଡ଼ିଆ, ଜିଲ୍ଲା ଉପସଭାପତି ମନୋରଞ୍ଜନ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତାପସ ରାୟ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ । ଦଳରେ ନୂତନ ଭାବେ ଯୋଗ ଦେଇଥିବା କର୍ମୀଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press,Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra